# ଧରିତ୍ରୀ
DHARITRI

49 ୪୯

ଢେଙ୍କାନାଳ, ରବିବାର, ଡିସେମ୍ବର ୧୧/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Dhenkanal, Sunday, December 11/2022 Page 16 ₹ 7.00 ★★★★★

୧୮ଶ ଭାଗ ୨୯୩ ସଂଖ୍ୟା www.orissakhabar.com/www.dharitri.com | Printed at Angul VOLUME 18 ISSUE 293 ମୂଲ୍ୟ ₹୭/-





**ଦ୍ରୁତ ଦ୍ୱିଶତକ ହାସଲରେ ଇଶାନ କିଶନଙ୍କ ରେକର୍ଡ**

ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଦ୍ରୁତ ଦ୍ୱିଶତକ ହାସଲ କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି ଭାରତୀୟ ବ୍ୟାଟର ଇଶାନ କିଶନ। **୧୬**

**୧୫** **ତାପସୀଙ୍କୁ ପ୍ରଶଂସା**

ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଦ୍ୱାରା ଅଭିନୀତ ଏବଂ ପ୍ରଯୋଜିତ ଫିଲ୍ମ 'ବ୍ଲର'କୁ କ୍ରିଟିକ୍ସ ଖୁବ୍ ପ୍ରଶଂସା କରିଛନ୍ତି।






ଭୁବନେଶ୍ୱର ୟୁନିଟ୍-୬ ଖେଳପଡ଼ିଆରେ କେନେଲ କ୍ଲବ୍ ପକ୍ଷରୁ ଚାଲିଥିବା ଜାତୀୟ ଡଗ୍ ଶୋ'ର ଶନିବାର ଦ୍ୱିତୀୟ ଦିବସର ଓବିଡିଏନ୍ସ ଟ୍ରାଏଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଲ୍‌ଜିଆନ ମାଲିନଇସ୍ କୁକୁରମାନେ। **(ଫଟୋ- ବିକାଶ)**

# ନିର୍ମାଣ ନିଗମକୁ ବୁଡ଼ାଇବେ ଅଧିକାରୀ

## ସିଏଜି ରିପୋର୍ଟରେ ଦୁର୍ନୀତିର ଗନ୍ଧ

**ଓସିସିଏଲ୍‌ର ୨୦ କୋଟି ବରବାଦ**

**ଭୁବନେଶ୍ୱର, ୧୦।୧୨ (ବ୍ୟୁରୋ)**

ସରକାରୀ ସଂସ୍ଥା ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ(ଓସିସିଏଲ୍) ଡୁବିବାକୁ ବସିଲାଣି। ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ମିଳିମିଶି ନିଗମକୁ ତଳିତଳାନ୍ତ କରିବାରେ ଲାଗିଛନ୍ତି। କେତେଜଣ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଏହି ଲାଭଜନକ ସଂସ୍ଥାକୁ ଭିତରୁ ଖୋଳ କରିସାରିଲାଣି। ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ହେଉଥିବା ପୁଳାପୁଳା ଦୁର୍ନୀତି, ନିମ୍ନମାନର କାମ, ଠିକାଦାର ପ୍ରୀତି, ଅଯଥା ଅପଚୟକୁ ଅନୁମୋଦନ, ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଓସିସିଏଲ୍‌କୁ ଆର୍ଥିକ ସ୍ତରରେ ଦୁର୍ବଳକରି ଚାଲିଛି। ଅଧିକାରୀ ଏବଂ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ କମ୍ପାନୀକୁ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି)ଙ୍କ ଦ୍ୱାରା ଗତ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯାଇଥିବା ରିପୋର୍ଟରେ ଓସିସିଏଲ୍‌ର ଏଭଳି ଚାଞ୍ଚଲ୍ୟକର ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି।

ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି, ଜଳସମ୍ପଦ ବିଭାଗର ଡ୍ୟାମ୍, ସ୍ପିଲ୍‌ୱେ, ହାଇଡ୍ରୋଲିକ୍ ଫାଟକ, ବ୍ୟାରେଜ, ଜଳଭଣ୍ଡାର, କେନାଲ ଇତ୍ୟାଦି କାର୍ଯ୍ୟର ନିର୍ମାଣ ପାଇଁ ରାଜ୍ୟ ସରକାର ୧୯୬୧ରେ ଓସିସିଏଲ୍ ଗଠନ କରିଥିଲେ। ଏହାର ଦୈନନ୍ଦିନ କାର୍ଯ୍ୟ ଦେଖିବାକୁ ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ, ପରିଚାଳନା ନିର୍ଦ୍ଦେଶକ(ମେକାନିକାଲ), ୪ ଜଣ ସାଧାରଣ ପରିଚାଳକ(ସିଭିଲ), ଜଣେ ସାଧାରଣ ପରିଚାଳକ(ମେକାନିକାଲ), ଜଣେ ଚିଫ୍ ଆକାଉଣ୍ଟାଣ୍ଟ, ଜଣେ ପ୍ରଶାସନିକ ଅଧିକାରୀ ଏବଂ ଜଣେ କମ୍ପାନୀ ସେକ୍ରେଟାରି ନିଯୁକ୍ତି ପାଇଛନ୍ତି। ସିଏଜି ୨୦୧୬-୧୭ରୁ ୨୦୨୦-୨୧ ଅବଧିକୁ ଅନ୍ତର୍ଭୁକ୍ତ କରି ଓସିସିଏଲ୍ କମ୍ପାନୀ କାର୍ଯ୍ୟାଳୟ ସହ ୫ଟି ପ୍ରକଳ୍ପ କାର୍ଯ୍ୟାଳୟର ନଥି ଓ ତଥ୍ୟକୁ ଯାଞ୍ଚ ପରିସରଭୁକ୍ତ କରିଥିଲେ। ସିଏଜି ଜାଣିବାକୁ ପାଇଛନ୍ତି ଯେ ଉକ୍ତ ସମୟ ମଧ୍ୟରେ କମ୍ପାନୀ ୩ ବର୍ଷିଆ କର୍ପୋରେଟ ଯୋଜନା କିମ୍ବା ବାର୍ଷିକ ଯୋଜନା ପ୍ରସ୍ତୁତ କରିନାହିଁ। କାରବାର, ଲାଭ, ଲକ୍ଷ୍ୟ ଓ ପ୍ରତିଶ୍ରୁତିକୁ ନେଇ କମ୍ପାନୀ ପ୍ରତିବର୍ଷ ଜଳସମ୍ପଦ ବିଭାଗ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥାଏ। ମାତ୍ର କମ୍ପାନୀ ୨୦୧୭ରୁ ୨୦୨୦ ମଧ୍ୟରେ କାରବାର ଲକ୍ଷ୍ୟ ହାସଲ କରିପାରି ନାହିଁ। ଏହି ସମୟ ମଧ୍ୟରେ କମ୍ପାନୀର କାରବାର ୫୨ ପ୍ରତିଶତ ଅର୍ଥାତ୍ ୮୭୪ କୋଟିରୁ ୪୨୨ କୋଟି ଟଙ୍କାକୁ ହ୍ରାସ ପାଇଛି। ମାତ୍ର ଆଶ୍ଚର୍ଯ୍ୟକର କଥା, କମ୍ପାନୀର କାରବାର ହ୍ରାସ ପାଇଥିଲେ ମଧ୍ୟ ଲାଭ ଯଥେଷ୍ଟ ଅଧିକ ଥିଲା ବୋଲି ଦର୍ଶାଯାଇଥିଲା। ଏ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଓସିସିଏଲ୍ ଦ୍ୱାରା କରାଯାଉଥିବା ପ୍ରକଳ୍ପଗୁଡ଼ିକ ୯ ମାସରୁ ୯ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରି ନ ଥିଲା। ଡ୍ରେଜର ଓ ପାଇପ୍ ଲାଇନ ମୂଲ୍ୟ ବୃଦ୍ଧି କରି ଓସିସିଏଲ୍ ଅଧିକାରୀ ଠିକାଦାରମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇବାରୁ କମ୍ପାନୀକୁ ୭.୧୨ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ମହାନଦୀ ବ୍ୟାରେଜ ଉପରମୁଣ୍ଡରେ ସୋଆଲ ଅପସାରଣ ପାଇଁ ଜଳ ସମ୍ପଦ ବିଭାଗ ଓସିସିଏଲ୍ ଦ୍ୱାରା ୨୨୨.୧୯ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଦିଆଯାଇଥିଲା। ତେବେ ଏହି କାର୍ଯ୍ୟ ପାଇଁ ୨୦୧୪ ନଭେମ୍ବରରେ ପୂର୍ତ୍ତ ବିଭାଗ ଦ୍ୱାରା ଏସ୍‌ଓଆରରେ ଧାର୍ଯ୍ୟ କରାଯାଇଥିବା ଡ୍ରେଜିଂର ୟୁନିଟ୍ ମୂଲ୍ୟକୁ ଅନ୍ତର୍ଭୁକ୍ତ କରା ନ ଯାଇ ଜଳସମ୍ପଦ ବିଭାଗ ☞ପୃଷ୍ଠା-୪







# ପି.ଟି. ଉଷା ଆଇଓଏ ସଭାପତି



**ନୂଆଦିଲ୍ଲୀ, ୧୦।୧୨ (ପି.ଟି.)**

ଦେଶର କ୍ରୀଡ଼ା ପ୍ରଶାସନରେ ନୂଆ ଯୁଗ ଆରମ୍ଭ ହୋଇଛି। କିମ୍ବଦନ୍ତୀ ଆଥଲେଟ୍ ପି. ଟି. ଉଷାଙ୍କୁ ଶନିବାର ବିଧିବଦ୍ଧ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ଭାବେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ଆଇଓଏ ସଭାପତି ପଦ ଅଳଙ୍କୃତ କରିବାରେ ସେ ପ୍ରଥମ ମହିଳା। ୫୮ବର୍ଷୀୟା ଉଷା ଏକାଧିକ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟିନୀ। ୧୯୮୪ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ୪୦୦ମିଟର ହର୍ଡଲ୍ସ ଫାଇନାଲରେ ସେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ଜଜ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜି୨୦: କେବଳ ଆଲୋଚନା**

# ୪ ବର୍ଷ ୟୁଜି ପାଠ୍ୟକ୍ରମ ପରେ ଅନର୍ସ ଡିଗ୍ରୀ

**ୟୁଜିସିର ନୂଆ ଚିଠା ପ୍ରସ୍ତାବ, ଖୁବ୍‌ଶୀଘ୍ର ବିଜ୍ଞପ୍ତି**

**ଭୁବନେଶ୍ୱର, ୧୦।୧୨ (ବ୍ୟୁରୋ)**

ଏଣିକି ସ୍ନାତକରେ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ପଢ଼ିବାକୁ ପଡ଼ିବ। ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ନୂଆ ଚିଠା ନିୟମାବଳୀ ଅନୁଯାୟୀ, ୩ ବର୍ଷ ପରିବର୍ତ୍ତେ ୪ ବର୍ଷ ଅଣ୍ଡରଗ୍ରାଜୁଏଶନ (ୟୁଜି) ପାଠ୍ୟକ୍ରମ ଶେଷ କରିବା ପରେ ଛାତ୍ରୀଛାତ୍ର ଅନର୍ସ ଡିଗ୍ରୀ ସାର୍ଟିଫିକେଟ ପାଇବାକୁ ସକ୍ଷମ ହେବେ। ଜାତୀୟ ଶିକ୍ଷାନୀତି ଅନୁସାରେ ରାଜ୍ୟରେ ଶିକ୍ଷାର ସଂସ୍କାର ପାଇଁ ବିଭିନ୍ନ ପାଠ୍ୟକ୍ରମରେ ପରିବର୍ତ୍ତନ ଅଣାଯାଉଛି। ଏହି ଆଧାରରେ ୪ ବର୍ଷିଆ ଅଣ୍ଡରଗ୍ରାଜୁଏଟ୍ ଚିଠା ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏ ସମ୍ପର୍କରେ ଆସନ୍ତା ସୋମବାର ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ ପାଇପାରେ। ସେଥିରେ ୪ ବର୍ଷର ସ୍ନାତକ ପାଇଁ ସମସ୍ତ ନିୟମ ଓ ନିର୍ଦ୍ଦେଶାବଳୀ ରହିବ। ସ୍ନାତକ ଡିଗ୍ରୀ ସାର୍ଟିଫିକେଟ୍ ପାଇବା ପାଇଁ ପୂର୍ବପରି ତିନିବର୍ଷ ପଢ଼ିବାକୁ ପଡ଼ିବ। ତେବେ ସ୍ନାତକ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ରଖାଯାଇଛି। ସେହିଭଳି ଯେଉଁ ଛାତ୍ରୀଛାତ୍ର ପ୍ରାରମ୍ଭିକ ୬ଟି ସେମିଷ୍ଟରରେ ୭୫ ପ୍ରତିଶତରୁ ଅଧିକ ନମ୍ବର ରଖିବେ ଏବଂ ଗ୍ରାଜୁଏଶନ ସ୍ତରରେ ରିସର୍ଚ୍ଚ କରିବାକୁ ଚାହିଁବେ, ସେମାନଙ୍କୁ ଚତୁର୍ଥ ବର୍ଷରେ ☞ପୃଷ୍ଠା-୪

# ହିମାଚଳରେ ସୁଖବିନ୍ଦର ସରକାର

- ଉପମୁଖ୍ୟମନ୍ତ୍ରୀ ହେବେ ମୁକେଶ ଅଗ୍ନିହୋତ୍ରୀ
- ଆଜି ଶପଥ ଗ୍ରହଣ, ପ୍ରତିଭା ସିଂ ନିରାଶ

**ଶିମ୍ଲା/ନୂଆଦିଲ୍ଲୀ, ୧୦।୧୨**

ହିମାଚଳ ପ୍ରଦେଶ ନିର୍ବାଚନ ବେଳେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ଦଳ ପାଇଁ ସଫଳତା ଆଣିଦେଇଥିବା ସୁଖବିନ୍ଦର ସିଂ ସୁଖୁ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ହେବେ। ସେହିପରି ବିଦାୟୀ ବିଧାନସଭାର ବିରୋଧୀ ଦଳ ନେତା ମୁକେଶ ଅଗ୍ନିହୋତ୍ରୀ ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ଶନିବାର କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଉଭୟେ ରବିବାର ଶପଥ ନେବେ। ଫଳରେ ରାଜ୍ୟରେ ସରକାର ଚଳାଇବା ପାଇଁ ଅଣ୍ଟା ଭିଡ଼ିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦିବଂଗତ ନେତା ବୀରଭଦ୍ର ସିଂଙ୍କ ସ୍ତ୍ରୀ ପ୍ରତିଭା ସିଂଙ୍କ ଆଶା ମଉଳିଯାଇଛି। ନଭେମ୍ବର ୧୨ରେ ହିମାଚଳ ପ୍ରଦେଶ ବିଧାନସଭାର ୬୮ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯାହାର ଫଳାଫଳ ଗୁରୁବାର ଘୋଷଣା କରାଯାଇଥିଲା। କଂଗ୍ରେସ ୪୦ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିବାବେଳେ ଭାଜପାକୁ ୨୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଭାଜପାର ପରାଜୟ ପରେ ☞ପୃଷ୍ଠା-୪



ସୁଖବିନ୍ଦର ସିଂ ସୁଖୁ

# ସାମୁଦ୍ରିକ ଜୀବଙ୍କୁ ମଣିଷ ବିପଦ

**୧୫୦,୩୮୮ ପ୍ରଜାତିକୁ ରେଡ୍ ଲିଷ୍ଟ ଭୁକ୍ତ କଲା ଆଇୟୁସିଏନ୍**

**ମଣ୍ଟ୍ରିଲ, ୧୦।୧୨**

ସମୁଦ୍ରରେ ରହୁଥିବା ଜୀବଙ୍କ ପାଇଁ ଏବେ ଘାତକ ସାଜିଛି ମଣିଷ। ମନୁଷ୍ୟକୃତ ଅନେକ କାରଣ ସାମୁଦ୍ରିକ ପ୍ରାଣୀଙ୍କ ଜୀବନକୁ ପ୍ରଭାବିତ କରିଛି। ବେଆଇନ ମାଛଧରିବା, ଜାହାଜ ଚଳାଚଳ, ପ୍ରଦୂଷଣ, ଅଜଣା ରୋଗ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ରରେ ବାସ କରୁଥିବା ଲକ୍ଷାଧିକ ପ୍ରଜାତି ଏବେ ବିପଦ ଆଡ଼କୁ ମୁହାଁଇଛନ୍ତି। ଆଗାମୀ ଦିନରେ ସେମାନେ ବିଲୁପ୍ତ ହେବାକୁ ବସିଥିବାବେଳେ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ୍ ଅଫ୍ ନେଚର୍ (ଆଇୟୁସିଏନ୍) ୧,୫୦, ୩୮୮ ସ୍ପେସିସ୍‌ଙ୍କୁ ରେଡ୍ ଲିଷ୍ଟ ଅନ୍ତର୍ଭୁକ୍ତ କରିଛି।

ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ କେବଳ ଯେ ମନୁଷ୍ୟ ଜୀବନଯାପନକୁ ପ୍ରଭାବିତ କରିଛି ତା' ନୁହେଁ ଏହାଦ୍ୱାରା ଜୀବଜଗତରେ ବାସ କରୁଥିବା ପ୍ରତ୍ୟେକ ପ୍ରାଣୀଙ୍କ ଜୀବନ ବିପଦ ଆଡ଼କୁ ଠେଲି ହୋଇଯାଇଛି। ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ମନୁଷ୍ୟକୃତ କାରଣ ପାଇଁ ସାମୁଦ୍ରିକ ପ୍ରାଣୀ ଓ ଉଦ୍ଭିଦ କ୍ଷୟ ହେବାକୁ ବସିଛନ୍ତି। ଲକ୍ଷାଧିକ ସାମୁଦ୍ରିକ ଜୀବଙ୍କୁ ରେଡ୍ ତାଲିକା ଭୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରୁ ୪୨,୧୦୮ ପ୍ରଜାତିର ପ୍ରାଣୀଙ୍କ ଜୀବନ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ସେମାନେ ଖୁବ୍‌ଶୀଘ୍ର ବିଲୁପ୍ତ ହେବାର ଆଶଙ୍କା ରହିଛି। ସେହିପରି ସମୁଦ୍ରରେ ରହୁଥିବା ମୋଟ ୧୭,୯୦୩ ସାମୁଦ୍ରିକ ଜୀବ ଏବଂ ଉଦ୍ଭିଦଙ୍କ ଭିତରୁ ୧,୫୫୦ରୁ ଅଧିକ ପ୍ରାଣୀ ମରଣ ମୁହଁରେ ପଡ଼ିଛନ୍ତି। ଏଥିଲାଗି ଜଳବାୟୁ ପରିବର୍ତ୍ତନ ୪୧% ଦାୟୀ ବୋଲି ଆଇୟୁସିଏନ୍ ପକ୍ଷରୁ କୁହାଯାଇଛି। ସୁଇଜରଲାଣ୍ଡର ଗ୍ଲାଣ୍ଡରେ ମୁଖ୍ୟାଳୟ ଥିବା ଆଇୟୁସିଏନ୍ ☞ପୃଷ୍ଠା-୪





## ଏୟାର ଇଣ୍ଡିଆ ବିମାନରେ ସାପ

ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଶନିବାର ଦୁବାଇ ବିମାନବନ୍ଦରରେ ଅବତରଣ କରିବା ପରେ ସେଥିରେ ଥିବା ମାଲ୍ ମଧ୍ୟରୁ ଏକ ସାପ ମିଳିଛି। ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଅବତରଣ କରିଦିଆଯାଇଥିଲା। ସଙ୍ଗେ ସଙ୍ଗେ ଏୟାରପୋର୍ଟର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ସାପ ବିମାନ ଭିତରକୁ କିପରି ଆସିଲା, ଡିଜିସିଏ ଏହାର ତଦନ୍ତ କରୁଥିବା ଜଣେ ଅଧିକାରୀ କହିଛନ୍ତି। କେରଳର କାଲିକଟ୍ ବିମାନବନ୍ଦରରୁ ବି୭୩୭-୮୦୦ ବିମାନଟି ଦୁବାଇ ଯାଇଥିଲା। ତେବେ ଏଥିରେ କେତେଜଣ ଯାତ୍ରୀ ଥିଲେ ତାହା ସ୍ପଷ୍ଟ ହୋଇ ନାହିଁ।

## ସଂକ୍ଷେପରେ

### ସାରା ବିଶ୍ୱରେ ଜିମେଲ୍ ଅଚଳ




**ନୂଆଦିଲ୍ଲୀ,୧୦।୧୨:** ଜିମେଲ୍ ବା ଗୁଗଲ ମେଲ୍ ସେବା ଶନିବାର ସାରା ବିଶ୍ୱରେ ଦୀର୍ଘସମୟ ପାଇଁ ଅଚଳ ହୋଇପଡ଼ିଥିଲା। ଫଳରେ କୋଟିକୋଟି ଜିମେଲ୍ ୟୁଜର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଜିମେଲ୍ ଆଉଟେଜ୍ ଷ୍ଟାଟସ୍‌ରେ ଏକ ସ୍ପାର୍କ ସ୍ପାଇକ୍ ଆସୁଥିବା ଡାଉନ ଡିଟେକ୍ଟର ଡଟ୍ କମ୍ ପକ୍ଷରୁ କୁହାଯାଇଛି। ଇମେଲ୍ ଯାଇପାରୁ ନ ଥିବା ଏବଂ ଜିମେଲ୍ ଆପ୍ କାମ କରୁ ନ ଥିବା ଭାରତୀୟ ୟୁଜରମାନେ ଅଭିଯୋଗ କରିଛନ୍ତି। ସେମାନେ ସୋସିଆଲ ମିଡିଆ ଜରିଆରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ବୋର୍‌ୱେଲ୍‌ରେ ଖସିଥିବା ବାଳକଙ୍କ ମୃତ୍ୟୁ

**ଭୋପାଳ,୧୦।୧୨:** ମଧ୍ୟପ୍ରଦେଶର ବେଟୁଲ ଜିଲାରେ ଗଭୀର ବୋର୍‌ୱେଲ୍ ମଧ୍ୟକୁ ଖସିପଡ଼ିଥିବା ବାଳକ ତନ୍ମୟ ସାହୁଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ତନ୍ମୟ ୪୦୦ ଫୁଟ୍ ଗଭୀର ବୋର୍‌ୱେଲ୍‌କୁ ଖସିପଡ଼ି ୫୫ ଫୁଟ୍‌ରେ ଅଟକି ରହିଥିଲେ। ସଙ୍ଗେ ସଙ୍ଗେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ବୁଧବାର ପିଲାଠାରୁ କୌଣସି ଜବାବ ମିଳି ନ ଥିଲା। ଜିଲା ପ୍ରଶାସନ ସହ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ୮୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ସେମାନେ ପାର୍ଶ୍ୱରେ ଏକ ଗର୍ତ୍ତ ଖୋଳି ତନ୍ମୟ ପାଖରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ନିର୍ବନ୍ଧ ଦିନ ଯୁବତୀଙ୍କୁ ଘରୁ ଉଠାଇନେଲେ

**ହାଇଦ୍ରାବାଦ,୧୦।୧୨:** ତେଲଙ୍ଗାନାର ଜଣେ ଯୁବତୀଙ୍କୁ ନିର୍ବନ୍ଧ ଦିନ ତାଙ୍କ ଘରୁ ଅପହରଣ କରିନିଆଯାଇଛି। ଶୁକ୍ରବାର ପ୍ରାୟ ୪୦ ଜଣ ଲୋକ ୪ଟି କାର ଓ ଏକ ଟ୍ରକ୍‌ରେ ଆସି ଜବରଦସ୍ତ ଏମ୍. ବୈଶାଳୀ ରେଡ୍ଡୀଙ୍କ ଆଦିବାଟ୍‌ଲାସ୍ଥିତ ଘରେ ପ୍ରବେଶ କରି ଭଙ୍ଗାରୁଜା କରିବା ସହ ତାଙ୍କୁ ଉଠାଇ ନେଇଥିଲେ। ସେମାନେ ଯୁବତୀଙ୍କ ପରିବାର ଲୋକଙ୍କୁ ମଧ୍ୟ ମାଡ଼ ମାରିଥିଲେ। ପୋଲିସର ଦୀର୍ଘ ଉଦ୍ୟମ ପରେ ଯୁବତୀଙ୍କୁ ନିରାପଦର ସହ ଉଦ୍ଧାର କରାଯାଇଥିବାବେଳେ ୩୧ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ବିରୋଧରେ ଅପହରଣ ଏବଂ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ଅପହରଣ ପାଇଁ ପରିବାର ଲୋକେ ମଦ ବ୍ୟବସାୟୀ କେ. ନବୀନ ରେଡ୍ଡୀଙ୍କୁ ଦାୟୀ କରିଛନ୍ତି। ସେ ଅନେକ ସମୟରେ ଯୁବତୀଙ୍କୁ ହଇରାଣ କରୁଥିଲେ ବୋଲି ଅଭିଯୋଗ ହୋଇଛି।

### ଛାଡ଼ପତ୍ର ଆବେଦନ ପାଇଁ ବର୍ଷେ ଅଲଗା ରହିବା ଅସାମ୍ବିଧାନିକ ସର୍ତ୍ତ




**ନୂଆଦିଲ୍ଲୀ,୧୦।୧୨(ପି.ଟି.):** ବିବାହ ବିଚ୍ଛେଦ ଆଇନରେ ଆପୋସ ବୁଝାମଣାରେ ଛାଡ଼ପତ୍ର ଆବେଦନ କରିବା ଲାଗି ବର୍ଷେ କିମ୍ବା ତଦୂର୍ଦ୍ଧ୍ୱ ସମୟ ସ୍ୱାମୀ ସ୍ତ୍ରୀ ଅଲଗା ରହିବା ଅସାମ୍ବିଧାନିକ ସର୍ତ୍ତ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଏହି ସର୍ତ୍ତ ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବା ଜଷ୍ଟିସ୍ ଏ. ମହମ୍ମଦ ମୁସ୍ତାକ ଏବଂ ଶୋବା ଆନ୍ନାମ୍ମା ଏଆପେନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ବୈବାହିକ ବିବାଦରେ ସ୍ୱାମୀ ସ୍ତ୍ରୀଙ୍କ ଭଲ ପାଇଁ ଦେଶରେ ସମାନ ବିବାହ ଅଧିନିୟମ କାର୍ଯ୍ୟକାରୀ କରିବା ଦିଗରେ କେନ୍ଦ୍ର ସରକାର ଗୁରୁତର ସହ ବିଚାର କରିବା ଆବଶ୍ୟକ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଧର୍ମ ଆଧାରରେ ପକ୍ଷଙ୍କୁ ପରସ୍ପରଠାରୁ ଅଲଗା ରହିବା ସର୍ତ୍ତ ରଖାଯାଇଛି। ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ନାଗରିକମାନଙ୍କ ସାଧାରଣ କଲ୍ୟାଣକୁ ଆଇନଗତ ପ୍ରାଥମିକତା ମିଳିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଛାଡ଼ପତ୍ର ଆଇନ, ୧୮୬୯ର ଧାରା ୧୦ଏ ଅନୁଯାୟୀ ସର୍ବନିମ୍ନ ୧ ବର୍ଷ ଅଲଗା ରହିବାକୁ ଏକ ଖ୍ରୀଷ୍ଟିଆନ ଦମ୍ପତିଙ୍କୁ କୁହାଯାଇଥିବାବେଳେ ଏହାକୁ ସେମାନେ କେରଳ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

# ୨୯୦ ଦିନରେ ଆକ୍ରମଣ

# ମିଶାଇଲ ମାଡ଼ରେ ବାଖମୁଟ୍ ଧ୍ୱଂସ

## ରୁଷିଆ ଓ ପାଶ୍ଚାତ୍ୟ ମଧ୍ୟରେ ହୋଇପାରେ ଭୟଙ୍କର ଯୁଦ୍ଧ: ନାଟୋ

କିଭ୍/ମସ୍କୋ,୧୦।୧୨

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଶନିବାର ୨୯୦ ଦିନ ପୂରିଛି। ଏହି ଅବସରରେ ରୁଷୀୟ ସୈନ୍ୟମାନେ ୟୁକ୍ରେନୀୟ ସହର ବାଖମୁଟ୍ ଉପରେ ଡୁହାକୁ ଡୁହା ମିଶାଇଲ ମାଡ଼ କରିଛନ୍ତି। ଆକ୍ରମଣରେ ବାଖମୁଟ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ଇତିମଧ୍ୟରେ ମସ୍କୋକୁ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ ଯୁଦ୍ଧ ଧମକ ଦିଆଯାଇଛି।

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ସାଢ଼େ ୯ ମାସର ପ୍ରତିରୋଧ ସତ୍ତ୍ୱେ ମସ୍କୋ ତାଙ୍କ ଦେଶକୁ ଦଖଲ ଉଦ୍ୟମ ଜାରି ରଖିଛି। ଏହିକ୍ରମରେ ରୁଷୀୟ ସୈନ୍ୟ ବାଖମୁଟ୍ ସହର ଉପରେ ଆକାଶମାର୍ଗରୁ ମିଶାଇଲ ଓ ରକେଟ ଷ୍ଟ୍ରାଇକ୍ କରୁଛନ୍ତି। ଆକ୍ରମଣରେ ଏହି ସହର ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସୈନ୍ୟ ପୂର୍ବରୁ କେବଳ ୪ ପ୍ରଦେଶକୁ ଟାର୍ଗେଟ କରୁଥିଲେ। ସେପ୍ଟେମ୍ବର ଶେଷଭାଗରେ ସେମାନେ ବେଆଇନ ଭାବେ ଦଖଲ କରିନେଲେ। ୟୁକ୍ରେନ୍ ଏହା ବିରୋଧରେ ଲଢ଼େଇ ଜୋର୍‌ଦାର କରି ସମ୍ପୃକ୍ତ ଅଞ୍ଚଳକୁ ଛଡ଼ାଇ ଆଣିବା ପାଇଁ ଉଦ୍ୟମ କରୁଥିବାବେଳେ ପୁଟିନ୍‌ଙ୍କ



ଆକାଶମାର୍ଗରୁ ଧ୍ୱସ୍ତବିଧ୍ୱସ୍ତ ବାଖମୁଟ୍ ସହରର ଦୃଶ୍ୟ।

ସୈନ୍ୟ ଏବେ ଦେଶର ଅନ୍ୟ ଭାଗଗୁଡ଼ିକ ଉପରେ ନଜର ପକାଇଛନ୍ତି। ଜେଲେନ୍‌ସ୍କି ଆହୁରି କହିଛନ୍ତି, ପୂର୍ବାଞ୍ଚଳର ଡୋନେସ୍କ, ଲୁହାନ୍‌ସ୍କ ପ୍ରଦେଶ ସୀମାନ୍ତରେ ସ୍ଥିତି ଅତି ଖରାପ ହୋଇଯାଇଛି। ୨୦୧୪ରେ ରୁଷୀୟ ସୈନ୍ୟମାନେ ୟୁକ୍ରେନ୍‌ର କ୍ରିମିଆକୁ ବେଆଇନ ଭାବେ ଦଖଲ କରିନେଇଥିଲେ। କିନ୍ତୁ ଡୋନ୍‌ବାସର ବଖମୁଟ୍, ସୋଲେଡାର, ମାରିଙ୍କା ଓ କ୍ରେମିନାରେ ପୂର୍ବରୁ ପହଞ୍ଚିପାରି ନ ଥିବା ପ୍ରତିପକ୍ଷ ଏବେ ସେଠାରେ ଡୁହାକୁ ଡୁହା ଆକ୍ରମଣ ଜାରି ରଖିଛନ୍ତି। ବାଖମୁଟ୍ ବର୍ତ୍ତମାନ ଏକ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଲୋକେ ବାସହରା ହୋଇ ରାସ୍ତାରେ ଶୀତକାକରରେ ଜୀବନ ବିତାଉଛନ୍ତି। ଡୋନ୍‌ବାସ ଗଭର୍ନର ପାଭ୍‌ଲୋ କିରିଲେଙ୍କୋ କହିଛନ୍ତି, ମସ୍କୋର ଆକ୍ରମଣ ପରଠାରୁ ପ୍ରଦେଶରୁ ଲକ୍ଷାଧିକ ଲୋକ ପଳାୟନ କରିସାରିଲେଣି। ଶୁକ୍ରବାର ଓ ଶନିବାର ମଧ୍ୟରେ ୨୦ ଏୟାରଷ୍ଟ୍ରାଇକ୍ ଏବଂ ୬୦ ରକେଟ ମାଡ଼ ହୋଇଥିବା ୟୁକ୍ରେନ ସେନା ପକ୍ଷରୁ କୁହାଯାଇଛି। ଏସବୁ ଭିତରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ନିଜ ଦେଶରେ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ରୁଷୀୟ ନୋବେଲ ପୁରସ୍କାର ବିଜେତା ତଥା ହ୍ୟୁମାନ୍ ରାଇଟ୍ସ ଅର୍ଗାନାଇଜେଶନ୍ ମେମୋରିଆଲ ଅଧ୍ୟକ୍ଷ ୟାନ୍ ରାଚିନ୍‌ସ୍କି ପୁଟିନ୍‌ଙ୍କ ତଥାକଥିତ ମିଲିଟାରି ଅପରେଶନକୁ ପୂର୍ବର ସୋଭିଏଟ୍ ୟୁନିୟନ୍ ଅନୁସୃତ ଏକ ଅମାନବୀୟ ଯୁଦ୍ଧର ଆଖ୍ୟାଦେଇ କଡ଼ା ନିନ୍ଦା କରିଛନ୍ତି। ୟାନ୍ କହିଛନ୍ତି, ପୁଟିନ୍ ଓ ତାଙ୍କ ବିଚାରଧାରାର ଚାକରମାନେ ନିଜ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଫାସିବାଦ ବିରୋଧୀ ସଂଗ୍ରାମକୁ ହାଇଜାକ୍ କରିନେଇଛନ୍ତି। ସେହିପରି ରୁଷିଆ ଦଖଲରେ ଥିବା ନ୍ୟୁକ୍ଲିୟର ପ୍ଲାଣ୍ଟ ଉପରେ ଆକ୍ରମଣ ପରେ ଆଣବିକ ସଙ୍କଟ ଆଶଙ୍କା ଉପୁଜିଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ଅଧ୍ୟକ୍ଷ ରାଫାଏଲ ଗ୍ରୋସି ମଧ୍ୟ ପୁଟିନ୍‌ଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ନାଟୋ ମହାସଚିବ ଜେନ୍ସ ଷ୍ଟୋଲ୍‌ଟେନବର୍ଗ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧ ଥମୁ ନାହିଁ। ଏହାର ପରିଣାମ ରୁଷିଆ ଓ ପାଶ୍ଚାତ୍ୟର ସାମରିକ ମେଣ୍ଟ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧକୁ ଜନ୍ମ ଦେଇପାରେ। ଏପରି ହେଲେ ଅନେକ ୟୁରୋପୀୟ ରାଷ୍ଟ୍ର ଏଥିରେ ସାମିଲ ହେବେ। କିନ୍ତୁ ଏଭଳି ସଂଘର୍ଷକୁ ଏଡ଼ାଇବା ପାଇଁ ଆମେ ଉଦ୍ୟମ କରୁଛୁ। ଆମେରିକା ମଧ୍ୟ ୟୁକ୍ରେନ୍‌କୁ ଅତିରିକ୍ତ ୨୭୫ ନିୟୁତ ଡଲାରର ସାମରିକ ସହାୟତା ଯୋଗାଇଦେଇଛି।

## ଶିଶୁ ଯୌନ ନିର୍ଯାତନାକୁ ଗୋପନ ରଖା ନ ଯାଉ: ସିଜେଆଇ

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ନୀରବ ସଂସ୍କୃତି ଯୋଗୁ ଶିଶୁ ଯୌନ ନିର୍ଯାତନା ଏକ ଗୋପନ ସମସ୍ୟା ଭାବେ ରହିଯାଇଛି। ଏଭଳି ନିର୍ଯାତନା ସମ୍ପର୍କରେ ରିପୋର୍ଟ କରିବା ଲାଗି ପରିବାରଗୁଡ଼ିକୁ ସରକାର ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା (ପୋକ୍ସୋ) ଆଇନ ଉପରେ ଦୁଇଦିନିଆ ଜାତୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ଫୌଜଦାରି ବିଚାର ବ୍ୟବସ୍ଥାର କାର୍ଯ୍ୟକାରିତାରେ ବେଳେବେଳେ ପୀଡ଼ିତାଙ୍କ ଆଘାତକୁ ଯୋଡ଼ାଯିବା ଦୁର୍ଭାଗ୍ୟଜନକ ତଥ୍ୟ। ଏହାକୁ ରୋକିବା ଲାଗି ସରକାର ନ୍ୟାୟପାଳିକା ସହ ହାତ ମିଳାଇବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି। ଶିଶୁ ଯୌନ ନିର୍ଯାତନା ରୋକିବା ଦିଗରେ ରହିଥିବା ଆଇନ ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଅଶ୍ଳୀଳ ଉଦ୍ୟମ ବା ଉତ୍ପୀଡ଼ନକୁ ଯେପରି ପିଲାମାନେ ଜାଣିପାରିବେ ଓ ଅଭିଭାବକଙ୍କୁ ଜଣାଇବେ, ଏଥିପାଇଁ ଠିକ୍ ସ୍ପର୍ଶ ଓ ଭୁଲ୍ ସ୍ପର୍ଶ ଶବ୍ଦ ବ୍ୟବହାର କରାଯାଉଥିବାବେଳେ ଶିଶୁ ଅଧିକାର କର୍ମୀମାନେ ତାହା ପରିବର୍ତ୍ତେ ସୁରକ୍ଷିତ ଓ ଅସୁରକ୍ଷିତ ଶବ୍ଦ ବ୍ୟବହାର କରିବାକୁ ମାତାପିତାଙ୍କୁ ଆହ୍ୱାନ ଦେଇଛନ୍ତି। ସର୍ବୋପରି ଶିଶୁମାନଙ୍କ ସ୍ୱାର୍ଥଠାରୁ ପରିବାରର ତଥାକଥିତ ମର୍ଯ୍ୟାଦାକୁ ପ୍ରାଥମିକତା ଯେପରି ଦିଆ ନ ଯାଏ, ତାହା ସୁନିଶ୍ଚିତ କରିବା ଜରୁରୀ ଆବଶ୍ୟକତା ବୋଲି ସିଜେଆଇ କହିଛନ୍ତି।

# ତାମିଲନାଡୁରେ ମାଣ୍ଡୋସ ତାଣ୍ଡବ: ୪ ମୃତ



ମାଣ୍ଡୋସ ପ୍ରଭାବରେ ଚେନ୍ନାଇ କିଲପକରେ ଉପୁଡି ପଡ଼ିଥିବା ବିରାଟ ଗଛକୁ ସ୍ଥାନୀୟ ପ୍ରଶାସନ ରାସ୍ତାରୁ ହଟାଉଛି।

ଚେନ୍ନାଇ, ୧୦।୧୨

ବାତ୍ୟା ମାଣ୍ଡୋସ ପ୍ରଭାବରେ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ବାତ୍ୟାରେ ମୋଟ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଲୋକଙ୍କ ଲକ୍ଷାଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଛି। ୪୦୦ରୁ ଊର୍ଦ୍ଧ୍ୱ ଗଛ ଉପୁଡ଼ି ଯାଇଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ କହିଛନ୍ତି। ମାଣ୍ଡୋସ ତାମିଲନାଡୁ ଉତ୍ତରାଞ୍ଚଳ ତଟରେ ପହଞ୍ଚିବା ବେଳକୁ ଦୁର୍ବଳ ହୋଇ ଗଭୀର ଅବପାତର ରୂପ ନେଇଥିବା ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତାମିଲନାଡୁର କାଡମେଡୁ ଅଞ୍ଚଳ ମାଣ୍ଡୋସ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ଏହା ଉପରେ ଦୃଷ୍ଟି ରଖିଛନ୍ତି। ବାତ୍ୟାର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। କ୍ଷତିଗ୍ରସ୍ତ ଲୋକଙ୍କ ଆବଶ୍ୟକୀୟ ସୁବିଧା, ସହଯୋଗ ପ୍ରଦାନ କରାଯିବ ବୋଲି ଷ୍ଟାଲିନ କହିଛନ୍ତି। ଇଲେକ୍ଟ୍ରିକ୍ ପୋଲ୍ ଉପରେ ବହୁ ଗଛ ପଡ଼ିବା କାରଣରୁ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି।

ବେଙ୍ଗାଲୁରୁରେ ମଧ୍ୟ ମାଣ୍ଡୋସର ପ୍ରଭାବ ଦେଖିବାକୁ ମିଳିଛି। ସହରର ତାପମାତ୍ରା ସର୍ବନିମ୍ନ ୧୬.୮ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଥିବାବେଳେ ୪.୩ ମି.ମି. ବର୍ଷା ରେକର୍ଡ ହୋଇଛି। ଏହା ଯୋଗୁ କର୍ଣାଟକରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କର୍ଣାଟକର କୋଲାର, ହାସାନ ଏବଂ ଶିବମୋଗାରେ ଡିସେମ୍ବର ୧୩ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ସମ୍ପତ୍ତି ପାଇଁ ଅଭିନେତ୍ରୀ ବୀଣାଙ୍କୁ ହତ୍ୟାକଲେ ପୁଅ

ମୁମ୍ବାଇ, ୧୦।୧୨

ହିନ୍ଦୀ ମନୋରଞ୍ଜନ ଜଗତର ଜଣାଶୁଣା ଅଭିନେତ୍ରୀ ବୀଣା କପୁରଙ୍କ ମୃତ୍ୟୁ ଘଟିଛି। ସମ୍ପତ୍ତି ପାଇଁ ତାଙ୍କ ପୁଅ ସଚିନ କପୁର ଗତ ୬ ତାରିଖରେ ବୀଣାଙ୍କୁ ହତ୍ୟା କରିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିନେଇଛି। ଅଘଟଣ ନେଇ ଆମେରିକାରେ ରହୁଥିବା ବୀଣାଙ୍କ ପୁଅଙ୍କର ସନ୍ଦେହ ହୋଇଥିଲା। ଏହାପରେ ସେ ଜୁହୁ ଥାନାରେ ଫୋନ୍ ଯୋଗେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତ ପରେ ଜୁହୁସ୍ଥିତି ବୀଣାଙ୍କ ଘରୁ ପୋଲିସ ଅଭିଯୁକ୍ତ ସଚିନଙ୍କୁ ଗିରଫ କରିଥିଲା। ୧୨ କୋଟି ଟଙ୍କାର ଏକ ଫ୍ଲାଟକୁ ନେଇ ମା'ପୁଅଙ୍କ ଭିତରେ କଥା କଟାକଟି ହୋଇଥିଲା। ଏଥିରେ ସଚିନ ରାଗିଯାଇ ଏକ ବେସ୍‌ବଲ୍ ବ୍ୟାଟରେ ବୀଣାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ, ଯାହାଫଳରେ ବୀଣାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ସୂଚନା ମୁତାବକ ହତ୍ୟାପରେ ସଚିନ ଓ ତାଙ୍କ ଗୃହ ସହାୟକ ଲାଲୁକୁମାର ମଣ୍ଡଳ ବୀଣାଙ୍କ ମୃତଦେହକୁ ଘରଠାରୁ ୯୦ କି.ମି. ଦୂର ରାଇଗଡ ଜିଲା ମାଥେରାନ ନଦୀ ନିକଟରେ ଥିବା ଏକ ଜଙ୍ଗଲରେ ଫୋପାଡ଼ି ଦେଇଥିଲେ।



ବୀଣା କପୁର

# ଜିମିଙ୍କୁ ୬ ବର୍ଷ ଜେଲ

ହଂକଂ,୧୦।୧୨

ହଂକଂର ଗଣତନ୍ତ୍ର ସପକ୍ଷବାଦୀ ମିଡିଆ ଟାଇକୁନ୍ ଜିମି ଲାଇଙ୍କୁ ଶନିବାର ଏକ ସ୍ଥାନୀୟ ଅଦାଲତ ୫ ବର୍ଷ ୯ ମାସ ଜେଲ ଦଣ୍ଡ ସହ ୨୫୭,୦୦୦ ହଂକଂ ଡଲାର ଜରିମାନା ଆଦେଶ ଦେଇଛନ୍ତି। ୭୫ ବର୍ଷୀୟ ଜିମିଙ୍କ ଦୋଷ ହେଲା ହଂକଂରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ 'ଆପଲ ଡେଲି' ଖବରକାଗଜକୁ ସେ ପାଣ୍ଠି ଯୋଗାଉଥିଲେ। ଲିଜ୍ ଉଲ୍ଲଂଘନ ସହ ଜଡ଼ିତ ଦୁଇଟି ଠକେଇ ମାମଲାରେ ହୋଇଥିବା ଏହି ଦଣ୍ଡବିଧାନ ପଛର ଅସଲ ଉଦ୍ଦେଶ୍ୟ ବିରୋଧୀଙ୍କ ମୁହଁ ବନ୍ଦ କରିବା ବୋଲି ସମାଲୋଚକମାନେ କହିଛନ୍ତି। ୨୦୧୯ରେ ଅର୍ଦ୍ଧ ସ୍ୱୟଂଶାସିତ ସହର ହଂକଂରେ ବେଜିଂ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଏଥିରେ ଡେମୋକ୍ରାସି କ୍ୟାମ୍ପେନର୍ ଜିମି ଲାଇଙ୍କ ଭୂମିକା ଚର୍ଚ୍ଚାକୁ ଆସିଥିଲା। ବିଦେଶୀ ତତ୍ତ୍ୱଙ୍କ ସହ ହାତ ମିଳାଇଥିବା ଅଭିଯୋଗରେ ଚାଇନା ପକ୍ଷରୁ ତାଙ୍କୁ କଠୋର ଜାତୀୟ ସୁରକ୍ଷା ଆଇନ ବଳରେ ଗିରଫ କରାଯାଇଥିଲା। କୋର୍ଟ ଜାମିନ ଅବେଦନ ଖାରଜ କରିବା ପରେ ଏହି ମିଡିଆ ଟାଇକୁନ୍ ଜେଲ୍‌ରେ ତାଙ୍କର ୭୩ତମ ଜନ୍ମଦିନ ପାଳିଥିଲେ। ଜିମିଙ୍କ ମିଡିଆ କମ୍ପାନୀ ନେକ୍ସଟ ଡିଜିଟାଲ ନିଜ ଅଫିସର କିଛି ଅଂଶକୁ ଅନ୍ୟ ଏକ କମ୍ପାନୀକୁ ଭଡ଼ାରେ ଦେଇ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହା ପୂର୍ବରୁ ଜିମିଙ୍କୁ ଅନ୍ୟ ଏକ ମାମଲାରେ ୨୦ ମାସ ଜେଲ ଦଣ୍ଡାଦେଶ ହୋଇଛି। ଏତଦ୍‌ବ୍ୟତୀତ ତାଙ୍କ ବିରୋଧରେ ଆହୁରି କେତେକ ମାମଲା ବିଚାରାଧୀନ ରହିଛି। ହଂକଂରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଲଢ଼େଇ କରୁଥିବା ବ୍ୟକ୍ତିମାନଙ୍କ ମୁହଁ ବନ୍ଦ କରିବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ନେଉଥିବା କୁହାଯାଉଛି।



### ଗଣତନ୍ତ୍ର ସପକ୍ଷବାଦୀଙ୍କ ମୁହଁ ବନ୍ଦ କରୁଛି ଚାଇନା

## ୧୩ରେ ବିଲ୍‌କିସ୍‌ଙ୍କ ଆବେଦନର ଶୁଣାଣି

**ନୂଆଦିଲ୍ଲୀ,୧୦।୧୨:** ୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କ ପରିବାର ସଦସ୍ୟମାନଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଦୋଷୀସାବ୍ୟସ୍ତ ୧୧ ଜଣଙ୍କୁ ଗତ ଅଗଷ୍ଟ ୧୫ରେ ଗୁଜରାଟ ସରକାର କ୍ଷମା କରିଦେଇ ଜେଲରୁ ମୁକ୍ତ କରିଦେଇଥିଲେ। ଏହାକୁ ବିଲ୍‌କିସ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆସନ୍ତା ୧୩ ତାରିଖରେ ଜଷ୍ଟିସ୍ ଅଜୟ ରାସ୍ତୋଗୀ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ଉକ୍ତ ରିଟ୍ ପିଟିଶନ୍‌ର ଶୁଣାଣି କରିବେ। ଅବଧି ପୂର୍ବରୁ ଅପରାଧୀମାନଙ୍କୁ ମୁକ୍ତ କରାଯିବା ସମ୍ପର୍କିତ ଦସ୍ତାବିଜ୍ ତାଙ୍କୁ ଦିଆଯାଇ ନ ଥିବା ବିଲ୍‌କିସ୍ ପିଟିଶନରେ ଦର୍ଶାଇଛନ୍ତି।

# ୫୬ କୋଟି ଭୋଟର ଆଧାର ଲିଙ୍କ୍ କରିଛନ୍ତି

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ଦେଶର ୯୫ କୋଟି ପଞ୍ଜୀକୃତ ଭୋଟରଙ୍କ ମଧ୍ୟରୁ ପାଖାପାଖି ୫୬ କୋଟି ସେମାନଙ୍କ ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ୍ କରିଛନ୍ତି। ଭୋଟର ତାଲିକାରୁ ଜାଲ୍ ଭୋଟରଙ୍କୁ ହଟାଇବା ପାଇଁ ଏହାକୁ ଆଧାର ନମ୍ବର ସହ ସଂଯୋଗ କରିବା ଲାଗି ପଦକ୍ଷେପ ନିଆଯାଇଥିଲା। ସ୍ୱେଚ୍ଛାକୃତ ଭାବେ ଆଧାରକୁ ଭୋଟର ପରିଚୟ ପତ୍ର ସହ ଲିଙ୍କ୍ କରିବା ନିମନ୍ତେ ଗତବର୍ଷ ଡିସେମ୍ବରରେ ଜନପ୍ରତିନିଧି ଆଇନରେ ସଂଶୋଧନ କରାଯାଇଥିଲା। ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ



ନିୟମାବଳୀ ଜାରି କରାଯାଇଥିଲା। ଉକ୍ତ ବିଜ୍ଞପ୍ତି ଅନୁଯାୟୀ ନୂଆ ଭୋଟର ଫର୍ମ ୬ବି ବ୍ୟବହାର କରିବାକୁ ଏବଂ ଅନ୍ୟମାନଙ୍କୁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହ ସେମାନଙ୍କ ଆଧାର ନମ୍ବର ଶେୟାର କରିବାକୁ କୁହାଯାଇଥିଲା। ଏଥିପାଇଁ ୨୦୨୩ ଏପ୍ରିଲ ୧କୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

# ବାଂଲାଦେଶରେ ସରକାର ବିରୋଧୀ ବିକ୍ଷୋଭ

ଢାକା,୧୦।୧୨(ପି.ଟି.)

ବାଂଲାଦେଶର ମୁଖ୍ୟ ବିରୋଧୀ ଦଳ ବିଏନ୍‌ପିର ଲକ୍ଷାଧିକ ସମର୍ଥକ ଶନିବାର ସରକାରବିରୋଧୀ ବିକ୍ଷୋଭ ରାଲିରେ ସାମିଲ ହୋଇଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ସମେତ ଦେଶରେ ସାନି ନିର୍ବାଚନ ଲାଗି ଦାବି କରିଛନ୍ତି। ହାସିନାଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିବା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ୭ ଜଣ ଏମ୍‌ପି ଇସ୍ତଫା ଘୋଷଣା କରିଛନ୍ତି। ହାସିନା ସରକାରଙ୍କ ଦୁର୍ନୀତି ଓ ଅତ୍ୟାଚାରରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଭୋଟ ଜାଲିଆତି କରି ଏହି ସରକାର କ୍ଷମତାକୁ ଆସିବା



ପରେ ବିରୋଧୀ ଦଳ ନେତାମାନଙ୍କୁ ନିର୍ଯାତନା ଦେବା ସହ ବିନା ବିଚାରରେ ମୃତ୍ୟୁଦଣ୍ଡ ଦିଆଯାଉଥିବା ବିଏନ୍‌ପିର ଜଣେ ଏମ୍‌ପି କହିଛନ୍ତି।

ରାଲି ଆୟୋଜିତ ହୋଇଥିବା ଢାକାର ଗୋଲାପବାଗ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ହାସିନା ଭୋଟ ଚୋର ବୋଲି ଦଳୀୟ କର୍ମୀମାନେ ସ୍ଲୋଗାନ ଦେଉଥିଲେ। ରାଲିରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିବା ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ରାଲି ପୂର୍ବରୁ ବିଭିନ୍ନ ଅଭିଯୋଗରେ ପୋଲିସ ବିଏନ୍‌ପି ମହାସଚିବ ମିର୍ଜା ଫକ୍‌ରୁଲ ଇସ୍‌ଲାମ ଆଲମଗିରଙ୍କ ସମେତ ଶତାଧିକ ବରିଷ୍ଠ ନେତାଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଶାସକ ଆୱାମୀ ଲିଗ୍‌ର କର୍ମୀମାନେ ବିଭିନ୍ନ ସ୍ଥାନରେ ସରକାର ସପକ୍ଷରେ ଶୋଭାଯାତ୍ରା କରିଥିଲେ।

### ପ୍ରଧାନମନ୍ତ୍ରୀ ହାସିନାଙ୍କ ଇସ୍ତଫା ଦାବି

## ବାଚସ୍ପତିଙ୍କୁ ସାକ୍ଷାତ କଲେ ବର୍ଷା

### ସୋମବାର ଶପଥ ନେବେ

ଭୁବନେଶ୍ୱର,(ବ୍ୟୁରୋ): ପଦ୍ମପୁର ଉପନିର୍ବାଚନରେ ବିଜୟୀ ହେବା ପରେ ବିଜେଡି ନେତ୍ରୀ ବର୍ଷା ସିଂ ବରିହା ଶନିବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ଭେଟିଛନ୍ତି। ଆରୁଖଙ୍କ ସରକାରୀ ବାସଭବନରେ ବର୍ଷା ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଆସନ୍ତା ସୋମବାର ପଦ୍ମପୁର ବିଧାୟିକା ଭାବେ ସେ ବିଧାନସଭାରେ ଶପଥ ନେବେ। ପଦ୍ମପୁରବାସୀଙ୍କ ସ୍ୱପ୍ନକୁ ସାକାର କରିବା ସହ ଲୋକଙ୍କ ସେବା କରିବେ। ଲୋକମାନେ କିପରି ସରକାରୀ ଯୋଜନାର ସୁବିଧା ପାଇପାରିବେ, ସେନେଇ ଗୁରୁତ୍ୱ ଦେବା ସହ ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବେ ବୋଲି ବର୍ଷା କହିଛନ୍ତି।

# ସିରିଜ ଦୁର୍ଘଟଣାରେ ଜଣେ ମୃତ, ୮ ଗୁରୁତର




## ଜଗତପୁରରେ ମାଡ଼ିଗଲା ଟ୍ରକ୍

■ ଚାଳକ ଗିରଫ, କାର୍ ଓ ବାଇକ୍ ଚୂରମାର

■ ରାସ୍ତା କଡ଼ରେ ଫଳ ବିକିବା ହେଲା କାଳ




ମଙ୍ଗୁଳି/ଜଗତ୍ପୁର,୧୦।୧୨(ଡି.ଏନ୍.ଏ.)

ଜଗତପୁର-ସାଲେପୁର ରାସ୍ତାର ନଖରାଗଡ଼ା ନିକଟରେ ଶନିବାର ସନ୍ଧ୍ୟାରେ ଏକ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ଜଣ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ବଡ଼ମ୍ବା ନରସିଂହପୁର ଅଞ୍ଚଳର ସୁବାସ ସାହୁ। ସେ ଜଗତପୁର ଇମାମ୍ନଗରରେ ଘରଭଡ଼ା ନେଇ ରହିବା ସହ ଏକ ଫଳ ଦୋକାନ କରିଥିଲେ। ଗୁରୁତରଙ୍କ ମଧ୍ୟରେ ୨ଜଣ ସ୍ଥାନୀୟ ଲୋକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ୬ଜଣ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁତରଙ୍କ ମଧ୍ୟରେ ୨ଜଣ ମହିଳା ଏବଂ ୬ଜଣ ପୁରୁଷ ଅଛନ୍ତି। ସମସ୍ତଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣା ପରେ ପ୍ରାୟ ଦୁଇଘଣ୍ଟା ଧରି ରାସ୍ତା ଜାମ୍ ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଏବଂ କ୍ଷତିଗ୍ରସ୍ତ ହୋଇଥିବା ବାଇକ୍ ଓ କାର୍କୁ ଜବତ କରି ଥାନାକୁ ନେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରତ୍ୟକ୍ଷଦର୍ଶୀ ଅଟୋ ଚାଳକ ସତ୍ୟ ନାରାୟଣ ରାଉତଙ୍କ କହିବା ହେଲା ନଖରାଗଡ଼ା ନିକଟରେ ସନ୍ଧ୍ୟା ପ୍ରାୟ ୬ଟାରେ କେନ୍ଦ୍ରାପଡ଼ା ପଟୁ ଜଗତପୁର ଅଭିମୁଖେ ଆସୁଥିବା ଏକ ୧୨ଚକିଆ (ନଂ. ଓଆର-୧୯-୭୦୭୧) ଟ୍ରକ୍ ହଠାତ୍ ନିୟନ୍ତ୍ରଣ ହରାଇ ପିରବଜାରସ୍ଥିତ କାଳିଆ ଢାବାକୁ ଧକ୍କା ଦେଇଥିଲା। ଏହା ଦେଖି ଲୋକମାନେ ପାଟି କରି ଗୋଡ଼ାଇବାରୁ ଚାଳକ ଦ୍ରୁତଗତିରେ ଟ୍ରକ୍କୁ ଚଳାଇଥିଲେ। ପ୍ରାୟ ୩୦୦ମିଟର ପରେ ଏକ ସ୍କୁଟିକୁ ରକ୍ଷା କରିବାକୁ ଯାଇ ଡାହାଣ ପାର୍ଶ୍ୱରେ ଠିଆ ହୋଇଥିବା ଏକ କାର୍କୁ ଧକ୍କା ଦେଇଥିଲେ। ପରେ ଏକ ବାଇକ୍ରେ ବସିଥିବା ଯୁବକଙ୍କୁ ବାଇକ୍ ସହ ପ୍ରାୟ ୧୦ଫୁଟ ଦୂର ଘୋଷାରି ନେଇଥିଲା। ଏହା ପରେ ପୁଣି ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଫଳ ଦୋକାନ ଉପରେ ମାଡ଼ିଯାଇଥିଲା। ଫଳରେ ଫଳ ବିକାଳି ସୁବାସଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୨ଜଣ ମହିଳା ଗୁରୁତର ଆହତ ହୋଇଥିଲେ। ଅପରପକ୍ଷରେ ଟ୍ରକ୍ଟି ଯେଉଁ କାର୍କୁ ଧକ୍କା ଦେଇଥିଲା ସେଥିରେ ୩ଜଣ ଲୋକ ବସିଥିବାବେଳେ ଦୁର୍ଘଟଣା ଯୋଗୁ ସେମାନେ ଚାପି ହୋଇ ଗୁରୁତର ହୋଇପଡ଼ିଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ପରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଲୋକଙ୍କ କବଳ ଏବଂ ଟ୍ରକ୍କୁ ପୋଲିସ ନିଜ ହେପାଜତକୁ ନେଇ ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ପଛରେ ଆସୁଥିବା ବାଇକ ଚାଳକ ରାଜେଶ ମହାନ୍ତି କୁହନ୍ତି, ଟ୍ରକ୍ରେ କେହି ହେଲ୍ପର ନ ଥିଲେ। ସେଥିପାଇଁ ବାମ ପଟେ ଜଣେ ସ୍କୁଟି ଚାଳକଙ୍କୁ ଡ୍ରାଇଭର ଦେଖି ନ ପାରି ଓଭରଟେକ୍ କରୁଥିଲେ। ଏହି ସମୟରେ ସ୍କୁଟି ଚାଳକ ପାଟି କରିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ଏଭଳି ଦୁର୍ଘଟଣା ଘଟାଇଥାଇ ପାରନ୍ତି।

## ହାଇୱାକୁ ପଛପଟୁ ଧକ୍କାଦେଲା ଟାଟା ଏସିଇ | ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

ରଘୁନାଥପୁର/ବାଙ୍କୀ(ଡି.ଏନ୍.ଏ./ବି.ପ୍ର.)୧୦।୧୨

ରଘୁନାଥପୁର ଥାନା କଟକ ପାରାଦୀପ ରାସ୍ତାର ପୂରଣଓଡ଼ପଡ଼ାଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକଦ୍ୱୟ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଚର୍ଚ୍ଚିକା ସାହିର ଆକାଶ ବେହେରା ଓ ପାଟପୁର ସିଂଘନାଥପୁରର ସୁରେଶ ମଲ୍ଲିକ। ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ କୁମର ମଲ୍ଲିକ। ସୁରେଶ ମାଛ ବ୍ୟବସାୟ କରନ୍ତି। ପାରାଦୀପରୁ ମାଛ ଆଣିବା ପାଇଁ ସେ ଶୁକ୍ରବାର ରାତିରେ ଓଡି୦୫-ଏଜେଡ୍-୧୫୬୭ ନଂ ବିଶିଷ୍ଟ ଟାଟାଏସିଇ ଗାଡ଼ି ବାଙ୍କୀରୁ ବାହାରିଥିଲେ। ଆକାଶ ଗାଡ଼ି ଚଳାଉଥିଲେ। ଆକାଶ ଏବଂ ସୁରେଶ ଗାଡ଼ିର ଆଗରେ ବସିଥିବାବେଳେ କୁମର ଗାଡ଼ି ଡାଲାରେ ବସିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ କଟକ ପାରାଦୀପ ରାସ୍ତାର ପୂରଣଓଡ଼ପଡ଼ା ରାସ୍ତା ପାର୍ଶ୍ୱରେ ପୂର୍ବରୁ ଏକ ବାଲିବୋଝେଇ ହାଇୱା ଟ୍ରକ୍ ଥୁଆ ହୋଇଥିଲା। ଏହି ସମୟରେ ପାରାଦୀପ ଅଭିମୁଖେ ଯାଉଥିବା ଟାଟାଏସିଇ ଗାଡ଼ିଟି ବିଳମ୍ବିତ ରାତି ପ୍ରାୟ ୩ଟାରୁ ସାଢ଼େ ୩ଟା ମଧ୍ୟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ହାଇୱାର ପଛପାର୍ଶ୍ୱରେ ପିଟି ହୋଇଯାଇଥିଲା। ଦୁର୍ଘଟଣାର ମାତ୍ରା ଏତେ ଜୋର ଥିଲା ଯେ, ଗାଡ଼ିର ଆଗପାର୍ଶ୍ୱ ସମ୍ପୂର୍ଣ୍ଣ ଚାପି ହୋଇଯାଇଥିବା ସହ ଡ୍ରାଇଭର ଆକାଶ ଏବଂ ସୁରେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏଥିସହ ପଛ ଡାଲାରେ ବସିଥିବା କୁମର ଗୁରୁତର ହୋଇଥିଲେ। ଏହି ଘଟଣା ପରେ ହାଇୱା ଡ୍ରାଇଭର ସେଠାରୁ ହାଇୱା ନେଇ ଫେରାର ହୋଇଯାଇଥିବାରୁ ପୋଲିସ ତାକୁ ଠାବ କରିବାକୁ ସନ୍ଧାନ ଚଳାଇଛି। ଅପରପକ୍ଷରେ ଆହତ କୁମରଙ୍କୁ ଅଗ୍ନିଶମ ବାହିନୀ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଏକ ମାମଲା(ନଂ. ୨୪୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ରାଜକିଶୋର ବେହେରା ପ୍ରକାଶ କରିଛନ୍ତି। ଅପରପକ୍ଷରେ ୨ ମୃତଦେହ ସନ୍ଧ୍ୟାରେ ବାଙ୍କୀରେ ପହଞ୍ଚିବାପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଗୁମର ଖୋଲିବାକୁ କହୁଥିବା ଅର୍ଚ୍ଚନାଙ୍କ ପାଟି ଚୁପ୍

ଭୁବନେଶ୍ୱର, ୧୦।୧୨ (ବ୍ୟୁରୋ)

## ଚାପ ନା ଆଉକିଛି...

■ କୁଆଡ଼େ ଗଲେ ଶ୍ରଦ୍ଧାଞ୍ଜଳି

■ ଆଉଥରେ ରିମାଣ୍ଡରେ ଆଣିବାକୁ ଯୋଜନା

'ମୋତେ ଫସାଇ ଦିଆଯାଇଛି। ପାଟି, ଆଖି, କାନ ବନ୍ଦ କରି ରଖାଯାଇଛି। ମୁଁ ମୁହଁ ଖୋଲିଲେ ରାଜ୍ୟ ଦୋହଲିଯିବ। ଇଡିକୁ ଅପେକ୍ଷା କରିଥିଲି, ଏବେ ମୁହଁ ଖୋଲିବାକୁ ସୁଯୋଗ ମିଳିବ। ମୋତେ ୩୦ ମିନିଟ୍ ଦିଆଯାଉ। ନେତା, ମନ୍ତ୍ରୀ ଆଉ କିଏ ସବୁ ସମ୍ପୃକ୍ତ ଅଛନ୍ତି ସବୁ ପ୍ରମାଣ ଦେଖାଇଦେବି।' ହନିଟ୍ରାପ୍ ମାଧ୍ୟମରେ ବ୍ଲାକ୍ମେଲିଂ କରି ବିପୁଳ ସମ୍ପତ୍ତିର ମାଲିକାଣୀ ହୋଇଥିବା ବହୁ ଚର୍ଚ୍ଚିତ ଅର୍ଚ୍ଚନା ନାଗ ଗତ ୬ ତାରିଖରେ ରିମାଣ୍ଡରେ ଆସିବାବେଳେ ଏଭଳି କିଛି ବିସ୍ଫୋରକ ବୟାନ ଦେଇଥିଲେ। ଏହାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ତାଙ୍କ କଳାସାମ୍ରାଜ୍ୟରେ ସମ୍ପୃକ୍ତ ଥିବା ବଡ଼ବଡ଼ିଆଙ୍କ ଗୁମର ଶୁଣିବାକୁ ସମସ୍ତେ ଚାହିଁ ବସିଥିଲେ। ହେଲେ ସେ ପାଟି ଖୋଲୁ ନ ଥିବା ଓ ତଦନ୍ତରେ ସହଯୋଗ କରୁ ନ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୂଚନା ଦେବା ପରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇତିମଧ୍ୟରେ ୭ ଦିନିଆ ରିମାଣ୍ଡର ୫ଦିନ ବିତିଯାଇଥିବାବେଳେ ଇଡି ହାତରେ ଆଉ ମାତ୍ର ୨ଦିନ ରହିଛି। ଜେଲରେ ଥିବା ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ପାତ୍ର ଏବଂ ହନିଟ୍ରାପ୍ରେ ମୋହରା ସାଜୁଥିବା ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ମୁହାଁମୁହିଁ ଜେରା କରି ବଡ଼ ଗୁମର ଖୋଲିବାକୁ କହୁଥିବା ଇଡି ମଧ୍ୟ ହାତ ଟେକିଦେଲେଣି। ଚାପ ନା ଆଉକିଛି? ଅର୍ଚ୍ଚନାଙ୍କ ଦୋମୁହାଁ ଆଚରଣରେ ଖୋଦ୍ ଇଡି ଅଧିକାରୀମାନେ ମଧ୍ୟ ଚକିତ ହୋଇପଡ଼ିଛନ୍ତି। ଅର୍ଚ୍ଚନାଙ୍କ ସମ୍ପତ୍ତି, ଟଙ୍କା ଓ ଅୟସ ଜୀବନଶୈଳୀ ପଛରେ କ'ଣ ରହସ୍ୟ ରହିଛି ତାହା ଜାଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏଯାଏ ଉତ୍ତର ପାଇପାରୁ ନାହାନ୍ତି। ସେହିପରି ପ୍ରଯୋଜକ ଅକ୍ଷୟ ପରିଜା, ଭଡ଼ାଘର ମାଲିକ ପ୍ରମୋଦ ସ୍ୱାଇଁ ଓ ଶ୍ରଦ୍ଧାଞ୍ଜଳିଙ୍କ ବୟାନ ଆଧାରିତ ପ୍ରଶ୍ନର ଉତ୍ତର ଦେବାକୁ ସେ ରାଜି ହେଉନାହାନ୍ତି। ଫଳରେ ପୂର୍ବରୁ ଯେଉଁମାନେ ଜେରାର ସମ୍ମୁଖୀନ ହୋଇଥିଲେ ସେମାନଙ୍କ ବୟାନର ସତ୍ୟତା ମିଳିପାରୁ ନାହିଁ। ଏପଟେ ଅର୍ଚ୍ଚନାଙ୍କ ରିମାଣ୍ଡ ଅବଧି ୧୨ ତାରିଖରେ ସରୁଥିବାରୁ ତାଙ୍କୁ ପୁଣି ଥରେ ରିମାଣ୍ଡରେ ଆଣିବା ପାଇଁ ଇଡି ଯୋଜନା ଆରମ୍ଭ କରିଛି। ସେହିପରି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ୧୩ ତାରିଖରେ କୋର୍ଟରେ ହାଜର ହେବେ। ତାଙ୍କୁ ମଧ୍ୟ ରିମାଣ୍ଡରେ ଆଣିବାକୁ ଇଡି କୋର୍ଟଙ୍କୁ ନିବେଦନ କରିବ ବୋଲି କୁହାଯାଉଛି। ଏହାପରେ ଉଭୟଙ୍କୁ ମୁହାଁମୁହିଁ ଜେରା କରି କିଛି ନୂଆ ତଥ୍ୟ ପାଇବାକୁ ଇଡି ଅଧିକାରୀମାନେ ଶେଷ ଆଶା ରଖିଛନ୍ତି।

ଅପରପକ୍ଷରେ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣିବା ପରେ ଶ୍ରଦ୍ଧାଞ୍ଜଳିଙ୍କୁ ଡାକି ମୁହାଁମୁହିଁ ଜେରା କରିବାକୁ ଯୋଜନା କରିଥିଲା ଇଡି। ହେଲେ ଏସବୁର ଏବେ ଫସର ଫାଟିଯାଇଛି। ବାରମ୍ବାର ନୋଟିସ ସତ୍ତ୍ୱେ କାର୍ଯ୍ୟାଳୟକୁ ଶ୍ରଦ୍ଧାଞ୍ଜଳି ଆସୁନାହାନ୍ତି। ଇଡିର କହିବା ଅନୁସାରେ, ଶ୍ରଦ୍ଧାଞ୍ଜଳି ହିଁ କହିପାରିବେ ଅର୍ଚ୍ଚନା ନାଗ ଫାଶର ଅସଲ କଥା। ତେବେ ଇଡି ପାଇଁ ଏବେ ଜରୁରୀ ହୋଇପଡ଼ିଛି ଶ୍ରଦ୍ଧାଞ୍ଜଳିଙ୍କ ପାଖରେ ପହଞ୍ଚିବା। ଇଡି ନଜରରେ ସେ ଏବେ ଫେରାର। ତାଙ୍କୁ ଖୋଜାଚାଲିଥିବା ସୂଚନା ମିଳିଛି।

### ଖଣ୍ଡଗିରି ଥାନାରୁ ଦସ୍ତାବିଜ ଆଣିଲା ଇଡି

ବହୁଚର୍ଚ୍ଚିତ ବ୍ଲାକ୍ମେଲର ଅର୍ଚ୍ଚନା ନାଗଙ୍କୁ ୭ ଦିନିଆ ରିମାଣ୍ଡରେ ନେଇ ଇଡି ମାରାଥନ୍ ଜେରା କରିବା ସହ ହନିଟ୍ରାପ୍, ଠକେଇ ମାଧ୍ୟମରେ ହୋଇଥିବା ବେଆଇନ ଆର୍ଥିକ କାରବାରର ଗୁମର ଖୋଲିବାକୁ ଉଦ୍ୟମ ଚଳାଇଛି। ଅର୍ଚ୍ଚନା ଯଥାସମ୍ଭବ କମ୍ କଥା ହେବା ସହ ବହୁ କିଛି ଲୁଚାଉଥିବାରୁ ତାଙ୍କଠାରୁ ଅଧିକ ତଥ୍ୟ ବିଶେଷକରି ବଡ଼ବଡ଼ିଆଙ୍କ ଲିଙ୍କ୍ ପାଇବାକୁ ପୋଲିସ ତଦନ୍ତ ରିପୋର୍ଟର ସହାୟତା ନେବାକୁ ଯାଉଛି। ତେଣୁ ଶନିବାର ଇଡିର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଏହି ମାମଲାର ତଦନ୍ତ କରୁଥିବା ଖଣ୍ଡଗିରି ଥାନାଧିକାରୀ ଦୟାନିଧି ନାୟକଙ୍କୁ ଭେଟିଥିଲେ। ଏହି ସମୟରେ ଅର୍ଚ୍ଚନାଙ୍କ ଘରୁ ଜବତ ହୋଇଥିବା ଏକ ଡାଏରିର ନକଲ ଇଡିଙ୍କୁ ହସ୍ତାନ୍ତର କରିଛି ଖଣ୍ଡଗିରି ଥାନା ପୋଲିସ। ଇଡିକୁ ତଦନ୍ତର ସବିଶେଷ ତଥ୍ୟ ପ୍ରଦାନ କରିବାକୁ କୋର୍ଟ କମିଶନରେଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଅପରାହ୍ନ ପ୍ରାୟ ୧ଟା ୩୦ରେ ଇଡିର ଜଣେ ଆସିଷ୍ଟାଣ୍ଟ ଡାଇରେକ୍ଟର ଖଣ୍ଡଗିରି ଥାନାରେ ପହଞ୍ଚି ଏହି ମାମଲା ସଂକ୍ରାନ୍ତ ତଦନ୍ତ ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନୟାପଲ୍ଲୀ ଥାନାରେ ଫିଲ୍ମ ନିର୍ଦ୍ଦେଶକ ଅକ୍ଷୟ ପରିଜାଙ୍କ ଅଭିଯୋଗ ଏବଂ ଖଣ୍ଡଗିରିଥାନାରେ ଶ୍ରଦ୍ଧାଞ୍ଜଳି କରିଥିବା ଅଭିଯୋଗକୁ ଆଧାର କରି ଇଡି ତଦନ୍ତ ଆରମ୍ଭ କରିଥିଲା।

# ଆୟୁଷ୍ମାନ ଭାରତ ହେଲ୍ଥ ଆକାଉଣ୍ଟ: ଶୀର୍ଷରେ ଓଡ଼ିଶା



ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ୟୁନିଭର୍ସାଲ ହେଲ୍ଥ କଭରେଜ୍ ଡେ' ୨୦୨୨ ଅଭିଯାନରେ ଓଡ଼ିଶା ସର୍ବାଧିକ ଆୟୁଷ୍ମାନ ଭାରତ ହେଲ୍ଥ ଆକାଉଣ୍ଟ(ଆଭା) ପ୍ରମାଣପତ୍ର କରି ଜାତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଶନିବାର ବାରାଣସୀରେ ଆୟୋଜିତ ୟୁନିଭର୍ସାଲ ହେଲ୍ଥ କଭରେଜ୍ ଡେ' ପାଳନ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡା. ଡି. ବୃନ୍ଦା ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଆଭା ପ୍ରମାଣପତ୍ରରେ ଜଣେ ନାଗରିକଙ୍କର ସ୍ୱାସ୍ଥ୍ୟ ଚିକିତ୍ସା ସମ୍ବନ୍ଧିତ ସମସ୍ତ ତଥ୍ୟ ରହିଥାଏ। କେନ୍ଦ୍ର ସରକାର ଓଡ଼ିଶାରୁ ୨୧.୯୦ଲକ୍ଷ ଆଭା ପ୍ରମାଣପତ୍ର ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ପୋର୍ଟାଲକୁ ବ୍ୟବହାର କରି ୪୩,୬୧,୮୯୫ଟି (୧୯୯%) ପ୍ରମାଣପତ୍ର କରି ଦେଶରେ ଶୀର୍ଷରେ ରହିପାରିଛି। ସେହିଭଳି ଦେଶରେ ଶ୍ରେଷ୍ଠ ୧୦ ଜିଲା ମଧ୍ୟରେ ଓଡ଼ିଶାର ଭଦ୍ରକ, ଯାଜପୁର, କଟକ, ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର, ପୁରୀ ଏବଂ କେନ୍ଦୁଝର ରହିଛି।

# ଟଙ୍କା, ସୁନା ଲୋଭରେ ହତ୍ୟାକଲେ ନାତି

## ଗଳାକାଟି ବୃଦ୍ଧଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ





ପୋଲିସ ସହ ଗିରଫ ଅଭିଯୁକ୍ତ ଓମ୍ପ୍ରକାଶ ମୁଦୁଲି (ଉପର)। ଜବତ ଟଙ୍କା, ସୁନା ଅଳଙ୍କାର।

ନିଶ୍ଚିନ୍ତକୋଇଲି/ସାଲେପୁର, ୧୦।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

କଟକ ଜିଲା ନେମାଳ ଥାନା ଅଧୀନ କଳମିଶ୍ରି ପଞ୍ଚାୟତ ଲେଣ୍ଡୁରା ଭଗବାନପୁର ଗ୍ରାମରେ ଗଳାକାଟି ବୃଦ୍ଧଙ୍କୁ ହତ୍ୟା ଘଟଣାର ଶୁକ୍ରବାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପର୍କୀୟ ନାତି ଓମ୍ପ୍ରକାଶ ମୁଦୁଲି(୧୮)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ନଗଦ ଟଙ୍କା, ସୁନା ଅଳଙ୍କାର ସମେତ ହତ୍ୟାରେ ବ୍ୟବହୃତ ଦାଆ ଓ କଟୁରିକୁ ପୋଲିସ ଜବତ କରିଛି। ଏନେଇ ସାଲେପୁର ଏସ୍ଡିପିଓ ବିମଳ ବାରିକ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଟଙ୍କା, ସୁନା ଲୋଭରେ ପଡ଼ି ଜେଜେ ହୃଷୀକେଶ ମୁଦୁଲି (୬୯)ଙ୍କୁ ହତ୍ୟା କରିଥିବା ନେଇ ଓମ୍ପ୍ରକାଶ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ମୃତ ହୃଷୀକେଶଙ୍କ ଏକମାତ୍ର ପୁତ୍ର ହିମାଂଶୁ ଅନ୍ୟତ୍ର ଶିକ୍ଷାଲାଭ କରୁଥିବାରୁ ବହୁ ସମୟରେ ଘରେ ଅନୁପସ୍ଥିତ ରହୁଥିଲେ। ଏହାର ସୁଯୋଗ ନେଇ ନିକଟରେ ରହୁଥିବା ସମ୍ପର୍କୀୟ ନାତି ଓମ୍ପ୍ରକାଶ ବହୁ ସମୟରେ ହୃଷୀକେଶଙ୍କ ଘରେ ଚଳପ୍ରଚଳ ହେଉଥିଲେ। ଏପରିକି ସେଠାରେ ରାତ୍ରୀଯାପନ ମଧ୍ୟ କରିଆସୁଥିଲେ। ହୃଷୀକେଶଙ୍କ ପାଖରେ ଟଙ୍କା ଓ ସୁନା ଅଳଙ୍କାର ଥିବା ଦେଖିବା ପରେ ତାହାକୁ ନେବା ପାଇଁ ଓମ୍ପ୍ରକାଶ ଯୋଜନା ପ୍ରସ୍ତୁତ କରିଥିଲେ। ଏନେଇ ସେ ପୂର୍ବଯୋଜନା ମୁତାବକ ଗୁରୁବାର ରାତିରେ ହୃଷୀକେଶଙ୍କ ସ୍ତ୍ରୀ କନକଲତାଙ୍କ ନିକଟରେ ଶୋଇଥିଲେ। ଜେଜେ ଓ ଜେଜେ'ମା ଶୋଇପଡିବା ପରେ ଓମ୍ପ୍ରକାଶ ପ୍ରଥମେ ହୃଷୀକେଶଙ୍କ ରୁମ୍କୁ ଯାଇ ତାଙ୍କ ମୁଣ୍ଡ ଉପରେ ଥିବା ଆଲମିରା ଚାବି ଆଣିଥିଲେ। ଏହି ଚାବିରେ ସେ ଆଲ୍ମିରା ଖୋଲି ଟଙ୍କା ଓ ଅଳଙ୍କାର ଚୋରି କରୁଥିବା ବେଳେ ଜେଜେଙ୍କ ନିଦ ଭାଙ୍ଗିଯାଇଥିଲା। ଓମ୍ପ୍ରକାଶଙ୍କୁ ଚୋରି କରୁଥିବା ଦେଖି ସେ ପ୍ରତିବାଦ କରିଥିଲେ। ଏଥିଯୋଗୁ ଓମ୍ପ୍ରକାଶ ପାଖରେ ଲୁଚାଇ ରଖିଥିବା ମାରଣାସ୍ତ୍ରରେ ହୃଷୀକେଶଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଚିତ୍କାର ଶୁଣି କନକଲତା ଦୌଡି ଆସି ଓମ୍ପ୍ରକାଶଙ୍କ ହାତକୁ କାମୁଡି ଦେଇଥିଲେ। ମାତ୍ର ଓମ୍ପ୍ରକାଶ ତାଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଥିଲେ। ଏଥିସହ ଘରେ ଥିବା ଆସବାବପତ୍ର ଓ କାଗଜପତ୍ରରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ସେ ଚୋରି କରିଥିବା ସୁନା ଅଳଙ୍କାର, ଟଙ୍କା ନେଇ ନିଜ ଘରର ଖଟତଳେ ଥିବା ଏକ ଏୟାର ବ୍ୟାଗରେ ରଖି ପୁନର୍ବାର ଜେଜେ ମା'ଙ୍କ ଘରକୁ ଫେରି ଆସିଥିଲେ। ହତ୍ୟାକାଣ୍ଡକୁ ଭିନ୍ନ ରୂପ ଦେବା ନିମନ୍ତେ ଓମ୍ପ୍ରକାଶ ବଡ ପାଟିରେ ଚିତ୍କାର କରି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ପାଟି ଶୁଣି ଗାଁ ଲୋକେ ଘଟଣାସ୍ଥଳକୁ ଆସିବା ପରେ ୪ ଜଣ ଅଚିହ୍ନା ଦୁର୍ବୃତ୍ତ ତାଙ୍କ ଘରକୁ ଆସି ଏହି କାଣ୍ଡ କରିଥିବା ନେଇ ଓମ୍ପ୍ରକାଶ କହିଥିଲେ। ସ୍ଥାନୀୟ ଲୋକେ କନକଲତା ଓ ହୃଷୀକେଶଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ କଟକ ଗ୍ରାମାଞ୍ଚଳ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ଟିମ୍ ଗଠନ କରି ଓମ୍ପ୍ରକାଶଙ୍କ ଉପରେ ନଜର ରଖିଥିଲା। ସେ କଟକ ରେଳ ଷ୍ଟେଶନରୁ ଅନ୍ୟ ସ୍ଥାନକୁ ଚାଲିଯିବାକୁ ଉଦ୍ୟମ କରୁଥିଲା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଏହାପରେ ପୋଲିସର ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହୋଇ ନ ପାରି ସେ ସତ ମାନିବା ସହ ଘରର ଖଟ ତଳେ ଏୟାର ବ୍ୟାଗରେ ଲୁଚାଇ ରଖିଥିବା ଟଙ୍କା ଓ ସୁନା ଅଳଙ୍କାର ସମ୍ପର୍କରେ କହିଥିଲେ। ମୃତ ହୃଷୀକେଶଙ୍କ ବଡ଼ ଭାଇ ନୃସିଂହ ମୁଦୁଲିଙ୍କ ଏତଲାକୁ ଭିତ୍ତି କରି ଏନେଇ ନେମାଳ ଥାନାରେ ମାମଲା (ନଂ .୨୧୯/୨୨) ରୁଜୁ ହୋଇଛି। ଅଭିଯୁକ୍ତ ଓମ୍ପ୍ରକାଶଙ୍କ ଜାମିନ ଆବେଦନ ନାକଚ ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ମାରଣାସ୍ତ୍ର ସହ ଟଙ୍କା ସୁନା ଜବତ




**ଆଜିର ମନ୍ତବ୍ୟ**

ଗତ ଫେବୃୟାରୀରୁ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଚଳାଇଛି। ସେଥିପାଇଁ ସଂକ୍ଷିପ୍ତ ଏବଂ ଦ୍ରୁତ ଅଭିଯାନ ପରିବର୍ତ୍ତେ ଦୀର୍ଘମିଆଦୀ ଯୁଦ୍ଧ ପାଇଁ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ହେବ।
–ଏୟାର ଚିଫ୍ ମାର୍ଶାଲ ଭି.ଆର୍. ଚୌଧରୀ, ବାୟୁସେନା ମୁଖ୍ୟ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଇଗଣ ଝଟେଇ,**
**ଏଠା କଥା ସେଠେଇଁ କହେ,**
**ନାଲବାଲୀ ଖେଣ୍ଟେଇ।**

କେତେକ ମହିଳା କଳିହା ପ୍ରକୃତିର ହୋଇଥାନ୍ତି। ଖେଣ୍ଟେଇ କରି କଥା କହି ଅଯଥା ଦ୍ୱନ୍ଦ୍ୱ ତଥା କଳହ ସୃଷ୍ଟି କରାଇବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ୟା'ର କଥା ତା'ର ଆଗରେ ତା'ର କଥା ୟା'ର ଆଗରେ କହି ଅପ୍ରିୟତା ସୃଷ୍ଟି କରୁଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାହାପିଆଙ୍କର ରୀତି;**
**ବାହାରେ କାଢ଼ନ୍ତି ଢମ ବାରୋଡ଼ି,**
**ଘରେ ନ ଜାଳଇ ବତୀ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଢ଼ିମା ଦେଖେଇ ହୋଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାରପଣିଆକୁ ନେଇ ଅଯଥା ବାହାଦୁରି ଦେଖେଇଥାନ୍ତି। ଢମ ଗପିବାର ବା ବଡେଇ କରି କହିବାର ଇଏ ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ, ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ, ସ୍ୱାମୀ ଗିରଫ

**ଝାରସୁଗୁଡା ଅଫିସ୍, ୧୦।୧୨**

ସ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ କରିବା ଅଭିଯୋଗରେ ବଡମାଲ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ କାଲୋପଡ୍ରାର ଗୋକୁଳ ଚରଣ ରାଉତ(୩୮)। ତାଙ୍କ ନିକଟରୁ ପୋଲିସ୍ ଛୁରି ଜବତ କରିଛି। ଆକ୍ରମଣରେ ଆହତ ମନିସା ରାଉତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା (ନଂ୨୭୭/୨୨) ରୁଜୁକରି ତଦନ୍ତ ଚଳାଇଛି। ମନିସାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଏହି ଦମ୍ପତି କେନ୍ଦ୍ରପଡ଼ା ଜିଲା ରାଜକନିକାର ମୂଳବାସିନ୍ଦା ହୋଇଥିବାବେଳେ କିଛିବର୍ଷ ହେଲା ଝାରସୁଗୁଡ଼ାରେ କାମଧନ୍ଦା କରି ରହିଆସୁଛନ୍ତି। ଗୋକୁଳ ଏସ୍ଏମ୍ସି ପ୍ରକଳ୍ପରେ କାମ କରୁଥିବାବେଳେ ମନିସା ଏକ ହୋଟେଲରେ କାମ କରନ୍ତି। ହେଲେ କିଛିମାସ ହେଲା ଗୋକୁଳ କାମ କରିବାକୁ ଯାଉ ନ ଥିବାବେଳେ ସ୍ତ୍ରୀଙ୍କ ସହିତ ଝଗଡା କରନ୍ତି। ସ୍ତ୍ରୀ ମନିସା ବୁଝାଉଥିବାବେଳେ ସ୍ୱାମୀ ଉତ୍କ୍ଷିପ୍ତ ହୋଇ ଛୁରିରେ ଆକ୍ରମଣ କରିଥିଲେ।

# 'ସମସ୍ତେ ମହାପ୍ରଭୁଙ୍କ ମହିମାର ପ୍ରଚାର ପ୍ରସାର କରନ୍ତୁ'




ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଅନ୍ୟ ଅତିଥି।

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଏକାଦଶ ବାର୍ଷିକ ଉତ୍ସବ

■ ଭାସ୍କର ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ଗବେଷକ, ଶଙ୍କର୍ଷଣ ମଙ୍ଗରାଜଙ୍କୁ ପ୍ରଚାରକ ସମ୍ମାନ

**ପୁରୀ ଅଫିସ, ୧୦।୧୨**

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଏକାଦଶ ବାର୍ଷିକ ଉତ୍ସବ ଓ ତ୍ରୟୋଦଶତମ ସାଧାରଣ ଅଧିବେଶନ ଶନିବାର ହୋଟେଲ ହଲିଡେ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ବିଶିଷ୍ଟ ଅତିଥି ଭାବେ ଡ. ତପନ କୁମାର ଚାନ୍ଦ ଏବଂ ସମ୍ମାନିତ ଅତିଥି ଭାବେ ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଥିଲେ। ରାଜ୍ୟପାଳ ନିଜ ବକ୍ତବ୍ୟରେ ଗୀତାର ଅନେକ ଶ୍ଳୋକର ଉଦାହରଣ ଦେବା ସହ ମହାପ୍ରଭୁଙ୍କ ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସମର୍ପିତ ଭାବନା ନେଇ କାମ କଲେ ସଫଳତା ମିଳିଥାଏ ବୋଲି କହିବା ସହ ମିଳିତ ଭାବେ ମହାପ୍ରଭୁଙ୍କ ମହିମାର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରତିଷ୍ଠାନର ମୁଖପତ୍ର 'ଶ୍ରୀଜଗନ୍ନାଥ ଚେତନା–୧୨' ଉନ୍ମୋଚିତ ହୋଇଥିଲା। ସେହିପରି ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଲେଖକ ଓ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଶ୍ରୀଜଗନ୍ନାଥ ଚେତନାର ସୁପରିଚିତ ପ୍ରଚାରକ ଶଙ୍କର୍ଷଣ ମଙ୍ଗରାଜଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଶ୍ରୀଜଗନ୍ନାଥ ମନ୍ଦିର ଧର୍ମଗଡ଼, କଳାହାଣ୍ଡି ଏବଂ ଶ୍ରୀଜଗନ୍ନାଥ ମନ୍ଦିର କୋଏମ୍ବାଟୁରକୁ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଧର୍ମଗଡ଼ ତରଫରୁ ମନ୍ଦିର କାର୍ଯ୍ୟକର୍ତ୍ତା ତୁଷାର ରଞ୍ଜନ ପାଟଯୋଶୀ ଏବଂ କୋଏମ୍ବାଟୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସଭାପତି ଅସିତ କୁମାର ସ୍ୱାଇଁ ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶ୍ରୀଜଗନ୍ନାଥଙ୍କ ପାଞ୍ଚଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଜ୍ୟୋତି ପ୍ରତିହାରୀ, ଋତୁପର୍ଣ୍ଣା ମହାରଣା, ସୂର୍ଯ୍ୟମଣି ସୁଆର, ପ୍ରଶାନ୍ତ ପଣ୍ଡା ଏବଂ ଶବି ପ୍ରଧାନ। କାର୍ଯ୍ୟକ୍ରମରେ ଝାଞ୍ଜପିଟା ମଠର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସ ବାବାଜୀ ସଭାପତିତ୍ୱ କରିଥିଲେ। ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସଚିବ ଡ. ଅସିତ ମହାନ୍ତି ସଞ୍ଚାଳନ କରିଥିଲେ।

ବାର୍ଷିକ ଉତ୍ସବ ପୂର୍ବରୁ ତ୍ରୟୋଦଶ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠାନର ଆଗାମୀ ବର୍ଷ ପାଇଁ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଚଳିତ ମାସ ୨୦ରେ ଭୁବନେଶ୍ୱରରେ ହେବାକୁ ଥିବା ଶ୍ରୀଜଗନ୍ନାଥ ଚେତନା ମହାସମାରୋହ ସମ୍ବନ୍ଧରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସେଥିରେ ଦୁଇଶହ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖୋର୍ଦ୍ଧା ଜିଲା ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ଓ କର୍ମକର୍ତ୍ତା ଯୋଗଦେବେ। ଭାଗବତ ଟୁଙ୍ଗୀଗୁଡ଼ିକର ପୁନରୁଦ୍ଧାର ପାଇଁ ବିରାଟ ଆଧ୍ୟାତ୍ମିକ ସମ୍ମିଳନୀ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଥିଲା। ସନ୍ତୋଷ କୁମାର ପାତ୍ର, ରବିନାରାୟଣ ସାମନ୍ତରା, କରୁଣାକର ପ୍ରଧାନ, ହରେକୃଷ୍ଣ ପ୍ରତିହାରୀ, ସୁଦର୍ଶନ ନାୟକ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଶ୍ରୀନିବାସ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ନେଇ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚା ନେତୃତ୍ୱରେ ହରିଶଙ୍କରରୁ ପଦଯାତ୍ରାରେ ଆସି ଭୁବନେଶ୍ୱରରେ ପହଞ୍ଚିଥିବା କୋଶଳବାସୀ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ନବୀନ ନିବାସ ଯିବାବେଳେ ଶିଶୁ ଭବନ ଛକରେ ପୋଲିସ ଅଟକାଉଛି। (ଫଟୋ– ମନୋରଞ୍ଜନ)

# ଚୋରି ଅଭିଯୋଗରେ ଯୁବକ ଗିରଫ

**କଳିଙ୍ଗନଗର, ୧୦।୧୨(ଡି.ଏନ.ଏ.)**

ଯାଜପୁର ଟାଟା ଷ୍ଟିଲ୍ କାରଖାନାରୁ ଲୁହା ଚୋରି ଅଭିଯୋଗରେ କଳିଙ୍ଗନଗର ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଭୁବନ ଥାନା ଅଧୀନ ବରନାଳିର ଅଜିତ ସୋରେନ(୩୦)। ଅଜିତ ଟାଟା କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ତେଣୁ କାରଖାନା ପରିସରରେ ଥିବା ଲୁହାକୁ କଟର ଦ୍ୱାରା ଛୋଟଛୋଟ ଖଣ୍ଡ କରି କାଟି ବସ୍ତାରେ ଭର୍ତ୍ତି କରିଥିଲେ। ପରେ ସେ ଏହାକୁ ନେଇ ଆସୁଥିବାବେଳେ ଫାଟକରେ ସୁରକ୍ଷାକର୍ମୀଙ୍କ ହାତରେ ଧରା ପଡ଼ିଥିଲେ। ଏନେଇ ଟାଟା ଷ୍ଟିଲ୍ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୨୭୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ପ୍ରଭାବରୁ ସମସ୍ୟା ବିଜଡ଼ିତ ମନ ହେତୁ ଟେନ୍‌ସନ ପିଛା ଛାଡ଼ିବ ନାହିଁ। ଟଙ୍କା ପଇସାକୁ କେନ୍ଦ୍ର କରି କିମ୍ବା ପର କଥା ଶୁଣି ଘରେ କଳହ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। ଦ୍ୱିଜା ନକ୍ଷତ୍ର ସକାଶେ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ।

**ବୃଷ** ବନ୍ଧୁଙ୍କ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ। କିନ୍ତୁ ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ। ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ୍ ଜିନିଷ ପ୍ରାପ୍ତି ହେବ। କେତେକ ସାମାନ୍ୟ ଭୁଲରୁ ମୃଗଶିରାର କାମଗୁଡ଼ିକ ଶୃଙ୍ଖଳାରେ ନ ହୋଇ ବିଶୃଙ୍ଖଳିତ ହୋଇପାରେ।

**ମିଥୁନ** ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଯୋଗୁ କାମ ହାସଲ ସକାଶେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇପାରିବେ। ପୁରାତନ ରୋଗର ପୀଡ଼ା କ୍ରମଶଃ ହ୍ରାସ ପାଇପାରେ। ଆନୁଷ୍ଠାନିକ କାମରେ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇ ପାରନ୍ତି। ଆଜି ଅପରାହ୍ନେ ବକେୟା ଟଙ୍କା ପାଇବାର ଆଶା ଉଜ୍ଜ୍ୱଳତର ହେବ।

**କର୍କଟ** କୌଣସି କାମ କରିସାରିବା ପରେ ଭଲ–ମନ୍ଦର ବିଚାର କରି ଅସ୍ଥିର ରହିପାରନ୍ତି। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବାର ବହୁତ ସମ୍ଭାବନା ଅଛି।

**ସିଂହ** ବୁଧ ଓ ଶୁକ୍ରଜନିତ କଥାବାର୍ତ୍ତାରେ ଶାଳୀନତା ଅଭାବରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପାରିବାରିକ ସ୍ତରରେ ନକାରାତ୍ମକ ଚିନ୍ତାଧାରା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ।

**କନ୍ୟା** ଧନ ସ୍ଥାନରେ କେତୁ ଅର୍ଥହାନି ଘଟାଇ ସମସ୍ୟାରେ ପକାଇପାରନ୍ତି। କୌଣସି ବ୍ୟକ୍ତି ଫୁସୁଲା ଫୁସୁଲି କରି ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ଯୋଜନା କରିବେ। ଆଲୋଚନା କିମ୍ବା ସଭାସମିତିରେ ପାଣ୍ଡିତ୍ୟର ପରିପ୍ରକାଶ ଯୋଗୁ ସୁସମ୍ପର୍କ ସ୍ଥାପିତ ହୋଇପାରେ। ଯାହା ଆଶା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ।

**ତୁଳା** ମଙ୍ଗଳଙ୍କ ସୁଦୃଷ୍ଟିରୁ ଗୃହୋପଯୋଗୀ ଜମିଜମା କ୍ରୟ କରିପାରନ୍ତି। ଗତକାଲିର ଅସମ୍ପୂର୍ଣ୍ଣ ଘର କାମ ସାଙ୍ଗକୁ ଆଜିର ଅଫିସ୍ କାମର ଜଞ୍ଜାଳ ବଳିଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଲକ୍ଷ୍ୟ ହାସଲ କରିବେ। ଅନ୍ୟର ଅସୁବିଧା ଦୂର ପାଇଁ ନିଜକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ବିଛା** ଆଜି ବୁଧ ଓ ଶୁକ୍ରଙ୍କ ସୁପ୍ରଭାବରୁ ନୂତନ କର୍ମାରମ୍ଭ, ଯାନବାହନ ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଖୋଜୁଥିବା ଜିନିଷର ସନ୍ଧାନ ମିଳିଯିବ। ମାଲି ମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ଧନୁ** ଶନି ମୁଖଭାବସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ନୀରବତାକୁ ପ୍ରାଧାନ୍ୟ ଦେବେ। ଅଳସୁଆମି ତ୍ୟାଗକରି କାମରେ ତତ୍ପରତା ନ ଦେଖାଇଲେ ନିଜ ଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନ ଆନମନା ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ, କିନ୍ତୁ ଏଥିପାଇଁ ବହୁତ ଝିନ୍‌ଝଟ୍ ହେବାକୁ ପଡ଼ିବ।

**ମକର** ତୃତୀୟ ବୃହସ୍ପତିଙ୍କ ସ୍ଥିତିବଶରୁ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। ଏଣେ ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। ଅଫିସିଆଲି କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍‌ନା କରିବାକୁ ଚେଷ୍ଟା କରିବା ଭଲ ହେବ।

**କୁମ୍ଭ** ବୃହସ୍ପତିଙ୍କ ସ୍ୱଗୃହମଣ୍ଡନ ଜନିତ ସ୍ୱାସ୍ଥ୍ୟ ସମସ୍ୟା କମି କମି ଆସିବ। କିନ୍ତୁ ରାହୁ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ବ୍ୟବସାୟ କିମ୍ବା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ, ଯାହାକି ଦୁଶ୍ଚିନ୍ତା ଉଦ୍ରେକ କରିବ।

**ମୀନ** ରାହୁଙ୍କ କଳାକୌଶଳ ପ୍ରୟୋଗ କରି ଯାହା କାମ କରୁଥିଲେ ଆଜି ତାହା କାମକୁ ଆସିବ ନାହିଁ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ଅନ୍ୟର କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିପାରନ୍ତି।

ଆଜି ଡିସେମ୍ବର ୧୧ ତାରିଖ, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ପୌଷକୃଷ୍ଣ ତୃତୀୟା ରବିବାର, ରାଶି ନକ୍ଷତ୍ର– ପୁନର୍ବସୁ/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୮ ଗତେ ଘ.୦୯।୦୮ ମଧ୍ୟେ, ଘ.୦୧।୦୦ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୩ ଗତେ ଘ.୦୫।୦୪ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୪ ବର୍ଷ ୟୁଜି ...

■ ପୂର୍ବପରି ୩ବର୍ଷରେ ମିଳିବ ସ୍ନାତକ ଡିଗ୍ରୀ ସାର୍ଟିଫିକେଟ୍
■ ଚତୁର୍ଥ ବର୍ଷରେ ନେଇପାରିବେ ରିସର୍ଚ୍ଚ ବିଷୟ
■ ପ୍ରଥମଥର ଲାଗୁ ହେବ କ୍ରେଡିଟ୍ ସ୍କୋର୍
■ ଅନର୍ସ ଡିଗ୍ରୀଧାରୀଙ୍କ ପାଇଁ ପିଜି ପାଠ୍ୟକ୍ରମ ଏକବର୍ଷ ରହିବ

ରିସର୍ଚ୍ଚ ବିଷୟ ବାଛିବା ପାଇଁ ସୁଯୋଗ ଦିଆଯିବ। ଆଉ ଏହା ପରେ ତାଙ୍କୁ ରିସର୍ଚ୍ଚ ସହିତ ଅନର୍ସ ଡିଗ୍ରୀ ପ୍ରଦାନ କରାଯିବ। ଯେଉଁ ଛାତ୍ରୀଛାତ୍ର ଏବେ ତିନି ବର୍ଷିଆ ସ୍ନାତକ ଡିଗ୍ରୀ ପାଇଁ ନାମ ଲେଖାଇଛନ୍ତି, ସେମାନେ ମଧ୍ୟ ଚାରି ବର୍ଷିଆ ସ୍ନାତକ ଡିଗ୍ରୀ ପଢ଼ିପାରିବେ ବୋଲି ୟୁଜିସି ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ସ୍ନାତକରେ ଏକ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ବର୍ଷିକିଆ ସାର୍ଟିଫିକେଟ୍ ମିଳିବ। ଦୁଇ ବର୍ଷ ପରେ ଡିପ୍ଲୋମା ଓ ତିନି ବର୍ଷ ପରେ ସ୍ନାତକ ସାର୍ଟିଫିକେଟ୍ ଦିଆଯିବ। ତିନି ବର୍ଷିଆ ସ୍ନାତକ ଡିଗ୍ରୀ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇ ବର୍ଷିଆ ପିଜି ପାଠ୍ୟକ୍ରମ ରହିବ। ଅନ୍ୟପକ୍ଷରେ ୪ବର୍ଷରେ ଅନର୍ସ ଡିଗ୍ରୀ ସାରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ପିଜି ପାଠ୍ୟକ୍ରମ ଏକ ବର୍ଷ ରହିବ ବୋଲି ପ୍ରସ୍ତାବ ରହିଛି। ସୂଚନାନୁଯାୟୀ, ଏହି ପାଠ୍ୟକ୍ରମରେ କ୍ରେଡିଟ୍ ସ୍କୋର୍ ସିଷ୍ଟମ୍ ଲାଗୁ ହେବ। ଆଉ ଏହି ନିୟମ ଆଧାରରେ ୧୬୦ କ୍ରେଡିଟ୍ ସ୍କୋର୍ କରୁଥିବା ଛାତ୍ରୀଛାତ୍ରଙ୍କୁ ଅନର୍ସ ଡିଗ୍ରୀ ପ୍ରଦାନ କରାଯିବ।

### ନିର୍ମାଣ ନିଗମକୁ...

ଦ୍ୱାରା ୨୦୧୪–୧୫ରେ କାର୍ଯ୍ୟକାରୀ ହୋଇଥିବା ଡ୍ରେଜିଂ ଘନମିଟର (କ୍ୟୁବିକ୍ ମିଟର) ପ୍ରତି ୧୧୩.୬୩ ଟଙ୍କାକୁ ଡ୍ରୋଜର ଓ ଆନୁଷଙ୍ଗିକ ସାମଗ୍ରୀର ଭଡାକୁ ଆସ୍ଥାୟୀ ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତେବେ ଓସିସିଏଲ୍ ୨୦୧୬ ସଂଶୋଧିତ ଆକଳନରେ ଘନମିଟର ପିଛା ୧୧୩.୬୩ ବଦଳରେ ୧୨୬.୨୫ ଟଙ୍କାକୁ ବୃଦ୍ଧି କରିଥିଲା। ୨୦୧୯ ଫେବୃୟାରୀରୁ ଡିସେମ୍ବର ମଧ୍ୟରେ ଓସିସିଏଲ୍ ୧୪୮.୯୩ କୋଟି ଟଙ୍କା ମୂଲ୍ୟର ଡ୍ରେଜିଂ କାର୍ଯ୍ୟ ପ୍ରଦାନ କରିଥିଲା। ଫଳରେ ୨୦୨୧ ଜୁଲାଇ ସୁଦ୍ଧା ୫୫.୪୦ କ୍ୟୁବିକ ମିଟର କାର୍ଯ୍ୟ ଡ୍ରେଜିଂ ପାଇଁ ଠିକାଦାରଙ୍କୁ ୭.୭୨ କୋଟି ଟଙ୍କା ଅତିରିକ୍ତ ପ୍ରଦାନ କରାଯାଇଥିଲା। ସେହିପରି ଓସିସିଏଲ୍ ସୋଆଲ ଅପସାରଣ ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ଡୋଜର ବ୍ୟବହାର ପରିବର୍ତ୍ତେ କମ୍ କ୍ଷମତା ବିଶିଷ୍ଟ ଡୋଜର ବ୍ୟବହାର ଯୋଗୁ ୩୮.୭୮ ଲକ୍ଷ କ୍ୟୁବିକ ମିଟର କାର୍ଯ୍ୟ ପାଇଁ ୨୮.୨୯ ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। କେବଳ ସେତିକି ନୁହେଁ, ଆକଳନ ମୂଲ୍ୟରେ ବର୍ଦ୍ଧିତ ମୂଲ୍ୟ ଅନ୍ତର୍ଭୁକ୍ତ କରି ଓସିସିଏଲ୍ କର୍ତ୍ତୃପକ୍ଷ ଠିକାଦାର (ମେସର୍ସ ଡି.ଡି. ବିଲ୍ଡର୍ସ) ସଂସ୍ଥାକୁ ୧୩୪.୭୧ କୋଟି ଟଙ୍କା ଟେଣ୍ଡରରେ ୫.୬୩ ଲକ୍ଷ କ୍ୟୁବିକ ମିଟର ଖନନ ଓ ପରିବହନ ବାବଦରେ ୧.୬୨ କୋଟି ଟଙ୍କା ଅଯଥା ଲାଭ ପ୍ରଦାନ କରିଛନ୍ତି। ସେହିପରି ଜେଡ୍–କିସମ ସିଟ୍ ପାଇଲ ଓ ପଥର ପାଇଁ ଅଧିକ ମୂଲ୍ୟ ଯୋଗୁ ୩ଟି କାର୍ଯ୍ୟ ସକାଶେ ୧.୨୭ କୋଟି ଟଙ୍କା ଠିକାଦାରଙ୍କୁ ଅନୁଚିତ ଲାଭ ଦିଆଯାଇଛି।

ମାଟି ବିଛେଇବା କାର୍ଯ୍ୟରେ ମଧ୍ୟ ସିଏଜି ଦୁର୍ନୀତିର ଗନ୍ଧ ବାରିଛନ୍ତି। ମାଟି ବିଛାଇବା ପାଇଁ ବ୍ୟବହୃତ ଭାଇବ୍ରେଟୋରି ରୋଲର ଭଡ଼ା ବାବଦରେ ୪.୭୪ କୋଟି ଟଙ୍କା ଅତିରିକ୍ତ ଭଡ଼ା ପ୍ରଦାନ କରାଯାଇଥିଲା। ସେହିପରି ଦେଓ ଜଳସେଚନ ପ୍ରକଳ୍ପର ୨ଟି କାର୍ଯ୍ୟରେ ସିମେଣ୍ଟ କଂକ୍ରିଟ କାମରେ ଓସିସିଏଲ୍ ଠିକାଦାର ସଂସ୍ଥା ଡିଡି ବିଲ୍ଡର୍ସକୁ ୨.୭୨ କୋଟି ଅନିୟମିତ ଭାବେ ପ୍ରଦାନ କରିଥିବା ସିଏଜି ଉଲ୍ଲେଖ କରିଛନ୍ତି। ଦେଓ ଜଳସେଚନ ପ୍ରକଳ୍ପର ମାଟିବନ୍ଧ ନିର୍ମାଣରେ ଯୋଗାଯାଇଥିବା ପଥର ଉପରେ ଠିକାଦାରଙ୍କୁ ୫.୬୧ କୋଟି ଟଙ୍କା ଅନୁଚିତ ଲାଭ ପ୍ରଦାନ କରାଯାଇଛି। ଠିକାଦାର ସଂସ୍ଥା କାର୍ଯ୍ୟ ଅଧାରୁ ଛାଡ଼ି ଚାଲି ଯାଇଥିଲେ ମଧ୍ୟ ସେମାନଙ୍କୁ ଆଗୁଆ ଦିଆଯାଇଥିବା ୩.୬୬ କୋଟି ଆଦାୟ ହୋଇପାରି ନ ଥିବା ସିଏଜି ଦର୍ଶାଇଛନ୍ତି। କେବଳ ଠିକାଦାର ପ୍ରୀତି ନୁହେଁ, କମ୍ପାନୀ କର୍ମଚାରୀମାନେ ମଧ୍ୟ ୩.୫୩ କୋଟି ଟଙ୍କାର ସରକାରୀ ଅର୍ଥକୁ ଆଡଭାନ୍ସ ଆକାରରେ ନେଇ ଚଳୁ କରିଦେଇଛନ୍ତି। କମ୍ପାନୀରେ କାର୍ଯ୍ୟରତ ୩୩୩ ଜଣ କର୍ମଚାରୀ ଉକ୍ତ ଅର୍ଥ ଅଗ୍ରିମ ଆକାରରେ ନେଇଥିଲେ। ସେହି ଅର୍ଥ ଓସିସିଏଲ୍ ଆଦାୟ କରିପାରିନାହିଁ। ସେମାନଙ୍କ ମଧ୍ୟରେ ୩୦୦ କର୍ମଚାରୀ ଅବସର ନେଇସାରିଥିବା ବେଳେ ୧୫ ଜଣ ଚାକିରି ଛାଡ଼ି ଦେଇଛନ୍ତି। ୧୩ ଜଣ ଡେପୁଟେଶନରେ ଆସିଥିବା କର୍ମଚାରୀ ନିଜ ବିଭାଗକୁ ଫେରି ଯାଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି, ୨ ଜଣ ନିଲମ୍ବିତ ଓ ୨ ଜଣ କର୍ମଚାରୀ ନିରୁଦ୍ଦିଷ୍ଟ ହୋଇ ଯାଇଛନ୍ତି। ଫଳରେ କମ୍ପାନୀ ଉକ୍ତ ଅର୍ଥ ଆଦାୟ କରିବାରେ ବିଫଳ ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### ହିମାଚଳରେ ...

ଜୟରାମ ଠାକୁର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ଅଧ୍ୟକ୍ଷା ପ୍ରତିଭା ସିଂ ମୁଖ୍ୟମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ହେଉଥିଲା। ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରତିଭା, ସୁଖବିନ୍ଦର ଓ ମୁକେଶଙ୍କ ମଧ୍ୟରେ ଟଣାଓଟରା ଚାଲିଥିବାରୁ ଏହି ନିଷ୍ପତ୍ତି ବିଳମ୍ବିତ ହୋଇଛି। ଶନିବାର ଶିମ୍‌ଲାରେ କଂଗ୍ରେସ ବିଧାୟକ ଦଳ ବୈଠକରେ ସର୍ବସମ୍ମତିକ୍ରମେ ସୁଖବିନ୍ଦର ସିଂ ସୁଖୁଙ୍କୁ ନେତା ବଛାଯାଇଛି। ୫୮ ବର୍ଷୀୟ ସୁଖବିନ୍ଦର ହେଉଛନ୍ତି ହମିରପୁର ଜିଲା ନାଦୌନ ନିର୍ବାଚନମଣ୍ଡଳୀର ବିଧାୟକ। ବିଧାନସଭାକୁ ୪ ଥର ନିର୍ବାଚିତ ହୋଇଥିବା ସୁଖବିନ୍ଦର କଲେଜରେ ପାଠ ପଢ଼ିବା ସମୟରେ ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍ଏସ୍ୟୁଆଇ)ରେ ଯୋଗଦେଇଥିଲେ। ୧୯୯୮ରୁ ୨୦୦୮ ପର୍ଯ୍ୟନ୍ତ ରାଜ୍ୟ ଯୁବ କଂଗ୍ରେସ ସଭାପତି ଥିଲେ। ୨୦୧୩ରେ ଦଳ ତାଙ୍କୁ ପିସିସି ସଭାପତି ଦାୟିତ୍ୱ ଦେଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ଏବଂ ପୂର୍ବରୁ ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ବୀରଭଦ୍ର ସିଂଙ୍କ ବିରୋଧୀ ଭାବେ ପରିଚିତ ଏହି ଭେଟେରାନ୍ ନେତା ରବିବାର ହିମାଚଳ ପ୍ରଦେଶର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ରାଜଭବନରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ସୁଖବିନ୍ଦରଙ୍କ ସହ ମୁକେଶ ଅଗ୍ନିହୋତ୍ରୀଙ୍କୁ ଉପମୁଖ୍ୟମନ୍ତ୍ରୀ ରୂପେ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଅନ୍ୟପକ୍ଷେ ୫ ଦଶକ ଧରି ହିମାଚଳ ରାଜନୀତିକୁ ପ୍ରଭାବିତ କରିଆସିଥିବା ବୀରଭଦ୍ରଙ୍କ ସ୍ତ୍ରୀ ପ୍ରତିଭା ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ତାଙ୍କ ସମର୍ଥକମାନେ ଦାବି କରୁଥିଲେ। ବୈଠକରେ କିନ୍ତୁ ସର୍ବାଧିକ କଂଗ୍ରେସ ବିଧାୟକ ସୁଖବିନ୍ଦରଙ୍କ ସପକ୍ଷରେ ମତ ଦେଇଥିଲେ।

### ସାମୁଦ୍ରିକ ଜୀବଙ୍କୁ ...

ପକ୍ଷରୁ ପୂର୍ବରୁ ପ୍ରକାଶିତ ପ୍ରଥମ ଗ୍ଲୋବାଲ୍ ରେଡ୍ ଲିଷ୍ଟ ଅନୁସାରେ ବିଶ୍ୱରେ ଉପଲବ୍ଧ ମୋଟ ୫୪ ଶାମୁକା ପ୍ରଜାତିର ଜୀବଙ୍କ ମଧ୍ୟରୁ ୨୦ ପ୍ରଜାତି ବିଲୁପ୍ତ ହେବାକୁ ବସିଲେଣି। ସାମୁଦ୍ରିକ ଗ୍ରୀଷ୍ମଲହର, ଚାଷଜମିରେ ପ୍ରୟୋଗ ସାର, କଳକାରଖାନାରୁ ନିର୍ଗତ ବର୍ଜ୍ୟ ସମୁଦ୍ର ଜଳରେ ମିଶିବା ଦ୍ୱାରା ସେଠାରେ ବସବାସ କରୁଥିବା ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଏହାଫଳରେ ବହୁ ଜୀବ କୋରାଲ ଟିସୁ ଲସ୍ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଗତ ୪ ବର୍ଷ ଭିତରେ ପ୍ରାଣୀଙ୍କ କ୍ଷେତ୍ରରେ ଏହି ରୋଗ ବଢ଼ିଛି। ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଲାଗି ଉଚିତ ସମୟରେ ପଦକ୍ଷେପ ନିଆ ନ ଗଲେ ଏହାର ପରିଣାମ ସମ୍ପୂର୍ଣ୍ଣ ଜୀବଜଗତକୁ ଭୋଗିବାକୁ ପଡ଼ିବ। ଜାତିସଂଘ ପକ୍ଷରୁ ଜାରି ବାୟୋଡାଇଭର୍ସିଟି କନ୍‌ଫରେନ୍ସରେ ଏ ଦିଗରେ ଆଲୋଚନା କରାଯିବା ଜରୁରୀ। ବିଶ୍ୱର ଅନେକ ଦେଶରେ ସିଫୁଡ୍‌ର ଚାହିଦା ରହିଥିବାବେଳେ ରାଷ୍ଟ୍ରମାନେ ବହୁ ମୂଲ୍ୟ ଦେଇ ସାମୁଦ୍ରିକ ଜୀବଙ୍କୁ କିଣୁଛନ୍ତି। ଯଦି ଏହି ପ୍ରାଣୀ ବିଲୁପ୍ତ ହୋଇଯାନ୍ତି ତେବେ ଏହାର ପ୍ରଭାବ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବ ବୋଲି ଆଇୟୁସିଏନ୍‌ର ସାଧାରଣ ନିର୍ଦ୍ଦେଶକ ବ୍ରୁନୋ ଓବେର୍ଲେ କହିଛନ୍ତି।

### ପିଟି ଉଷା ଆଇଓଏ ...

ଏଲ୍. ନାଗେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ହୋଇଥିଲା। ଉଷା ଗତ ଜୁଲାଇରେ ଭାରତୀୟ ଜନତା ପାର୍ଟି ଦ୍ୱାରା ରାଜ୍ୟ ସଭାକୁ ମନୋନୀତ ହୋଇଛନ୍ତି। ଆଇଓଏ ସଭାପତି ପଦବୀ ପାଇଁ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ପୂର୍ବରୁ ସ୍ପଷ୍ଟ ହୋଇ ସାରିଥିଲା। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍ଆର୍ଏଆଇ)ର ଅଜୟ ପଟେଲ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସିନିୟର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅଲିମ୍ପିକ ପଦକ ବିଜେତା ଶୁଟର ଗଗନ ନାରଙ୍ଗ ଓ ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ରାଜଲକ୍ଷ୍ମୀ ସିଂ ଦେଓ ନିର୍ଦ୍ୱନ୍ଦ୍ୱରେ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଭାରତୀୟ ୱେଟଲିଫ୍ଟିଂ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍) ସଭାପତି ସହଦେବ ଯାଦବ ଆଇଓଏର କୋଷାଧ୍ୟକ୍ଷ ହୋଇଛନ୍ତି। ସେହିପରି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି ତଥା ପୂର୍ବତନ ଗୋଲ୍‌କିପର କଲ୍ୟାଣ ଚୌବେ ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସମ୍ପାଦକ (ପୁରୁଷ) ହୋଇଛନ୍ତି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ)ର ଅଳକାନନ୍ଦା ଅଶୋକ ଏକ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ଲାଭ କରି ମହିଳା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଶାଳିନୀ ଠାକୁର ଚାୱ୍‌ଲା ଓ ସୁମନ କୌଶିକ ତାଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

# ୨ ହାତୀ ମୃତଦେହ ଜବତ



## ହାତୀପଲ ଭାଙ୍ଗିଲେ ଘର, ନଷ୍ଟ କଲେ ଧାନ

### ଆହତ ଦନ୍ତାର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି ବନ ବିଭାଗ



ପାଟଣା,୧୦।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ୨୩ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଉତ୍ପାତ ଚଳାଇଛନ୍ତି। ଶୁକ୍ରବାର ରାତିରେ ଏହି ହାତୀପଲ ଡେଣୁଆ ଗ୍ରାମର ଦୁଶା ମୁଣ୍ଡାଙ୍କ ମାଟି ଘର ଭାଙ୍ଗି ଦେଇଛନ୍ତି। ହାତୀପଲ କେନ୍ଦେଇପଶି ବିଟ୍ ଅଞ୍ଚଳ ଓ କ୍ଷୀରେଇ ଟାଙ୍ଗିରି ସେକ୍ସନ ଯମୁନା ପଶି ବିଟ୍‌ର ମାନପୁର, ଭଗପଶି ଓ ଡେଣୁଆ ଗ୍ରାମରେ ବ୍ୟାପକ ଧାନ ଫସଲ ଖାଇ ନଷ୍ଟ କରିଛନ୍ତି। ଶନିବାର ହାତୀପଲ କଣ୍ଟିଆ ପଡ଼ା ଗ୍ରାମ୍ୟ ଜଙ୍ଗଲରେ ଡେରା ପକାଇବା ପରେ ପଦ୍ମପୁର ଆଡ଼କୁ ଯାଇଥିବା ରେଞ୍ଜର ଘାସିନାଥ ପାତ୍ର ସୂଚନା ଦେଇଛନ୍ତି। ବୁଧବାର ରାତିରେ ଖିରେଇଟାଙ୍ଗୀରୀ ସେକ୍ସନ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ପୁରୁଣିଆ ଗାଁର ତ୍ରିଲୋଚନ ମହାନ୍ତଙ୍କ ବାଡ଼ିରେ ଥିବା ପରିତ୍ୟକ୍ତ କୁଅରେ ପଡ଼ି ଆହତ ହୋଇଥିଲା। ଦନ୍ତାର ଡାହାଣ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ଛୋଟେଇ ଛୋଟେଇ ଚାଲୁଥିବା ରେଞ୍ଜର ସୂଚନା ଦେଇଛନ୍ତି। ବନ ବିଭାଗ ଆହତ ଦନ୍ତାର ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛି। ଶନିବାର ଅପରାହ୍ଣରେ ଏସିଏଫ୍ ଅଶୋକ ଦାଶ ଘଟଣାସ୍ଥଳରେ ପହଞ୍ଚି ଡ୍ରୋନ୍ କ୍ୟାମେରାରେ ଆହତ ଦନ୍ତାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦରକାର ହେଲେ ହାତୀର ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରେଞ୍ଜର ପାତ୍ର କହିଛନ୍ତି। ରେଞ୍ଜରଙ୍କ ସହ ବନପାଳ ସୁନିତା ବୋଘେଲ ପାରା ଷ୍ଟାଫଙ୍କ ସହ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

## ଛେଣ୍ଡିପଦାରେ ଦନ୍ତା, ରିପୋର୍ଟକୁ ଅପେକ୍ଷା

ଛେଣ୍ଡିପଦା,୧୦।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡ଼ା ବନାଞ୍ଚଳ ପରା ଗ୍ରାମ ବାଉରୀ ନାଳ ଉପରେ ଥିବା ଭାଲୁମୁଣ୍ଡିଆଠାରୁ ଶନିବାର ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ମୃତ ହାତୀର ବୟସ ପ୍ରାୟ ୨୫ବର୍ଷ ହେବ। ଘଟଣାରୁ ପ୍ରକାଶ, ପରା ଓ ଜରପଡା ଗ୍ରାମର କେତେଜଣ ଲୋକ ଦାନ୍ତକାଠି ଏବଂ ଶାଳପତ୍ର ତୋଳିବା ପାଇଁ ଭାଲୁମୁଣ୍ଡିଆକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀ ତୁରନ୍ତ ଜରପଡା ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ମାଧବ ନାଏକ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ଣରେ ଅନୁଗୋଳ ଡିଏଫ୍‌ଓ ବିବେକ କୁମାର ଓ ସାତକୋଶିଆ ବନ୍ୟପ୍ରାଣୀ ଚିକିତ୍ସକ ପହଞ୍ଚିଥିଲେ ହେଁ ସନ୍ଧ୍ୟା ହୋଇଯିବାରୁ ମୃତ ହାତୀର ବ୍ୟବଚ୍ଛେଦ କରାଯାଇପାରି ନ ଥିଲା। ବିଦ୍ୟୁତ୍ ଫାଶରେ ପଡ଼ି ହାତୀର ଜୀବନ ଯାଇଥିବା ଗ୍ରାମବାସୀ ସନ୍ଦେହ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନାଞ୍ଚଳ ଅଧିକାରୀ ମାଧବ ନାଏକ ପ୍ରକାଶ କରିଛନ୍ତି।



ଜଙ୍ଗଲ ମଧ୍ୟରେ ପଡ଼ିଥିବା ହାତୀର ମୃତଦେହ।



ମୃତ ମାଇ ହାତୀ

## କୁଳଡିହାରେ ମାଇ, କାରଣ ଅସ୍ପଷ୍ଟ

### ବର୍ଷକ ମଧ୍ୟରେ ଗଲାଣି ୫ ଜୀବନ

ନୀଳଗିରି, ୧୦।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟରେ ଶନିବାର ପୁଣି ଏକ ମାଇହାତୀର ମୃତଦେହ ଠାବ ହୋଇଛି। ହାତୀର ବୟସ ୨୦ରୁ ୨୨ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରୁଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ତେବେ ବର୍ଷକ ମଧ୍ୟରେ ଗୋଟିଏ ପରେ ଗୋଟିଏ ୫ ହାତୀର ମୃତ୍ୟୁ ହେବା ଘଟଣା ବନ ବିଭାଗର ନିଦ ହଜାଇ ଦେଇଛି। ନୀଳଗିରି କୁଳଡ଼ିହା ଅଭୟାରଣ୍ୟର ବାବନ୍ଧ ଫରେଷ୍ଟ ବିଟ୍ ଅଧୀନ ସିଆଡ଼ିମାଳ ପଞ୍ଚାୟତ କଦମଶୋଳଠାରେ କୁଳଡ଼ିହା ବନ ବିଭାଗ ଏକ ମାଇ ହାତୀର ମୃତଦେହ ଠାବ କରିଛି। ଶୁକ୍ରବାର ରାତିରେ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶନିବାର ପୂର୍ବାହ୍ଣରେ ବନ ବିଭାଗ ଖବରପାଇ ବାଲେଶ୍ୱର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଆୟୁଷ ଜୈନ, ଏସିଏଫ୍ ସୋଭେନ୍ଦ ଦିଗନ୍ତ ଚାନ୍ଦ, କୁଳଡିହା ରେଞ୍ଜର ଅନନ୍ତ କୁମାର ଜେନା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ପ୍ରାଣୀ ଚିକିତ୍ସକ, ସବୁଜ ବାହିନୀ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଇଥିଲେ। ପ୍ରାଥମିକ ତଦନ୍ତରୁ ବୟସାଧିକରୁ ମୃତ୍ୟୁ ହୋଇଥିବା ଡିଏଫ୍‌ଓ କହୁଥିବା ବେଳେ ଗର୍ଭ ଯନ୍ତ୍ରଣା ସହି ନ ପାରି ମୃତ୍ୟୁ ହୋଇଥାଇପାରେ ବୋଲି ରେଞ୍ଜର ଅନୁମାନ କରୁଛନ୍ତି। ଫଳରେ ଦୁଇ ଅଧିକାରୀଙ୍କ କଥାରେ କୌଣସି ତାଳମେଳ ନ ଥିବା ଦେଖାଦେଇଛି। ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି।

# ମାସକରେ ରୋପ୍‌ୱେ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

### ନନ୍ଦନକାନନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, (ବ୍ୟୁରୋ)/ ବାରଙ୍ଗ, ୧୦।୧୨ (ଡି.ଏନ୍.ଏ.)

ଚଳିତ ପର୍ଯ୍ୟଟନ ଋତୁରେ ଅଧିକ ସଂଖ୍ୟକ ପର୍ଯ୍ୟଟକ ନନ୍ଦନକାନନ ଆସିବା ଆଶା କରାଯାଉଛି। ତେଣୁ ଆସନ୍ତା ଏକମାସ ମଧ୍ୟରେ ନନ୍ଦନକାନନ ରୋପ୍‌ୱେକୁ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଶନିବାର ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ପରିଦର୍ଶନରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପର୍ଯ୍ୟଟକଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଓ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରୋପ୍‌ୱେରେ ଦୈନିକ ପ୍ରାୟ ୩ହଜାର ପର୍ଯ୍ୟଟକ ଯିବା ଆସିବାର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ପର୍ଯ୍ୟଟକମାନେ ବଟାନିକାଲ ଓ ଜୁଲୋଜିକାଲ ଉଦ୍ୟାନ ମଧ୍ୟରେ ସିଧାସଳଖ ଭାବେ ଯିବା ଆସିବା କରିପାରିବେ। ସେହିଭଳି ୯କୋଟି ଟଙ୍କା ବ୍ୟୟରେ ଚାଲିଥିବା କିଆକଣି ହ୍ରଦର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ହ୍ରଦରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ନିମନ୍ତେ ବୋଟିଂ ବ୍ୟବସ୍ଥା ମଧ୍ୟ କରାଯିବ। ବଟାନିକାଲ ଗାର୍ଡେନ ସମ୍ମୁଖରେ ଗେଟ୍ ନିର୍ମାଣ, ସଂଲଗ୍ନ ରାସ୍ତା, ଶୌଚାଳୟ, ପାଦଚଲା ରାସ୍ତା ନିର୍ମାଣ ସମ୍ପର୍କରେ ଅବଗତ ହେବା ସହ ସମସ୍ତ କାର୍ଯ୍ୟକୁ ତ୍ୱରାନିତ କରିବାକୁ ସେ ପରାମର୍ଶ ଦେଇଥିଲେ।

ପରେ ମୁଖ୍ୟ ଶାସନ ସଚିବ ଚୁଡ଼ଙ୍ଗ ସଂରକ୍ଷିତ ଓ କୃଷ୍ଣନଗର ପ୍ରସ୍ତାବିତ ଜଙ୍ଗଲ ଅଞ୍ଚଳ ବୁଲି ଦେଖିଛନ୍ତି। ଉଭୟ ଜଙ୍ଗଲର ୬୦୪ ହେକ୍ଟର ଜମିରେ ନନ୍ଦନକାନନର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ। ଏହି ଅଞ୍ଚଳରେ ବାଘ, ସିଂହ, ଭାଲୁ ଓ ତୃଣଭୋଜୀ ଜୀବଜନ୍ତୁଙ୍କ ପାଇଁ ସଫାରି ନିର୍ମାଣ ହେବ। ସଫାରି ମଧ୍ୟରେ ପର୍ଯ୍ୟଟକଙ୍କ ବୁଲିବା ବ୍ୟବସ୍ଥା, ପ୍ରାଣୀ ଚିକିତ୍ସା କେନ୍ଦ୍ର ମଧ୍ୟ ରହିବ। ଏହି ସଂକ୍ରାନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରାଣୀ ଉଦ୍ୟାନରେ ଥିବା ଟୟ ଟ୍ରେନ, ପ୍ରସ୍ଥାନ ସ୍ଥାନର ନିର୍ମାଣ କାର୍ଯ୍ୟ, ପର୍ଯ୍ୟଟନ ସହାୟତା କେନ୍ଦ୍ର ମଧ୍ୟ ବୁଲି ଦେଖିଥିଲେ। ବହୁତଳ କାର୍ ଓ ବସ୍ ପାର୍କିଂ ବ୍ୟବସ୍ଥାର ମଧ୍ୟ ଅନୁଧ୍ୟାନ କରିଥିଲେ। ନନ୍ଦନକାନନର ଆଧୁନୀକିକରଣ ନିମନ୍ତେ ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶକଙ୍କୁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ଆଧୁନିକୀକରଣ ଶେଷ ହେବା ନେଇ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି. ନାୟାର, ଉପନିର୍ଦ୍ଦେଶକ ସଞ୍ଜିତ କୁମାର, ଖୋର୍ଦ୍ଧା ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।



- ■ ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ
- ■ ଆଧୁନିକୀକରଣ ନିମନ୍ତେ ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ୍

# ପୋଷ୍ଟ ମାଷ୍ଟରଙ୍କ ନାଁରେ ଜବ୍‌କାର୍ଡ

### ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁର୍ନୀତି

ଦିଗପହଣ୍ଡି,୧୦।୧୨(ଡି.ଏନ୍.ଏ)

ଦିଗପହଣ୍ଡି ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଶ୍ରମିକ ବଦଳରେ ମେଶିନ ଜରିଆରେ କାମ କରାଯାଉଛି। ସେହିପରି କାମ କରି ନ ଥିବା ଲୋକଙ୍କ ନାଁରେ ମଷ୍ଟର ରୋଲ କରାଯାଇ ଅର୍ଥ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ବ୍ଲକ ଭ୍ରମରପୁର ଉପ ଡାକଘର ପୋଷ୍ଟମାଷ୍ଟର ସନ୍ତୋଷ କୁମାର ଭଟ୍ଟଙ୍କ ନାଁରେ ଜବକାର୍ଡ ରହିଥିବା ଘଟଣା ସାମ୍ନାକୁ ଆସିଛି, ଯାହାର ନଂ. ଓଆର-୧୨-୦୦୯-୦୦୮-୦୦୩/୧୮୦୪୩। ଶ୍ରମିକଙ୍କୁ ରୋଜଗାରକ୍ଷମ କରିବା ପାଇଁ ସରକାର ଶ୍ରମିକ ଚିହ୍ନଟ କରି ଜବକାର୍ଡ ଜରିଆରେ କାର୍ଯ୍ୟ ପ୍ରଦାନ କରିଥାନ୍ତି। ଜବ କାର୍ଡରେ ନାମ ଥିବା ପ୍ରତ୍ୟେକ ଶ୍ରମିକଙ୍କୁ ଶହେ ଦିନର କାର୍ଯ୍ୟ ଦିଆଯାଇପାରିବ ବୋଲି ବ୍ୟବସ୍ଥା ରହିଛି। ଗ୍ରାମାଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏହି ଜବକାର୍ଡଧାରୀଙ୍କୁ ଶ୍ରମିକଭାବେ ନିୟୋଜିତ କରାଯାଇ ପ୍ରାପ୍ୟ ପ୍ରଦାନ କରାଯାଇଥାଏ। କିନ୍ତୁ ଜଣେ କାର୍ଯ୍ୟରତ ପୋଷ୍ଟମାଷ୍ଟରଙ୍କ ନାଁରେ ଜବକାର୍ଡ ପ୍ରଦାନ କରାଯାଇଥିବା ବେଳେ ପରିବାରର ୫ଜଣ ସଦସ୍ୟଙ୍କ ନାଁ ମଧ୍ୟ ଉଲ୍ଲେଖ ରହିଛି। ସେଥିରୁ ୨ ଜଣ ସରକାରୀ କର୍ମଚାରୀ ଓ ଜଣେ ୭୮ ବର୍ଷୀୟ ବୃଦ୍ଧାଙ୍କ ନାମ ରହିଛି, ଯାହାଙ୍କର ମୃତ୍ୟୁ ହୋଇସାରିଛି। ଖାଲି ଯେ ଜବକାର୍ଡ ପ୍ରଦାନ କରାଯାଇଛି ତାହା ନୁହେଁ, ନିର୍ଦ୍ଦିଷ୍ଟ ଏକ କାର୍ଯ୍ୟରେ ଜବକାର୍ଡରେ ଉଲ୍ଲେଖ ଥିବା ସଦସ୍ୟଙ୍କ ବ୍ୟାଙ୍କ ଖାତାକୁ ୧୨ ଦିନର ପ୍ରାପ୍ୟ ଆସିଛି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମର କୈଳାଶ ଚଣ୍ଡ, ଅଭିମନ୍ୟୁ ଷଡ଼ଙ୍ଗୀ, ରବି ମିଶ୍ର, ହରି ପ୍ରଧାନ, ମିଟୁ ଚଣ୍ଡ, ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଦାବି କରିଛନ୍ତି। ଏନେଇ ପୋଷ୍ଟ ମାଷ୍ଟରଙ୍କ ମତାମତ ଲୋଡାଯିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି। ବିଡିଓ ହଳଧର ଶବରଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



Job card

| | |
|---|---|
| Name of Head of Household | SANTOSH KUMAR BHATTA |
| Name of Father/Husband | NATABARA BHATT |
| Category | OTH |
| Village | BHRAMARAPUR |
| Panchayat | BHRAMARPUR |
| Block | DIGAPAHANDI |
| District | GANJAM(ODISHA) |
| Whether BPL Family | NO |
| Family Id | 18043 |

Details of the Applicants of the household willing to work

| S.No | Name of Applicant | Gender | Age | Bank/Postoffice |
|---|---|---|---|---|
| 1 | SANTOSH KUMAR BHATT | Male | 38 | |
| 2 | MINATI BHATT | Female | 32 | UTKAL GRAMYA BANK |
| 3 | SAIBANI BHATT | Female | 78 | |
| 4 | PURNACHANDRA BHATT | Male | 35 | |
| 5 | NIBEDITA BHATT | Female | 28 | |

Signature/Thumb impression of Applicant — Seal & Signature of Registering Authority

Requested Period of Employment

| S.No | Demand Id | Name of Applicant | Month & Date from which employment requested | No of Days |
|---|---|---|---|---|
| 1 | 2121144 | MINATI BHATT | 19/11/2022--02/12/2022--14 | 12 |

Period and Work on which Employment Offered

| S.No | Demand Id | Name of Applicant | Month & Date from which employment requested | No of Days | Work Name |
|---|---|---|---|---|---|
| 1 | 2121144 | MINATI BHATT | 19/11/2022--02/12/2022--14 | 12 | CONST OF MUB OF Ashbin Kumar Pradhan & 72 OTHERS OF BHRAMARPUR VILLAGE |

Period and Work on which Employment Given

| S.No | Name of Applicant | Month & Date from which employment requested | No of Days | Work Name | MSR No. | Total Amount of Work Done | Payment Due |
|---|---|---|---|---|---|---|---|
| 1 | MINATI BHATT | 19/11/2022 | 13 | CONST OF MUB OF Ashbin Kumar Pradhan & 72 OTHERS OF BHRAMARPUR VILLAGE | 24961 | 2600 | 0 |
| Sub Total FY 2223 | | | 13 | | | 2600 | 0 |

ପୋଷ୍ଟମାଷ୍ଟରଙ୍କ ନାଁରେ ଜବ୍‌କାର୍ଡ।

## ଛେଳି ଚରାଇବାକୁ ଯାଇଥିବା ମହିଳାଙ୍କୁ ଦଳିଦେଲା ଦନ୍ତା

ଢେଙ୍କାନାଳ ଅଫିସ, ୧୦।୧୨

ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଦନ୍ତା ଆକ୍ରମଣରେ ଚାଲିଯାଇଛି ଜଣେ ମହିଳାଙ୍କ ଜୀବନ। ଢେଙ୍କାନାଳ ସଦର ରେଞ୍ଜ୍ କପିଳାସ ଅଭୟାରଣ୍ୟରେ ଶନିବାର ମଧ୍ୟାହ୍ନରେ ଘଟିଛି ଏଭଳି ଦୁଃଖଦ ଘଟଣା। ମୃତକ ହେଲେ କୃଷ୍ଣକୁମାରପୁର ବିରାଡ଼ିଆ ଗ୍ରାମର ବ୍ରହ୍ମା ନାଏକଙ୍କ ସ୍ତ୍ରୀ ଝୁନା ନାଏକ (୫୫)। ତାଙ୍କର ଅନ୍ୟ ଜଣେ ସହଯୋଗୀ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ବିରାଡ଼ିଆ ଗ୍ରାମର ଝୁନା ଗ୍ରାମର ଜଣେ ସହଯୋଗୀଙ୍କ ସହ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତା ବାହାରି ଝୁନାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ସହଯୋଗୀ ଜଣକ ପ୍ରାଣ ବିକଳରେ ଦୌଡ଼ି ଆସି ଗ୍ରାମରେ ସୂଚନା ଦେବାପରେ ଗ୍ରାମବାସୀ ପହଞ୍ଚିଥିଲେ। କପିଳାସ ରେଞ୍ଜ୍ କର୍ମଚାରୀ ଓ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମୃତ ମହିଳାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ହିଂସ୍ର ହାତୀର ଉପସ୍ଥିତି ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଧନଜୀବନ ହାନି ଆଶଙ୍କା ଥିବାରୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି କରାଯାଇଛି। ଅପରପକ୍ଷେ ହାତୀ ସ୍କ୍ୱାଡ୍ କର୍ମଚାରୀ ହନ୍ତା ଏବଂ ଉକ୍ତ ଅଞ୍ଚଳରେ ବୁଲୁଥିବା ଏକ ଛୁଆ ହାତୀର ଗତିବିଧି ଉପରେ ନଜର ରଖିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଜୁନାଗଡ଼,୧୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ହାତୀନଦୀ ପୋଲ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଚାରିଚକିଆ ଗାଡି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ଜୁନାଗଡ଼ ଥାନା ମାଟିଗାଁର ଟିଙ୍କୁ ନାଏକ(୧୮) ଓ ଅନ୍ୟ ଜଣେ ହେଲେ ବଳଦିଆମାଲ ଗ୍ରାମର ଦୁର୍ଯ୍ୟଟି ମେହେର (୩୦)। ଉଭୟ ବାଇକ୍‌ରେ ଯାଉଥିବା ବେଳେ ଏକ ଚାରିଚକିଆ ଗାଡି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ପଥମେ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଜୁନାଗଡ଼ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଘରୋଇ କ୍ଲିନିକରେ ଚଢ଼ାଉ

ବ୍ରହ୍ମପୁର ଅଫିସ,୧୦।୧୨

ଉପଖଣ୍ଡ ଜିଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର ସନ୍ଧ୍ୟାରେ ସହରର ବିଭିନ୍ନ ଘରୋଇ କ୍ଲିନିକ୍‌ରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ବିଏମ୍‌ସି କମିଶନର ଜେ.ସୋନାଲ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ରହ୍ମପୁର କାର୍ଡିଆକ ସେଣ୍ଟର, ଜଗନ୍ନାଥ ହସ୍ପିଟାଲ, ଯଶୋଦା ଡାଇଗ୍ନୋସିସ, ଗୁରୁଦେବ ହସ୍ପିଟାଲ ଓ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିକଟରେ ଥିବା ବିଭିନ୍ନ କ୍ଲିନିକରେ ଚଢାଉ କରାଯାଇଛି। କ୍ଲିନିକରେ ଅଲଟ୍ରାସାଉଣ୍ଡ ପାଇଁ ଲାଇସେନ୍ସ, ଅକ୍ୟୁପେନ୍ସି ସାର୍ଟିଫିକେଟ, ବିଏମ୍‌ସି ଆପ୍ରୁଭାଲ, ବାଓମେଡିକାଲ ବର୍ଜ୍ୟବସ୍ତୁ ଠିକ ଭାବେ ନଷ୍ଟ କରିବା, ଏଏନ୍‌ଏମ୍, ଜିଏନ୍‌ଏମ, ଡାକ୍ତର ସଂଖ୍ୟା ପ୍ରଭୃତି ଯାଞ୍ଚ କରାଯାଇଥିବା କମିଶନର ସୂଚନା ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ନୋଟିସ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି। କ୍ଲିନିକରେ ବର୍ଜ୍ୟବସ୍ତୁକୁ ନଷ୍ଟ କରାଯାଉ ନ ଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ଏପରିକି ଓଟିରେ ଫାର୍ମାସୀ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି। ଯାଞ୍ଚ ସମୟରେ କ୍ଲିନିକକୁ ଆସିଥିବା ରୋଗୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଥିବା ସମ୍ପର୍କରେ ପଚାରି ବୁଝିଥିବା ଉପଜିଲାପାଳ କହିଛନ୍ତି। ଯେଉଁ କ୍ଲିନିକରେ ଯୋଗ୍ୟତା ନ ଥିବା କର୍ମଚାରୀ ଅଛନ୍ତି ଉକ୍ତ କ୍ଲିନିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଚଢାଉ ବେଳେ ଉପସ୍ଥିତ ବିଏମ୍‌ସି କମିଶନର, ଉପଜିଲାପାଳ ଓ ଅନ୍ୟମାନେ।

NATIONAL PROJECTS CONSTRUCTION CORPORATION LIMITED
(A Govt. of India Enterprise)
SOUTH EASTERN ZONE, BHUBANESWAR
Plot No.: HIG/166, Sailashree Vihar, Bhubaneswar-751021
Ph.: 0674-2741417, Email-ID: npccbbsr@gmail.com
WALK-IN-INTERVIEW
Advt. No: SEZ/Contract Basis/1133 Dated :10.12.2022
Due to administrative reason, the Walk-in-Interview which was held on **03.12.2022** is, hereby, cancelled. The next Walk-in-Interview for 5 Nos. Site Engineer (Civil) and 1 No. Site Engineer (Electrical) on contract basis is rescheduled to be held on **26.12.2022** vide advertisement No. SEZ/Contract basis/1014, **dated 15.11.2022**
All other terms and conditions will remain un-altered
For details, please visit our Website: **www.npcc.gov.in**
Zonal Manager

ଚିଙ୍ଗୁଡ଼ି ଚାଷ ପାଇଁ ଚୁକ୍ତି ରେ ପୋଖରୀ / ଜମି ଆବଶ୍ୟକ
POND / LAND REQUIRED FOR SHRIMP FARMING ON LEASE
>> ଚୁକ୍ତି ଉପରେ ଆବଶ୍ୟକ ମୋଟ ଜମି / ପୋଖୋରି ହେଉଛି ୫୦ - ୭୦ ଏକର
>> ଚିଙ୍ଗୁଡ଼ି ଚାଷ ପାଇଁ ଜମି / ପୋଖରୀ ଉପଯୁକ୍ତ ହବା ଆବଶ୍ୟକ
>> ଜମି / ପୋଖୋରୀ ସମୁଦ୍ର ନିକଟସ୍ଥ ରହିବା ସହ ଲୁଣି ପାଣି ଥିବା ଆବଶ୍ୟକ
>> ଜମି / ପୋଖରୀ ଦେଖାଇଲେ ଭଲ କମିଶନ ଦିଆଯିବ
>> ସ୍ଥାନ : ଓଡ଼ିଶାର ଯେକୌଣସି ସ୍ଥାନରେ ହେଲେ ଚଳିବ
>> Total Land / Pond area required on Lease is 50 - 70 acres
>> Land / Pond should be suitable for shrimp farming
>> Land / Pond should be near the sea and have salt water
>> Good commission will be paid to the person who will show the Land / Pond
>> Location: Anywhere in Odisha
Contact +91-7735748087



> ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ



# ଜି୨୦: କେବଳ ଆଲୋଚନା



## ଆକାର ପଟେଲ

ବାସ୍ତବରେ ଜଣେ ନେତା ହୋଇ ନ ପାରିଲେ ବି ବାହାନା କରିପାରନ୍ତି ଯେ ସେ ଜଣେ ନେତା। ଯେତେବେଳେ ଦର୍ଶକମାନେ ଜାଣି ନ ଥାନ୍ତି ଯେ ଜଣେ ଦେଖେଇ ହେଉଛି ଏବଂ ମିଡିଆ ସେହିଭଳି କାମ କରୁଛି ସେତେବେଳେ ଏଭଳି ବାହାନା ଉପଯୋଗୀ ହୋଇଥାଏ। ଜି୨୦ ସମ୍ମିଳନୀ କ୍ଷେତ୍ରରେ ସେଭଳି ହେଉଥିବା ଅନୁମେୟ। ଏସୀୟ ଆର୍ଥିକ ସଙ୍କଟ ପରେ ବୈଶ୍ୱିକ ଆର୍ଥିକ ଓ ବିତ୍ତୀୟ ବିଷୟଗୁଡ଼ିକୁ ନେଇ ଆଲୋଚନା କରିବାକୁ ଜି୨୦ ଗଠନ କରାଯାଇଥିଲା। ଜାତିସଂଘ ସୁରକ୍ଷା ପରିଷଦ ଭଳି ଏହା ନିକଟରେ ବାସ୍ତବରେ ପ୍ରୟୋଗ କଲାଭଳି କ୍ଷମତା ନାହିଁ। ଜି୨୦ର କ୍ଷମତା ନ ଥିବାର ଏକ ପ୍ରମୁଖ ସୂଚକ ହେଉଛି ଏହାର ଅଧ୍ୟକ୍ଷତା ପାଳିରେ ପ୍ରଦାନ କରାଯାଏ ଏବଂ ପ୍ରତିବର୍ଷ ଏହା ବଦଳେ। ଏଥିରୁ ବୁଝାପଡ଼େ ଯେ, ଜଣକ ପରେ ଜଣେ ଏହା ପାଇଥାନ୍ତି। ଅଧ୍ୟକ୍ଷତା କରି ନିଜ ଟିକସଦାତାଙ୍କ ଅର୍ଥରେ ଅନ୍ୟମାନଙ୍କୁ ନେଇ ଆଲୋଚନା ଆୟୋଜନ କରିବାକୁ ସମ୍ମାନର ବିଷୟ ମନେ କରନ୍ତି। ଜି୨୦ ଗଠନ ହୋଇଛି ବାଣିଜ୍ୟ ଉପରେ ଆଲୋଚନା କରିବାକୁ, ହେଲେ ଯେଉଁମାନେ ଏବେ ବାଣିଜ୍ୟ ଯୁଦ୍ଧରେ ଅବତୀର୍ଣ୍ଣ (ଆମେରିକା ଓ ଚାଇନା) କିମ୍ବା ଅନ୍ୟମାନଙ୍କ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ନାହିଁ ସେମାନେ ଏଥିରେ ରହିଛନ୍ତି। ଜି୨୦ରେ ଜଳବାୟୁ ପରିବର୍ତ୍ତନ ବିଷୟ ଆଲୋଚନା ହୁଏ, କିନ୍ତୁ ଯେଉଁ ଦେଶଗୁଡ଼ିକ ଅତ୍ୟଧିକ କାର୍ବନ ନିର୍ଗମନ କରୁଛନ୍ତି ସେମାନଙ୍କୁ ଏଥିରେ ରଖାଯାଇଛି। ସାମରିକ ଦୃଷ୍ଟିକୋଣରୁ ଯେଉଁମାନେ(ଆମେରିକା ଓ ୟୁରୋପ) ଚୁକ୍ତିଭିତ୍ତିକ ମେଣ୍ଟ ଗଠନ କରିଛନ୍ତି ଓ ମେଣ୍ଟ ମଧ୍ୟରୁ ଜଣକ ଉପରେ ଆକ୍ରମଣ ଆରମ୍ଭ ହେଲେ ତାହାକୁ ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ବିଚାର କରୁଛନ୍ତି, ସେମାନଙ୍କୁ ମଧ୍ୟ ଜି୨୦ ସ୍ଥାନ ଦେଇଛି। ଜି୨୦ ଏମିତିକା ଦେଶ ସବୁକୁ ସାମିଲ କରିଛି ଯେଉଁମାଙ୍କର ସୀମା ନାହିଁ ଏବଂ ଯାହାର ନାଗରିକମାନେ ଏଭଳି ପ୍ରତ୍ୟେକ ଦେଶକୁ (ୟୁରୋପୀୟ ସଂଘ) ସ୍ୱାଧୀନ ଭାବେ ଯାଇପାରିବେ, କାମ କରିବା ସହ ନିବେଶ ମଧ୍ୟ କରିପାରିବେ। ଜି୨୦ରେ ଏମିତି ସବୁ ଗଣତନ୍ତ୍ର ରାଷ୍ଟ୍ର ରହିଛନ୍ତି ଯେଉଁଠି ଏକଚ୍ଛତ୍ରବାଦ ଓ ରାଜା ଶାସନ(ସାଉଦି ଆରବ) ଚାଲିଛି।

ଜି୨୦ ଦେଶଗୁଡ଼ିକ ମଧ୍ୟରେ ଆମେରିକା ସବୁଠୁ ଧନୀ। ଏହାର ବାର୍ଷିକ ମୁଣ୍ଡପିଛା ଆୟ ୭୦,୦୦୦ ଡଲାରରୁ ବେଶି କିମ୍ବା ୫୬ ଲକ୍ଷ ଟଙ୍କା। ଭାରତ ହେଉଛି ସବୁଠୁ ଗରିବ ଏବଂ ଆମର ବାର୍ଷିକ ମୁଣ୍ଡପିଛା ଆୟ ୨,୦୦୦ ଆମେରିକୀୟ ଡଲାର କିମ୍ବା ୧.୬ ଲକ୍ଷ ଟଙ୍କା। ଆମ ପୂର୍ବରୁ ଜି୨୦ ଅଧ୍ୟକ୍ଷତା କିଏ(ଇଣ୍ଡୋନେସିଆ) ନେଇଥିଲା କିମ୍ବା ତା'ପୂର୍ବରୁ କେଉଁ ଦେଶ ନେଇଥିଲା ଓ ଆମ ପରେ କିଏ(ବ୍ରାଜିଲ) ନେବ ବୋଲି ଖୁବ୍ କମ୍ ଲୋକ ଜାଣନ୍ତି। କାରଣ ଅଧ୍ୟକ୍ଷତା ଏକ କ୍ଷମତା କିମ୍ବା ସମ୍ମାନର ପଦବୀ ନୁହେଁ। କିନ୍ତୁ ଆମକୁ କୁହାଯାଉଛି ଯେ, ଜି୨୦ ଅଧ୍ୟକ୍ଷତା ହେଉଛି ସବୁଠୁ ବଡ଼ ସମ୍ମାନ। ଆମେ ସରକାରଙ୍କଠାରୁ ଏହା ଶୁଣିଛୁ ଏବଂ ୨୦୨୩ ସେପ୍ଟେମ୍ବର ଯାଏ ଆମେ ଏମିତି ବାରମ୍ବାର ଶୁଣି ଚାଲିଥିବୁ। ଦେଶ ସାରା ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମଗୁଡ଼ିକ ଅନୁଷ୍ଠିତ ହେବ। ଆମ ପକ୍ଷରୁ ଏହାକୁ ସଞ୍ଚାଳନ କରିବାକୁ ପ୍ରଧାନମନ୍ତ୍ରୀ ନୀତି ଆୟୋଗର ପୂର୍ବତନ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ଦେଇଛନ୍ତି। ସରକାରଙ୍କର ଏକ ଥିଙ୍କ୍ ଟ୍ୟାଙ୍କ ଭାବେ ନୀତି ବା ଆଇନ ବ୍ୟତୀତ ଆଉ କ'ଣ ସବୁ କରିଛି କେହି ସେ ସମ୍ପର୍କରେ ନିଶ୍ଚିତ ନୁହନ୍ତି। ବରଂ ସରକାରଙ୍କୁ ସମର୍ଥନ ଓ ପ୍ରଶଂସା କରିଛି। ସମ୍ଭବତଃ ଜି୨୦ର କାର୍ଯ୍ୟକ୍ରମ ପରିଚାଳନାରେ କିଛି ବାସ୍ତବ କାର୍ଯ୍ୟ ରହିବ। ଜି୨୦ର ସ୍ଥାୟୀ ସେକ୍ରେଟାରିଏଟ୍ ନାହିଁ ଏବଂ ଏହାର ଖର୍ଚ୍ଚ ପୂର୍ବରୁ ଏବଂ ଏବକାର ଓ ଆଗକୁ ଅଧ୍ୟକ୍ଷତା ନେଉଥିବା ଦେଶଗୁଡ଼ିକ ଭାଗୀଦାରିରେ ବହନ କରିବେ। ବୁଝାପଡୁଛି ଯେ, ଆମ ଅଧ୍ୟକ୍ଷତା ଶେଷ ହେବା ପରେ ଆଉ ଗୋଟିଏ ବର୍ଷ ପାଇଁ ଆମେ କିଛି ଖର୍ଚ୍ଚ ବହନ କରିବୁ।

ଜି୨୦ର ଅନ୍ୟସବୁ ବିଷୟ ମଧ୍ୟରେ ସିଭିଲ ସୋସାଇଟି ବା ଏନ୍‌ଜିଓର ଗୋଟିଏ ବୈଠକ ହେବା କାର୍ଯ୍ୟକ୍ରମ ରହିଛି। ସରକାର ୨୦୧୪ରୁ ଏମାନଙ୍କୁ ବିରୋଧ କରି ଆସୁଛନ୍ତି। ଏଣୁ ଏହି ବୈଠକରେ ସେମାନଙ୍କୁ ସରକାର କ'ଣ କହିବେ ତାହା ଦେଖିବା ଅତ୍ୟନ୍ତ କୌତୂହଳପ୍ରଦ ହେବ। କିନ୍ତୁ ସେମାନେ ଜି୨୦ର ବହୁ ଦେଶରେ ସେମାନଙ୍କ କାର୍ଯ୍ୟ ଜାରି ରଖିଛନ୍ତି। ସାଂସଦମାନଙ୍କ ସହ ବୈଠକ ହେବା କାର୍ଯ୍ୟକ୍ରମ ରହିଛି। ଏହାସହ ଭାରତର ବିରୋଧୀ ଦଳକୁ ଶେଷରେ କହିବାର ସୁଯୋଗ ଦିଆଯାଇପାରେ। ଯଦି ଏହା ଘଟେ ତେବେ ଆମେ ଏହା ଦେଖିବା, ନଚେତ ନାହିଁ। ବାକ୍ ସ୍ୱାଧୀନତା ଏବଂ ସହିଷ୍ଣୁତାକୁ ନେଇ ବନେଇଚୂନେଇ ଆମେ କିଛି କହିପାରୁ। କିନ୍ତୁ ଆମର ବାସ୍ତବ ସମସ୍ୟାଗୁଡ଼ିକ ଉପରେ ଆଲୋଚନାର ସମ୍ଭାବନା କମ୍। ଏପରିକି ଚାଇନା ଆମ ସହ ସୀମା ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁନାହିଁ। ଲଦାଖରେ ସମସ୍ୟା ଲାଗି ରହିଥିବାବେଳେ ଏ ବିଷୟରେ ଚାଇନାକୁ ତୃତୀୟପକ୍ଷ ଦେଶଗୁଡ଼ିକ ସହ କଥା ହେବା ଲାଗି ଛାଡିଦେବା ଦରକାର। ଏହି ଦେଶଗୁଡ଼ିକୁ ଆମ ଶ୍ରମିକମାନଙ୍କ ଲାଗି ଏବଂ ଅନ୍ୟ ଜି୨୦ ଦେଶଗୁଡ଼ିକରେ ଆମ ପର୍ଯ୍ୟଟକମାନଙ୍କ ପାଇଁ ସହଜ ଓ ଶସ୍ତା ପ୍ରବେଶ ପ୍ରସଙ୍ଗ ଉଠିବା ସମ୍ଭାବନା ନାହିଁ। ଏଥିରେ ଆମେ ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ, କାରଣ ଆଲୋଚନା ଜି୨୦ ସମ୍ମିଳନୀ କେବଳ ଆଲୋଚନା ପାଇଁ, କୌଣସି କାମକୁ ନୁହେଁ।

୫୦ ବର୍ଷ ପୂର୍ବେ ଜୁଲ୍‌ଫିକର ଅଲି ଭୁଟ୍ଟୋ ଏକ ଇସ୍‌ଲାମିକ ସମ୍ମିଳନୀ ଆୟୋଜନ କରିଥିଲେ। ପାକିସ୍ତାନକୁ ଇସ୍‌ଲାମିକ ବିଶ୍ୱରେ ନେତା ଭାବେ ପ୍ରତିପାଦିତ କରିବା ସକାଶେ ଏହା କରାଯାଇଥିଲା। ଅବଶ୍ୟ ଏଥିରେ ସେମିତି କିଛି ବିଷୟ ନ ଥିଲା। କିନ୍ତୁ ଏଭଳି କିଛି ବାହାନା କରିବାରେ ଭୁଲ୍ ବା କ'ଣ ଥିଲା ? ବାସ୍ତବରେ ବୈଶ୍ୱିକ ସ୍ତରରେ କାର୍ଯ୍ୟକ୍ରମ ସଞ୍ଚାଳନ କରିବାକୁ ଜି୨୦ ସମ୍ମିଳନୀ ଆମ ନେତାମାନଙ୍କୁ ଏକ ସୁଯୋଗ ଦେବ ଏବଂ ଆମ ଦେଶ ଏଥିପ୍ରତି ଅତ୍ୟଧିକ ଉତ୍ସୁକ। ବାସ୍ତବରେ ଏହା ଲୋକମାନଙ୍କ ପାଇଁ ଏକ ତାମସା ହେବ। କିନ୍ତୁ ଏହା ନିଶ୍ଚିତ ଯେ କିଛି ମନୋରଞ୍ଜନ ହେବ। ଏହା ବିଶ୍ୱର ନେତୃତ୍ୱ ନେବା କିମ୍ବା ବିଶ୍ୱନେତା ହେବାକୁ ଭାରତର ଅଭିଯାନ ବୋଲି ଯେଉଁ ଦାବି କରାଯାଉଛି ତାହା ପୂରଣ ହେବ ନାହିଁ। ହୁଏତ ପରବର୍ତ୍ତୀ ନେତା ଅଧ୍ୟକ୍ଷତା ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଏହା ବିଶ୍ୱକୁ ନେତୃତ୍ୱ ଦେବ।

Email:aakar.patel@gmail.com

# ପରାର୍ଥ ଜୀବନର ଅନୁଭବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ରାଜଧାନୀର ରେଳଷ୍ଟେଶନକୁ ଛୁଇଁଥିବା ଫୁଟ୍‌ପାଥ୍‌ର ଗୋଟିଏ କଡ଼ରେ ସେ ଶୋଇ ଯାଇଥିଲା। ତା' ଜୀବନର ଯାତ୍ରା ଶେଷ ହୋଇ ଯାଇଥିଲା ଚିରଦିନ ପାଇଁ ସେଇଠି। ଲୋକେ ଯିବାଆସିବା କରୁଥିଲେ। ଟିକେ ଆଖି ପକାଇ ଦେଖି ନେଉଥିଲେ ସେଇ ମଣିଷଟିକୁ। ''ଆହା! ବିଚରା ଶେଷରେ ଚାଲିଗଲା''– ଭଳି ଆତ୍ମୀୟତାସୂଚକ ମନ୍ତବ୍ୟ ଭାସି ଆସୁଥିଲା ସବୁରି କଣ୍ଠରୁ। ବାସ୍, ତା'ପରେ ଯିଏ ଯା' ବାଟରେ ଚାଲିଯାଉଥିଲେ ନିଜ ନିଜ କାମରେ। ଶୂନ୍ୟ ଆକାଶକୁ ସେମିତି ଚାହିଁ ରହିଥିଲା ଶବଟିର ଅଧାମୁଦା ଆଖି ଯୋଡ଼ିକ। ମହାନଗର ନିଗମର ମେହେନ୍ତରମାନଙ୍କୁ ଅପେକ୍ଷା କରୁଥିଲା ରାଜଧାନୀର ପ୍ରଦୂଷଣମୁକ୍ତ ପରିବେଶ।

ଅଥଚ ସେଇ ଭିକାରିଟି ପୂର୍ବ ଚାରିଦିନ ଧରି ମୁମୂର୍ଷୁ ଅବସ୍ଥାରେ ସେଇଠି ପଡ଼ି ରହିଥିଲା। ତା' ରୋଗଣା ଦେହକୁ ନେଇ ଆହାର ଖୋଜିବାକୁ ବା ଚିକିତ୍ସା କରିବାକୁ ତା'ର ଶକ୍ତି ନ ଥିଲା। ନିତିଦିନ ସେଇ ରାସ୍ତା ଦେଇ ଯା'ଆସ କରୁଥିବା ଶହ ଶହ ଲୋକଙ୍କ ମଧ୍ୟରୁ କେହି ବି ଜଣେ ସେଇ ଅସହାୟ ଅସୁସ୍ଥ ଲୋକଟିକୁ ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିଥିଲେ ହୁଏତ ଜଣେ ମଣିଷ ବଞ୍ଚି ଯାଇଥାନ୍ତା ଓ ଅନ୍ୟ ଜଣଙ୍କର ମଣିଷତ୍ୱ ପରିସ୍ଫୁଟିତ ହୋଇଥା'ନ୍ତା! ନିଜ ଜୀବନକୁ ମନ ମୁତାବକ ଲାଳିତ କରିବାକୁ ଯେଉଁଠି ସମୟ ନିଅଣ୍ଟ, ସେଠି ଜଣେ ଅପରିଚିତର ଜୀବନ ରକ୍ଷା ପାଇଁ କିଏ କାହିଁକି ସମୟ ଅପଚୟ କରନ୍ତା! ନିଜ ନିଜର ଇଲାକାରେ ବ୍ୟସ୍ତ ରହି ଆଗକୁ ମାଡ଼ିଯିବା ହିଁ ଏକ ସଫଳ ଜୀବନର ପରିଚୟ। ଯିଏ ଏହା ନ କରି ଅନ୍ତରରେ ଉଦ୍‌ବେଳିତ ମାନବିକତାର ଆହ୍ୱାନରେ ଆମୋଦିତ ହୁଏ ତଥା ପରାର୍ଥ ଜୀବନର ମୁଗ୍ଧ ଅନୁଭବରେ ଅନୁରକ୍ତି ପ୍ରକାଶ କରେ, ସେ ବହୁ ପଛରେ ପଡ଼ିଯାଏ। ବିଫଳ ହୋଇଯାଏ ତା'ର ଦୁର୍ଲଭ ଜୀବନ! କେଜାଣି!!

ରାଜଧାନୀ ଭଳି ସଂଭ୍ରାନ୍ତ ସହରୀ ଜୀବନରେ ଯେ କେବଳ ସ୍ୱାର୍ଥସେବାର ସଡ଼କରେ ସଭିଏଁ ସହଯାତ୍ରୀ, ତାହା ନୁହେଁ; ଗ୍ରାମ୍ୟ ଜୀବନ ବି ଏହି ସ୍ୱାର୍ଥସର୍ବସ୍ୱ କୋଳାହଳରୁ ମୁକ୍ତ ନୁହେଁ। କେଇଦିନ ତଳେ ଏକ ଗାଁର କଲେଜ ଛାତ୍ରୀ ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣ ଚାଲିଗଲା। ତା'ର ବାପା ପ୍ରବାସରେ ଥିବାରୁ ମା' ଗାଁର ପ୍ରତିବେଶୀମାନଙ୍କୁ ନେହୁରା ହୋଇ ଝିଅଟିର ଶବ ଆଣିବାକୁ ବିକଳ ଅନୁରୋଧ କଲେ। ଅଥଚ ପଡ଼ିଶାଘରର ଜଣେ ଯୁବ ପ୍ରାଥମିକ ଶିକ୍ଷକ କହିଲେ, ''କ'ଣ କରିବି! ମୋର ଆଜି ସ୍କୁଲ ନ ଥିଲେ ନିଶ୍ଚୟ ଯାଇଥା'ନ୍ତି।'' ଶିକ୍ଷକଙ୍କ ପାଇଁ ସବୁ ମୃତ୍ୟୁ ଯେମିତି ଛୁଟିଦିନରେ ଆସିବା ଅବଧାରିତ! ଗାଁରେ ଦୋକାନ ଦେଇଥିବା ଅନ୍ୟ ଜଣେ କହିଲେ, ''ମୁଁ ଯାଇଥା'ନ୍ତି ଯେ ହେଲେ ଗାଡ଼ି ଆଜି କଟକରୁ ମାଲ ନେଇ ଆସିବ ତ!'' ନିଜ ପରିବାରରେ ଏମିତି କିଛି ଘଟିଥିଲେ ବେପାରୀଙ୍କ ବେପାର କିଏ ସମ୍ଭାଳିଥା'ନ୍ତା କେଜାଣି! ସମାଜସେବାର ଆଭିମୁଖ୍ୟ ନେଇ ଗଠିତ ଗାଁ ଯୁବକ ସଂଘର ପିଲାଟିଏ ମନ୍ତବ୍ୟ ଦେଲା, ''ମୋ' ପାଇଁ ଏଇଟା କିଛି ବଡ଼ କଥା ନୁହେଁ। କିନ୍ତୁ ଏମିତି ଆକ୍ସିଡେଣ୍ଟରେ ମୁଣ୍ଡ ପୂରାଇ ଅଯଥା ପୋଲିସ ପାଖରେ କିଏ କାହିଁକି ଆଣ୍ଠେଇବ ଯେ!'' ଯୌବନର ଉଜ୍ଜ୍ୱଳ ଜ୍ୟୋତି ନିକଟରେ ମୃତ୍ୟୁ ଭଳି ଏକ ଚିରନ୍ତନ ଅନ୍ଧକାର ସତେ ଯେମିତି ସତତ ପରାହତ। ଜୀବନବୋଧର ପ୍ରହେଳିକା ମଧ୍ୟରେ ଏକ ମିଥ୍ୟା ପ୍ରତ୍ୟୟକୁ ପ୍ରଶ୍ରୟ ନ ଦେଇ ସେଦିନ ଯେଉଁ କବି ଜଣକ ବୈରାଗ୍ୟର ଗୀତ ଗାଇ ଉଠିଥିଲେ– 'ଛଅଖଣ୍ଡ କାଠ ହେବ ତୋ ପାଇଁ ଲୋଡ଼ା', ସେଇ କବିଙ୍କ ଚଉତିଶାଟି ଇତିମଧ୍ୟରେ ନିଜ ମହତ୍ତ୍ୱ ହରାଇ ବସିଲାଣି ନିଶ୍ଚୟ। ତା' ନ ହେଲେ ସ୍ୱାର୍ଥର ସଡ଼କରେ ବାଟ ଚାଲି ଅନ୍ୟର ଦୁଃଖ ପ୍ରତି ଆଖି ବୁଜି ଦେଉଥିବା ଗାଁ ଲୋକଙ୍କ ମଧ୍ୟରୁ କେହି ଜଣେ ବାହାରି ଆସି ନ ଥା'ନ୍ତେ ଗାଁ ଝିଅଟିର ଶବକୁ ଗାଁ ମାଟିକୁ ଫେରାଇ ଆଣିବା ପାଇଁ। ସମଗ୍ର ବସୁଧାକୁ ନିଜର କୁଟୁମ୍ବ ମନେକରୁଥିବା ଗ୍ରାମ୍ୟ ସଂସ୍କୃତିର ପରିବେଶ ଯେତେବେଳେ ବ୍ୟକ୍ତି ସ୍ୱାର୍ଥର ବିଲକ୍ଷଣ ମଧ୍ୟରେ ଏମିତି ପ୍ରଦୂଷିତ, ସେତେବେଳେ ରାଜଧାନୀର ସହରୀ ଜୀବନ ଭିତରେ ଅସୁସ୍ଥ ଅସହାୟକୁ ହସ୍ପିଟାଲ ନେବା ପାଇଁ ଦରଦୀ ମଣିଷ ଜଣେ କାହୁଁ ବା ମିଳନ୍ତା! ଏଠି ବାଟ ଚାଲୁଚାଲୁ ଅବଶ ବୃଦ୍ଧ କେହି ଝୁଣ୍ଟିପଡ଼ିଲେ ଉଠାଇବାକୁ କେହି ଆସିବେନି କି ରାସ୍ତା ଉପରେ ଭୁଜାଲି ଦେଖାଇ ଲୁଟିନେଲେ ବି ସାହା ହେବାକୁ କେହି ମିଳିବେନି। ଏଠି ଜଣଙ୍କ ଘରେ ଡକାୟତି ହେଲେ ପଡ଼ିଶା ଘରର ନିଦ ଭାଙ୍ଗିଲେ ବି କେହି ଉଠିବେ ନାହିଁ କି ଏପଟ ଘରର କେହି ମରିଗଲେ ତାଙ୍କ ପୁଅନାତି ଲଣ୍ଡା



ନ ହେବାଯାଏଁ ସେପଟ ଘରର ଲୋକେ ଜାଣିବେ ନାହିଁ। ଉଭୟ ଗାଁ ଓ ସହରର ଆଧୁନିକ ଜୀବନର ପରିଭାଷା ଦ୍ରୁତ ଗତିରେ 'ବସୁଧୈବ କୁଟୁମ୍ବକମ୍' ଭଳି ଏକ ପ୍ରାଚୀନ ବିଚାରଠାରୁ ଦୂରେଇ ଯାଉଥିବା ବେଳେ ଏମିତି କିଛି ହାତଗଣତି ଲୋକ ନିଜ ନିଜର ନିଆରା ଉଦାହରଣ ନେଇ ଉଭା ହୁଅନ୍ତି, ଯେଉଁମାନଙ୍କୁ ଦେଖି ମନେହୁଏ ଏ ସଂସାରରେ ପରାର୍ଥ ଜୀବନର ଓଁକାର ଉଚ୍ଚାରଣ ତଥାପି ନିନାଦିତ ହୋଇ ଚାଲିଛି।

କେଇବର୍ଷ ତଳେ ଦିଲ୍ଲୀର 'ଉପହାର' ସିନେମା ହଲ୍‌ରେ ନିଆଁ ଲାଗି ଯେତେବେଳେ ବାଷଠି ଜଣ ଲୋକ ଅକାଳରେ ଜଳି ଯାଇଥିଲେ, ସେତେବେଳେ ଯୁବକଟିଏ ବାରମ୍ବାର ପ୍ରେକ୍ଷାଳୟର ଅଗ୍ନିବଳୟ ମଧ୍ୟକୁ ପଶିଯାଉଥିଲା ଓ ଜଣଙ୍କ ପରେ ଜଣଙ୍କୁ ଉଦ୍ଧାର କରି ବାହାରକୁ ନେଇଆସୁଥିଲା। ଏମିତି ଚାରିଜଣଙ୍କୁ ମରଣ ମୁହଁରୁ ବଞ୍ଚାଇ ସାରିଲାବେଳକୁ ସେ ମଧ୍ୟ ନିଜେ ଅଗ୍ନିଶ୍ୱାସରେ ସିଝି ଯାଇଥିଲା। ମାତ୍ର ତାହାକୁ ଖାତିର ନ କରି ସେ ପୁଣି ଥରେ ହଲ୍ ମଧ୍ୟକୁ ପଶୁଥିଲା ବେଳେ କେହି ଜଣେ ପଚାରିଦେଲେ– ''ତୁମର ଆଉ କେହି ସମ୍ପର୍କୀୟ କ'ଣ ନିଆଁଘେରରେ ରହିଯାଇଛନ୍ତି?'' ଯୁବକଟି ଅଳ୍ପ ହସି ଉତ୍ତର ଦେଇଥିଲା, ''ଏଇ ଚାରିଜଣ କେହି ବି ମୋର ପରିଚିତ ନୁହନ୍ତି; ସମ୍ପର୍କୀୟ ତ ଦୂରର କଥା।'' ପରାର୍ଥପ୍ରାଣତାର କି ଅପୂର୍ବ ଆବେଦନ! କି ଉଜ୍ଜ୍ୱଳ ଉଦାହରଣ!

ନୀଳାଚଳ ଏକ୍ସପ୍ରେସ୍‌ରେ ଦିଲ୍ଲୀରୁ କଟକ ଆସୁଥା'ନ୍ତି ମିଶ୍ରବାବୁ। ଅଚାନକ ଆଲ୍ଲାହାବାଦ ଷ୍ଟେଶନ ପୂର୍ବରୁ ଉତ୍କଟ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ହୋଇ ସେ ଚେତା ହରାଇ ବସିଲେ। ସେଇ ବଗିରେ ସପରିବାର ଦିଲ୍ଲୀରୁ ଟାଟା ଆସୁଥାଆନ୍ତି ଜଣେ ବିହାରୀ ଯାତ୍ରୀ ଶ୍ରୀଯୁକ୍ତ ସିହ୍ନା। ସାଙ୍ଗରେ ଥିବା ନିଜ ପତ୍ନୀ ଓ ପିଲା ଦୁହିଁଙ୍କୁ ତାଙ୍କ ବିହୁନେ ଅବଶିଷ୍ଟ ଯାତ୍ରା ଶେଷ କରିବାକୁ ସେ ରାଜି କରାଇଲେ ଓ ଅଚେତ ଓଡ଼ିଆ ଯାତ୍ରୀଙ୍କୁ ଧରି ନିଜେ ଆଲ୍ଲାହାବାଦ ଷ୍ଟେଶନରେ ଓହ୍ଲାଇ ପଡ଼ିଲେ। ଏକ ଅଜଣା ସହରରେ ଜଣେ ଅପରିଚିତ ଅଚେତ ସହଯାତ୍ରୀଙ୍କୁ ଚିକିତ୍ସା ସେବା ଯୋଗାଇ ଏକ ଅମୂଲ୍ୟ ଜୀବନ ରକ୍ଷା କରିଥିବା ସିହ୍ନାବାବୁଙ୍କର ଅନୁଭବ କିପରି ହୋଇଥିବ କେଜାଣି, କିନ୍ତୁ ଆଶୁ ଚିକିତ୍ସା ଲାଭ କରି ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚି ଯାଇଥିବା ମିଶ୍ରବାବୁଙ୍କ ଅନୁଭବ ଥିଲା ଅତ୍ୟନ୍ତ ଅଭିନବ। ଦୁଇଦିନ ଆଲ୍ଲାହାବାଦରେ ଚିକିତ୍ସିତ ହୋଇ, ସେଠାରୁ ଟାଟା ଆସି ସିହ୍ନାବାବୁଙ୍କ ସହ ଦିନଟିଏ ବିତାଇ କଟକ ଫେରିଆସିଲା ପରେ ସେ ନିଜ ପତ୍ନୀଙ୍କୁ କହିଥିଲେ, ''ବର୍ଷ ବର୍ଷ ଧରି ଠାକୁର ଘରେ ଈଶ୍ୱରଙ୍କ ନିଶ୍ଚଳ ପ୍ରତିମାକୁ ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜା କରି ଆସୁଥିଲି। ଈଶ୍ୱର ଯେ ସିହ୍ନାବାବୁଙ୍କ ରୂପ ନେଇ ଟ୍ରେନ୍‌ରେ ସହଯାତ୍ରୀ ହୁଅନ୍ତି, ଏହା ପ୍ରଥମ କରି ଦେଖିଲି।'' କେବଳ ନିଜକୁ ଓ ନିଜ ସଂସାରକୁ ନେଇ ଗଢ଼ା ହୋଇଥିବା ସଂକୀର୍ଣ୍ଣ ଦୁନିଆର ସୀମା ଅତିକ୍ରମ କରି ସାରା ସଂସାରକୁ ନିଜ ପରିବାର ମନେକରୁଥିବା ସିହ୍ନାବାବୁଙ୍କ ପରି ପରାର୍ଥପ୍ରାଣ ମଣିଷମାନେ ଏମିତି ଅନ୍ୟମାନଙ୍କ ପାଇଁ ଈଶ୍ୱର ପାଲଟିଯାଆନ୍ତି। ଏମାନଙ୍କ ଜୀବନ ଓ ଜଗତ ଉଭୟ ପାଲଟିଯାଏ ଈଶ୍ୱରଙ୍କ ପରି ବିଶାଳ ଓ ବିସ୍ତାରିତ।

ପ୍ରଜ୍ଞାନିଳୟ
ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ହିମାଚଳର ନୂଆ ଚେହେରା

ବ୍ୟକ୍ତିତ୍ୱ



ସୁଖବିନ୍ଦର ସିଂ ସୁଖୁ

ଭାଜପା ନେତା ଅମିତ ଶାହା ୨୦୧୭ରେ ଅନୁଷ୍ଠିତ ହିମାଚଳ ପ୍ରଦେଶ ନିର୍ବାଚନ ପ୍ରଚାର ବେଳେ କହିଥିଲେ ଯେ କଂଗ୍ରେସ ପାର୍ଟି ହେଉଛି ରାଜା ଓ ରାଣୀଙ୍କର। ଏଠାରେ ରାଜୁତି କରୁଥିବା ପ୍ରାର୍ଥୀଙ୍କ ବ୍ୟତୀତ ଆଉ କେହି ଆଗକୁ ଯାଇ ବଡ଼ ପଦବୀ ପାଇପାରିବେ ନାହିଁ। ଶାହାଙ୍କ ମନ୍ତବ୍ୟ ୨୦୨୨ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ପରେ ବଦଳିଛି। ବୀରଭଦ୍ରଙ୍କ ପରଲୋକର ଦେଢ଼ବର୍ଷ ପରେ ଅନୁଷ୍ଠିତ ନିର୍ବାଚନରେ ଏବେ କଂଗ୍ରେସ ସେଠାରେ କ୍ଷମତାକୁ ଫେରିପାରିଛି। ରାଜାଙ୍କ ଅବର୍ତ୍ତମାନରେ ସମଗ୍ର ଦେଶରେ ଦୁର୍ବଳ ଥିବା ଏହି ଜାତୀୟ ଦଳ ହିମାଚଳରେ ସଫଳତା ପାଇବା ନିଶ୍ଚିତ ଭାବେ ଏକ ଦୃଢ଼ ନେତୃତ୍ୱ ଯୋଗୁ ସମ୍ଭବ ହୋଇଛି ବୋଲି କୁହାଯାଉଛି। ଆଉ ସେହି ଅଗ୍ରଦୂତ ହେଉଛନ୍ତି ସୁଖବିନ୍ଦର ସିଂ ସୁଖୁ। ବ୍ୟବସ୍ଥିତ ଭାବେ ପାର୍ଟିକୁ ସଙ୍ଗଠିତ କରି ଭାଜପାକୁ କ୍ଷମତାରୁ ହଟାଇପାରି ଥିବାରୁ ଆଜି ତାଙ୍କୁ ବିଧାୟକ ଦଳ ନେତା ଚୟନ କରାଯାଇଛି। ୧୧ ଡିସେମ୍ବର ୨୦୨୨ରେ ସେ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ହାଇକମାଣ୍ଡ୍‌ଙ୍କଠାରୁ ସବୁଜ ସଙ୍କେତ ମିଳିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ଏଥିସହିତ ଶାହା ଜଣାଇଦେଲେ ଯେ ରାଜ ପରିବାରରୁ ଆସି ନ ଥିଲେ ମଧ୍ୟ ସେ ଦକ୍ଷତା ବଳରେ ନେତୃତ୍ୱ ନେବା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ।

ସୁଖୁ ୨୭ ମାର୍ଚ୍ଚ ୧୯୬୪ରେ ହିମାଚଳ ପ୍ରଦେଶର ନାଦାଉନ୍‌ଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରସିଲ ସିଂ ଟ୍ରାନ୍ସପୋର୍ଟ କର୍ପୋରେଶନର ଡ୍ରାଇଭର ଥିଲେ। ସୁଖୁ ପିଲାଟି ବେଳେ ଛୋଟା ଶିମ୍‌ଲାରେ ଏକ କ୍ଷୀର କାଉଣ୍ଟରରେ ଚଳାଉଥିଲେ। ଶିମ୍‌ଲାର କାସୁମ୍‌ପ୍ଟିସ୍ଥିତ ସରକାର ହାଇସ୍କୁଲରୁ ସେ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ସାଞ୍ଜୌଲିର ସରକାରୀ ଡିଗ୍ରୀ କଲେଜରୁ ସେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଶିମ୍‌ଲାସ୍ଥିତ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ସୁଖୁ ଆଇନରେ ମଧ୍ୟ ସ୍ନାତକ କରିଥିଲେ। ଛାତ୍ରାବସ୍ଥାରୁ ସେ ରାଜନୀତି ପ୍ରତି ଆକର୍ଷିତ ହୋଇଥିଲେ। ସେ କଂଗ୍ରେସ ସମର୍ଥିତ ନ୍ୟାଶନାଲ ଷ୍ଟୁଡେଣ୍ଟସ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)ର ରାଜ୍ୟ ଶାଖା ସାଧାରଣ ସମ୍ପାଦକ ଓ ପରବର୍ତ୍ତୀ ସମୟରେ ଏହାର ସଭାପତି ହୋଇଥିଲେ। ତେବେ ତୃଣମୂଳସ୍ତରରେ ପାର୍ଟି ପାଇଁ କାର୍ଯ୍ୟ କରିବାରୁ ବରିଷ୍ଠ ନେତାଙ୍କ ନଜରକୁ ଆସିଥିଲେ। ୨୦୦୩ରେ ବିଧାନସଭା ଯିବାକୁ ତାଙ୍କୁ ପ୍ରଥମେ ସୁଯୋଗ ମିଳିବାରୁ ସେ ନାଦାଉନ୍ ଆସନରୁ ନିର୍ବାଚନ ଲଢ଼ି ସଫଳତା ହାସଲ କରିଥିଲେ। ୨୦୦୭ରେ ମଧ୍ୟ ସେହି ସିଟ୍ ଅକ୍ତିଆର କରିଥିଲେ। କିନ୍ତୁ ୨୦୧୨ରେ ସେ ହାରିଯାଇଥିଲେ। ପୁନଶ୍ଚ ୨୦୧୭ରେ ସେ ବିଧାନସଭାକୁ ଯାଇଥିବା ବେଳେ ୨୦୨୨ରେ ବିଜୟଲାଭ କରି ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପାର୍ଟି ପାଇଁ ନିଷ୍ଠା ରଖି କାର୍ଯ୍ୟ କରିଥିବାରୁ ସେ ରେକର୍ଡ ୬ ବର୍ଷ ସକାଶେ ୨୦୧୩ରୁ ୨୦୧୯ ଯାଏ ହିମାଚଳ ପ୍ରଦେଶର କଂଗ୍ରେସ ରାଜ୍ୟ ଶାଖାର ସଭାପତି ହୋଇଥିଲେ। ତେବେ ରାଜନୀତିରେ ତାଙ୍କ ଉତ୍ଥାନକୁ ୬ ଥର ମୁଖ୍ୟମନ୍ତ୍ରୀ ରହିଥିବା ବୀରଭଦ୍ର ସିଂ ସହ୍ୟ କରିପାରି ନ ଥିଲେ। ସେଥିପାଇଁ ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଥିଲା। ୨୦୨୧ ଜୁଲାଇରେ ବୀରଭଦ୍ରଙ୍କ ଦେହାନ୍ତ ପରେ ହିମାଚଳ ପ୍ରଦେଶ କଂଗ୍ରେସ ରାଜନୀତିରେ ରାଜ ପରିବାରର ଖାଦି ବଜାୟ ରଖିବା ଲାଗି ଉଦ୍ୟମ ହୋଇଥିଲା। ଏପରି କି ଚଳିତ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ପରେ ବୀରଭଦ୍ରଙ୍କ ସ୍ତ୍ରୀ ପ୍ରତିଭା ସିଂ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଜୋର ଚର୍ଚ୍ଚା ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ପୁରୁଣା ଭୁଲ୍ କରିବାକୁ ଚାହିଁ ନ ଥିଲା। ପରିବାରବାଦ ଓ ରାଜ ପରିବାର ନିନ୍ଦା ମୁଣ୍ଡାଇ ଆସିଥିବା ଏହି ଦଳ ତୃଣମୂଳ ସ୍ତରରୁ ଉତ୍ତମ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବାଛିବାକୁ ଯାଇ ସୁଖୁଙ୍କୁ ପାଇଥିବା କୁହାଯାଉଛି। ଏହା ମଧ୍ୟ ଚର୍ଚ୍ଚା ହେଉଛି ଯେ, ସେ ରାହୁଲ ଗାନ୍ଧୀଙ୍କ ଘନିଷ୍ଠ। କିନ୍ତୁ ସୁଖୁ ହିମାଚଳ ପ୍ରଦେଶ ବିଜୟ ପଛରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଶ୍ରମକୁ ଶ୍ରେୟ ଦେଇଛନ୍ତି। ସୁଖୁ ପ୍ରଦେଶ କଂଗ୍ରେସ ସଭାପତି ଥିବା ବେଳେ ସାଙ୍ଗଠନିକ ଦକ୍ଷତା ପ୍ରଦର୍ଶନ କରି କର୍ମୀଙ୍କ ସହ ଉତ୍ତମ ସମ୍ପର୍କ ବଜାୟ ରଖିଥିଲେ। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିଧାୟକମାନେ ମଧ୍ୟ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦବୀ ଲାଗି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରୁଥିଲେ। ତେବେ ଏକ ସାକ୍ଷାତ୍‌କାରରେ ସେ କହିଥିବା କଥା ଏବେ ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ଉଜ୍ଜ୍ୱଳ କରିଛି। ସେ କହିଥିଲେ, ରାଜନୀତିରେ ତିଷ୍ଠିବା ଲାଗି ତାଙ୍କୁ ଅନେକ ସଂଗ୍ରାମ କରିବାକୁ ପଡ଼ିଛି। କାରଣ ରାଜନୀତିରେ ଥିବା କୌଣସି ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ହାତ ତାଙ୍କ ମୁଣ୍ଡ ଉପରେ ନ ଥିଲା। କଠିନ ପରିଶ୍ରମ ଓ ପାର୍ଟି ପ୍ରତି ଆନୁଗତ୍ୟ ତାଙ୍କୁ ଉପରକୁ ଉଠିବାକୁ ସାହାଯ୍ୟ କରିଛି।

ସହଧର୍ମିଣୀ କମଳେଶ ଠାକୁର ଓ ଦୁଇ ଝିଅଙ୍କୁ ନେଇ ସୁଖୁଙ୍କ ସାଂସାରିକ ଜୀବନ ଗତିଶୀଳ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଛାତ ଉପରେ ବଗିଚା ଦେଖିଥିବେ; ଯେଉଁଠି ୧୦୦ କିମ୍ବା ୨୦୦ ଯାଏ ଗଛ ଲଗାଯାଇଥିବ। ହେଲେ ଛାତ ଉପରେ ୪୦୦୦ କୁଣ୍ଡରେ ଗଛ ଲଗାଯାଇଥିବା ଦୃଶ୍ୟ ଯଦି ଦେଖିବାକୁ ଚାହାନ୍ତି, ତେବେ ହରିୟାଣାର କର୍ନଲ ଯିବାକୁ ହେବ। କର୍ନଲ ନିବାସୀ ରାମବିଳାସ ସିଂ ତାଙ୍କ ଛାତ ଉପରେ ୪୦୦୦ କୁଣ୍ଡରେ ଫୁଲ, ବିଦେଶୀ ଫଳ ଓ ପରିବା ଗଛ ଲଗାଇଛନ୍ତି; ଯାହାକୁ ଦେଖିବାକୁ ଦେଶର ବିଭିନ୍ନ ରାଜ୍ୟ, ଇଂଲଣ୍ଡ ଓ ଫ୍ରାନ୍ସରୁ ଲୋକମାନେ ଆସୁଛନ୍ତି। ବଡ଼ କଥା ହେଉଛି ବଗିଚାକୁ ସେ ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ ରଖିଛନ୍ତି। ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ସହ ଦେଶର ପ୍ରାୟ ୨୫ ଲକ୍ଷ ଲୋକ ଯୋଡ଼ି ହୋଇଛନ୍ତି। ଏହି ବଗିଚା କରିବାକୁ ରାମବିଳାସଙ୍କୁ ୨୫ ବର୍ଷ ଲାଗିଯାଇଛି। ପ୍ରଥମେ ସେ ୮ଟି କୁଣ୍ଡରେ ଗଛ ଲଗାଇଥିଲେ ଯାହା ଏବେ ୪ ହଜାରରେ ପହଞ୍ଚିଛି। ଗଛପ୍ରିୟ ରାମବିଳାସ ଶୁଖିଲାପତ୍ର, କିଚେନ ୱେଷ୍ଟରୁ ଜୈବିକ ଖତ ପ୍ରସ୍ତୁତ କରି ଗଛରେ ଦେଉଛନ୍ତି। ସେ ଏଭଳି ବଡ଼ ବଗିଚା କରିବା ଲାଗି ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଶିକ୍ଷା ଦେଉଛନ୍ତି ଓ ତାଙ୍କ ସ୍ଲୋଗାନ ରଖିଛନ୍ତି 'ଜୈବିକ ଚାଷ ଓ ଜୈବିକ ଖାଦ୍ୟ'।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଡିସେମ୍ବର ୧୯୯୭

- ''ସଦ୍ଦାମ ବୃହତ୍ ମସଜିଦ୍'' ନାମରେ ବିଶ୍ୱର ସର୍ବବୃହତ ମସଜିଦ୍ ନିର୍ମାଣ ପାଇଁ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କ ଅନୁମତି ପ୍ରଦାନ।
- ଗୁଜରାଟ ପରିବେଶ ରାଷ୍ଟ୍ରମନ୍ତ୍ରୀ ପଦରୁ ଉପେନ୍ଦ୍ର ସିଂ ଗୋହିଲଙ୍କ ଇସ୍ତଫା ପ୍ରଦାନ।
- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଦିବାସୀମାନଙ୍କୁ ନିଜର ସମସ୍ତ ପ୍ରକାର ଶାସନ ଓ ଆଇନ ବ୍ୟବସ୍ଥା ପରିଚାଳନା ପାଇଁ କ୍ଷମତା ଦେବା ନିମନ୍ତେ ବିଧାନସଭାରେ ଓଡ଼ିଶା ଗ୍ରାମ ପଞ୍ଚାୟତ ସଂଶୋଧନ ବିଲ୍ ଗୃହୀତ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | |
| | 7 | | | | | 9 | | 1 |
| | 2 | | | 6 | 8 | | | 4 |
| | 1 | | | 8 | 5 | | 2 | |
| | | 8 | 7 | 1 | | | | |
| 5 | | 7 | | 2 | 6 | 1 | | |
| 7 | | | 9 | | | | | 5 |
| | | | | | | | | |
| 4 | 6 | | | | 3 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 7 | 1 | 5 | 2 | 9 | 8 |
| 8 | 1 | 9 | 4 | 2 | 3 | 5 | 6 | 7 |
| 7 | 2 | 5 | 6 | 8 | 9 | 3 | 4 | 1 |
| 1 | 5 | 4 | 9 | 7 | 2 | 6 | 8 | 3 |
| 9 | 6 | 2 | 5 | 3 | 8 | 7 | 1 | 4 |
| 3 | 7 | 8 | 1 | 6 | 4 | 9 | 5 | 2 |
| 6 | 4 | 3 | 2 | 9 | 1 | 8 | 7 | 5 |
| 2 | 9 | 1 | 8 | 5 | 7 | 4 | 3 | 6 |
| 5 | 8 | 7 | 3 | 4 | 6 | 1 | 2 | 9 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମଶା ନିପାତ କେବେ

ମହାଶୟ,

ସହରାଞ୍ଚଳ ମଶାଙ୍କ ନିପାତ ନିମନ୍ତେ ମହାନଗର ନିଗମ/ପୌରପାଳିକା/ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ମଶାତେଲ, ମଶାମରା ବାଷ୍ପ ପ୍ରୟୋଗ କରାଯାଉଛି। ସହରର ପରିଷ୍କାର ପରିଚ୍ଛନ୍ନ ପରିବେଶ ନିମନ୍ତେ ଚେଷ୍ଟା କରାଯାଉଥିବା ବେଳେ ଗ୍ରାମାଞ୍ଚଳ ପ୍ରତି ଧ୍ୟାନ ଦିଆଯାଉନାହିଁ। ଗାଁରେ ଅପରିଷ୍କାର ପରିବେଶ ଏବଂ ଗଡ଼ିଆ ପୋଖରୀ, ଚାଷ ଜମି ରହିଥିବାରୁ ମଶାଙ୍କର ବଂଶ ବୃଦ୍ଧି ଘଟି ଜନସାଧାରଣ ଓ ଶିଶୁମାନେ ରୋଗାକ୍ରାନ୍ତ ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଲୋକମାନେ ଘରେ ସର୍ବଦା ମଶାଧୂପ ଲଗାଇବା ସହିତ ଦିନରେ ମଶାରି ଟାଣି ଶୋଉଛନ୍ତି। ଆଉ ପୂର୍ବପରି ଡିଡିଟି ସିଞ୍ଚନ ହେଉନାହିଁ। ପଞ୍ଚାୟତ ତଥା ବ୍ଲକ ନିକଟରେ ମଶାମରା ନିମନ୍ତେ ସାଧନ ନାହିଁ। ଏଣୁ ଅନୁରୋଧ ସହରବାସୀ ଓ ଗ୍ରାମାଞ୍ଚଳବାସୀଙ୍କ ପ୍ରତି ସମାନ ଦୃଷ୍ଟି ଦେଇ ମଶାଙ୍କ ଉତ୍ପାତରୁ ଗ୍ରାମାଞ୍ଚଳବାସୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ କବଳରୁ ରକ୍ଷା କରାଯାଉ।

– ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

## ଚିରନ୍ତନୀ

ଦେଖ ସାଗର ଦେଖ ଗୋ ନଦୀ
ପୂରୁବ ସ୍ନେହ ରହିଛି ଯଦି
ହତାଶ ଆଜି ତୃଷିତ କବି
ଭୁବନଗୋଟା ଶିରରେ ଲଦି।
(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆକାଉଣ୍ଟରୁ ନେଇଗଲେ ୯୭ ହଜାର

ଅନୁଗୋଳ ଅଫିସ,୧୦।୧୨: ଅନୁଗୋଳ ଜିଲାରେ ବଢ଼ି ଚାଲିଛି ସାଇବର ଠକେଇ। କେତେବେଳେ କ୍ରେଡିଟ୍ କାର୍ଡ ଅଚଳ କରିଦେବାକୁ କହି ତ ଆଉ ପୁଣି କେବେ ରିୱାର୍ଡ ପଏଣ୍ଟ ନାମରେ ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଚଲୁ କରାଯାଉଛି। ଗୁରୁବାର ଏପରି ସାଇବର ଠକେଇର ଶିକାର ହୋଇଛନ୍ତି ତାଳଚେର କୋଲିୟାରୀ ଥାନା ଦେଉଳବେଢ଼ାର ଉପେନ୍ଦ୍ର ନାୟକ। ଠକ ଜଣଙ୍କ ତାଙ୍କ ଆକାଉଣ୍ଟରୁ ୯୬ ହଜାର ୭୧୦ ଟଙ୍କା ନେଇଯାଇଥିବା ଉପେନ୍ଦ୍ର କୋଲିୟାରୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉପେନ୍ଦ୍ର ଦର୍ଶାଇଛନ୍ତି, ଗୁରୁବାର ତାଙ୍କ ନିକଟକୁ ଏକ ଅଜଣା ଫୋନ ନମ୍ବରରୁ କଲ୍ ଆସିଥିଲା। ସେ ଫୋନ ଉଠାଇବା ପରେ ଠକ ଜଣଙ୍କ ରିୱାର୍ଡ ପଏଣ୍ଟ ବ୍ୟବହାର କାହିଁକି କରୁନାହଁ ବୋଲି ପଚାରିଥିଲେ। ଏଥିସହ ଠକଙ୍କ ପରାମର୍ଶ ମାନି ସେ ତାଙ୍କ ଆକାଉଣ୍ଟ ତଥ୍ୟ ଦେଇଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ୯୬ ହଜାର ୭୧୦ ଟଙ୍କା କଟିଯାଇଥିଲା। ଗ୍ରାହକ ସେବା କେନ୍ଦ୍ରକୁ ସେ ଯୋଗାଯୋଗ କରିବା ପରେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ତୁରନ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୫୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଯନ୍ତ୍ରଣା ପାଉଛନ୍ତି ଯାତ୍ରୀ

- ବସ୍ଷ୍ଟାଣ୍ଡ, କଲେଜ ନିକଟ ବିଶ୍ରାମାଗାର ବିପଦସଙ୍କୁଳ
- ନବୀକରଣ ଦିଗରେ ଦିଆଯାଉନି ଦୃଷ୍ଟି
- ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରୀଛାତ୍ର

ଆଠମଲ୍ଲିକ, ୧୦।୧୨ (ଡି.ଏନ.ଏ.)



ଆଠମଲ୍ଲିକ କଲେଜ ପାର୍ଶ୍ୱରେ ଥିବା ଯାତ୍ରୀ ବିଶ୍ରାମାଗାର।

ଛାତରୁ ପଲସ୍ତରା ଛାଡ଼ିଗଲାଣି। ଲୁହାରଡ୍‌ରେ କଳଙ୍କି ଲାଗି ଦୁର୍ବଳ ହୋଇଗଲାଣି। ଭିତ୍ତିଭୂମି ଭଲ ନ ଥିବାରୁ ଭୁଶୁଡ଼ିପଡ଼ିବା ଆଶଙ୍କା ବଢ଼ିଲାଣି। ହେଲେ ଏଥିପ୍ରତି ନା ଜନପ୍ରତିନିଧି ନା ପ୍ରଶାସନ, କେହିବି ଆବଶ୍ୟକ ଧ୍ୟାନ ଦେଉନାହାନ୍ତି। ଫଳରେ ବିଶ୍ରାମାଗାର ବ୍ୟବହାର କରି ନ ପାରି ହୀନସ୍ତା ହେଉଛନ୍ତି ବସ୍‌କୁ ଅପେକ୍ଷା କରୁଥିବା କଲେଜ ଛାତ୍ରୀଛାତ୍ର ଓ ସାଧାରଣ ଯାତ୍ରୀ। ଦୀର୍ଘବର୍ଷ ଧରି ସେମାନେ ରାସ୍ତା ପାର୍ଶ୍ୱରେ ଖରା ଓ ବର୍ଷା ବେଳେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ଯନ୍ତ୍ରଣା ପାଉଥିଲେ ବି ନୂଆ ବିଶ୍ରାମାଗାରଟିଏ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ଆଠମଲ୍ଲିକ କଲେଜର ଛାତ୍ରୀଛାତ୍ର ଓ ସହରବାସୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ।

ଆଠମଲ୍ଲିକ ମହାବିଦ୍ୟାଳୟ ପ୍ରବେଶ ପଥ ପାର୍ଶ୍ୱରେ ଥିବା ଯାତ୍ରୀ ବିଶ୍ରାମାଗାର ଦୀର୍ଘ ୩୫ ବର୍ଷ ପୁରୁଣା। କଲେଜ ପକ୍ଷରୁ ଏହାର ନିର୍ମାଣ କରାଯିବା ପରେ ଦୈନିକ ଶତାଧିକ ଶିକ୍ଷାର୍ଥୀ ଉପକୃତ ହେଉଥିଲେ। କିନ୍ତୁ କିଛିବର୍ଷ ହେଲା ଏହାର ମରାମତି କରାଯାଇ ନ ଥିବାରୁ ଏହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଚାରିପାଖ ଘାସ ଓ ବିଭିନ୍ନ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ଜଙ୍ଗଲିଆ ଦିଶୁଛି। ଛାତ, କାନ୍ଥ ସବୁକିଛି ଦୁର୍ବଳ ହୋଇଯାଇଥିବାରୁ ଏହା କାର୍ଯ୍ୟରେ ଲାଗିପାରୁ ନାହିଁ। ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ଦୂର ଅଞ୍ଚଳରୁ ଆସୁଥିବା ଛାତ୍ରୀଛାତ୍ରମାନେ ରାସ୍ତା ପାର୍ଶ୍ୱରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ତେବେ ଖରା ଓ ବର୍ଷା ଋତୁରେ ସେମାନଙ୍କୁ ସବୁଠାରୁ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲେ ମଧ୍ୟ ତାହାକୁ ଦୂର କରାଯିବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ନୂଆ ବିଶ୍ରାମାଗାର ନିର୍ମାଣ ତ ଦୂରର କଥା ପୁରୁଣାର ନବୀକରଣ ଦିଗରେ ଦୃଷ୍ଟି ଦିଆଯାଉ ନାହିଁ। ସେହିପରି ଆଠମଲ୍ଲିକ ବସ୍ଷ୍ଟାଣ୍ଡଠାରେ ଥିବା ଯାତ୍ରୀ ବିଶ୍ରାମାଗାର ୧୦ ବର୍ଷର ପୁରୁଣା। ଦୈନିକ ଶତାଧିକ ଯାତ୍ରୀ ବସ୍ଷ୍ଟାଣ୍ଡରୁ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାତ୍ରା କରୁଛନ୍ତି। ହେଲେ ବିଶ୍ରାମ ନେବା ପାଇଁ ସେମାନଙ୍କ ଲାଗି କୌଣସି ସୁବିଧା କରାଯାଉ ନାହିଁ। ଯେଉଁ ବିଶ୍ରାମାଗାର ରହିଛି, ତାହା ଆବଶ୍ୟକ ଯତ୍ନ ଅଭାବରୁ ପରିତ୍ୟକ୍ତ ହୋଇପଡ଼ିଛି। ଫଳରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ପାଉନାହାନ୍ତି। ବିଶେଷକରି ମହିଳା ଯାତ୍ରୀମାନେ ବେଶି ହଇରାଣ ହେଉଛନ୍ତି। ତୁରନ୍ତ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ର ଓ ଯାତ୍ରୀମାନେ ଦାବି କରିଛନ୍ତି।

### ନୂତନ ଗୃହ ନିର୍ମାଣ ଜରୁରୀ



କଲେଜ ନିକଟ ବିଶ୍ରାମାଗାର ଆଉ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ ଏହା ଥିବାରୁ ଶୀଘ୍ର ନୂତନ ଗୃହ ନିର୍ମାଣର ଆବଶ୍ୟକତା ରହିଛି। ସେହିପରି ବସ୍ଷ୍ଟାଣ୍ଡରେ ଥିବା ବିଶ୍ରାମଗାର ଛାତ ଦୁର୍ବଳ ହୋଇଯାଇଥିବାରୁ ବର୍ଷା ପାଣି ଯାତ୍ରୀଙ୍କ ଉପରେ ପଡୁଛି।

-ଦୀନେଶ କୁମାର ସିଂହ, ପୂର୍ବତନ ଛାତ୍ର ସଂସଦ ସଭାପତି

### ପରିତ୍ୟକ୍ତ ଅବସ୍ଥାକୁ ଆସିଯାଇଛି



ଆଠମଲ୍ଲିକରୁ ରାଜ୍ୟର ବିଭିନ୍ନ ସହରକୁ ଯାଉଥିବା ଯାତ୍ରୀମାନେ ବସ୍ଷ୍ଟାଣ୍ଡସ୍ଥିତ ବିଶ୍ରାମାଗାରରେ ବସ୍‌କୁ ଅପେକ୍ଷା କରିଥାନ୍ତି। ହେଲେ ଏହି ବିଶ୍ରାମାଗାର ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାକୁ ଆସିଯାଇଛି। ତୁରନ୍ତ ଏହାର ନବୀକରଣ କରାଗଲେ ଯାତ୍ରୀମାନେ ଉପକୃତ ହୋଇପାରିବେ।

-ପାର୍ଥ ସାରଥି ବେହେରା, ସହର ବାସିନ୍ଦା

### ପ୍ରଶାସନ ଯତ୍ନବାନ ହେଉ



କଲେଜ ସମ୍ମୁଖରେ ଥିବା ବିଶ୍ରାମାଗାର ଦୀର୍ଘବର୍ଷ ହେଲା ମରାମତି ହୋଇନାହିଁ। ଏ ଦିଗରେ ପ୍ରଶାସନ ମଧ୍ୟ ଆବଶ୍ୟକ ଧ୍ୟାନ ଦେଉନାହିଁ। ଏଥିଯୋଗୁ ଛାତ୍ରୀଛାତ୍ରମାନେ ଖରା, ବର୍ଷା ବେଳେ ରାସ୍ତା କଡ଼ରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଆଠମଲ୍ଲିକ ପ୍ରଶାସନ ଯତ୍ନବାନ ହେବା ଅବଶ୍ୟକ।

-ଅନିଲ କୁମାର ପାଣିଗ୍ରାହୀ, ଯୁବ କଂଗ୍ରେସ ନେତା

### ପ୍ରଶାସନ, ଜନପ୍ରତିନିଧିଙ୍କୁ ଜଣାଯିବ



କଲେଜ ସମ୍ମୁଖ ବିଶ୍ରାମାଗାର ବହୁ ବର୍ଷ ପୁରୁଣା ହୋଇଥିବାରୁ ଏହାର ଅବସ୍ଥା ଭଲ ନାହିଁ। ତେଣୁ ନବୀକରଣ ପାଇଁ ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ସହିତ ଯୋଗାଯୋଗ କରାଯିବ। ଶୀଘ୍ର ଏହି କାର୍ଯ୍ୟ କରାଗଲେ ଛାତ୍ରୀଛାତ୍ରଙ୍କ ଏକ ବଡ଼ ସମସ୍ୟାର ସମାଧାନ ହୋଇପାରିବ।

-ଆଦିତ୍ୟ କୁମାର ସାହୁ, ଅଧ୍ୟକ୍ଷ, ଆଠମଲ୍ଲିକ କଲେଜ

## କୋଇଲା ବୋଝେଇ ଟ୍ରକ୍ ଜବତ, ୩ ଗିରଫ



ଛେଣ୍ଡିପଦା,୧୦।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ପାତ୍ରପଡା ବାୟାଣୀ ପୀଠ ନିକଟସ୍ଥ ପାଣିଟାଙ୍କି ଠାରୁ ଛେଣ୍ଡିପଦା ପୋଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକ୍‌କୁ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ସଦରଥାନା ଭାପୁର ଅଞ୍ଚଳର ସୌମ୍ୟ ରଞ୍ଜନ ଜେନା, ମନୋଜ କୁମାର ବେତାଳ ଓ ରୋହନ ବିବେକା ନନ୍ଦ। ପୋଲିସ କହିଛି, ପାତ୍ରପଡା ବାୟାଣୀପୀଠ ନିକଟରେ ପ୍ରାୟ ୨୦ ଟନ ଚୋରା କୋଇଲା ଗଚ୍ଛିତ ହୋଇଥିବା ବେଳେ ବିଳମ୍ବିତ ରାତିରେ ତାହା ଚାଲାଣ ହେଉଥିବା ନେଇ ଛେଣ୍ଡିପଦା ଥାନା ଏଏସ୍ଆଇ ଗୋଲକ ବିହାରୀ ସେଠୀ ଖବରପାଇ ଚଢ଼ାଉ କରିଥିଲେ। ଚଢାଉବେଳେ ପୋଲିସକୁ ଦେଖି କେତେଜଣ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ୩ଜଣଙ୍କୁ ପୋଲିସ ଅଟକ ରଖିଥିଲା। କୋଇଲା ପରିବହନର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଛେଣ୍ଡିପଦା ଥାନାରେ ନଂ. ୬୧୩/୨୨ରେ ଏକ ମାମଲା ରୁଜୁ କରାଯାଇ ଟ୍ରକ୍ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।

# ଅଧିକାର ସମ୍ପର୍କରେ ସଚେତନ କଲେ

ଅନୁଗୋଳ ଅଫିସ, ୧୦।୧୨

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୁରୁଡୁଲ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ନାଲ୍‌କୋ ଥାନା ଇନ୍ସପେକ୍ଟର ଦିଲୀପ କୁମାର ଲାକ୍ରା, ସବ୍ ଇନ୍ସପେକ୍ଟର ଶୁଭଶ୍ରୀ ସିଂ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଜିଲା ଆଇନସେବା ପ୍ରାଧିକରଣ ଅନୁଗୋଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଅଧିକାର ସମ୍ପର୍କରେ ସଚେତନ କରାଇବା ସହିତ ସଭିଙ୍କ ବିକାଶକୁ ସୁନିଶ୍ଚିତ କରାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ ଓ ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ଅନୁସଚିବ ଏସ୍. ଶୁଭଲକ୍ଷ୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଏନ୍‌ସିସି ଛାତ୍ରୀଛାତ୍ରଙ୍କୁ ପ୍ରଶଂସା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଏନ୍‌ସିସି ଛାତ୍ରୀଛାତ୍ରମାନେ।

ଅନୁଗୋଳ ଅଫିସ, ୧୦।୧୨

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଶିକ୍ଷାର୍ଥୀମାନଙ୍କ ପକ୍ଷରୁ ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କଲୋନେଲ ବୀରେନ୍ଦ୍ର କୁମାର ବସ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର ମହାବିଦ୍ୟାଳୟ ନବୀକରଣ ପ୍ରକ୍ରିୟାରେ ଏନ୍‌ସିସି ଛାତ୍ରୀଛାତ୍ରଙ୍କ ପ୍ରଶଂସା କରିବା ସହ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏନ୍‌ସିସି ଅଧ୍ୟାପକ ତଥା ପରୀକ୍ଷା ନିୟନ୍ତ୍ରକ କ୍ୟାପଟେନ ଡ. ଅଭିମନ୍ୟୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାନବ ଅଧିକାର କ୍ଷୁଣ୍ଣ ଉପରେ ଆଲୋଚନା

ତାଳଚେର, ୧୦।୧୨ (ନି.ପ୍ର.)

ତାଳଚେରସ୍ଥିତ ଏକ ହୋଟେଲରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ଅନୁଗୋଳ ଜିଲା ସଭାପତି ତଥା ସାମାଜିକ କର୍ମୀ ବାପି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଳଚେର ଥାନା ଅଧିକାରୀ ଶ୍ରୀନିବାସ ସେଠୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ବସ ମାଲିକ ସଂଘ ଉପ ସଭାପତି ଶ୍ରୀକାନ୍ତ କୁମାର ପାଣି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତଥା ଭାଜପା କୃଷକ ପ୍ରଭାରୀ ବିଭୂତି ସାହୁ, ଅନ୍ୟତମ ଅତିଥି ଭାବେ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ ଓଡ଼ିଶା ଶାଖା ସଭାନେତ୍ରୀ ସସ୍ମିତା ଦାସ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ବାବୁଲି ନାଥ ଓ ସମସ୍ତ ଅତିଥି ମାନବାଧିକାର କ୍ଷୁଣ୍ଣ ଉପରେ ଆଲୋଚନା କରିଥିଲେ। ହିମାଂଶୁ ଶେଖର ଗଡ଼ନାୟକ ଓ ଜଗ୍ନେଶ୍ୱର ପଟ୍ଟନାୟକ, ପ୍ରଭୁ ପ୍ରସାଦ ମହାନ୍ତି, ନାରାୟଣ ବିଶ୍ୱାଳ, ପ୍ରତାପ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବଡ଼ତ୍ରିବିଡ଼ାରେ ଜବରଦଖଲ ଉଚ୍ଛେଦ

କଣିହାଁ,୧୦।୧୨(ଡି.ଏନ.ଏ.)



କଣିହାଁ ବ୍ଲକ ବଡ଼ତ୍ରିବିଡ଼ା ଗ୍ରାମରେ କଣିହାଁ ତହସିଲ ତରଫରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୋଲିସ ଫୋର୍ସ ସହିତ କଣିହାଁ ତହସିଲଦାର ପତିତପାବନ ଦେବତା, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ପ୍ରଭାତ ବିଶ୍ୱାଳ, ବିଦ୍ୟୁତ୍ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲ ହଟାଯାଇଥିଲା। ସକାଳେ ଡାକବାଜି ଯନ୍ତ୍ର ଯୋଗେ ବେଆଇନ ଘର ଭିତରେ ଥିବା ଅନ୍ୟାନ୍ୟ ସାମଗ୍ରୀ ନେଇ ଯିବାକୁ ଘୋଷଣା କରାଯାଇଥିଲା। ଅପରାହ୍ନରେ ଜେସିବି ମେଶିନ୍ ଦ୍ୱାରା ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ସରକାରୀ ଜାଗାରେ ଥିବା କୋଠା ଓ ଦୋକାନ ଗୃହ ଭଙ୍ଗାଯାଇଥିଲା। ଏ ନେଇ ତହସିଲଦାର ଦେବତା କହିଛନ୍ତି, ସରକାରୀ ଜାଗାରେ ବିଭିନ୍ନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି। ଖୁବ୍‌ଶୀଘ୍ର ବଡତ୍ରିବିଡା ପଞ୍ଚାୟତର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ ହେବ। ସେହି ଅଫିସ କଣିହାଁରେ ଚାଲିଥିବା କାରଣରୁ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏଠାରେ ଅନ୍ୟ ସରକାରୀ ଅନୁଷ୍ଠାନ ଗଢି ଉଠିବ। ଏହାକୁ ଦୃଷ୍ଟିରେ ରଖି ପୂର୍ବରୁ ଜାଗା ଚିହ୍ନଟ କରିଥିଲୁ। ଉକ୍ତ ସ୍ଥାନକୁ ଜବରଦଖଲ କରାଯାଇଥିବା ସମ୍ପର୍କରେ ଗ୍ରାମର କେତେଜଣ ଲୋକ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଜବରଦଖଲ କାରୀଙ୍କୁ ପୂର୍ବରୁ ନୋଟିସ ହୋଇଥିଲା। କିନ୍ତୁ ପ୍ରଶାସନ ବିରୋଧରେ ସେମାନେ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। କୋର୍ଟଙ୍କ ଆଦେଶ ମିଳିବା ପରେ ସରକାରୀ ଜାଗାରେ ଥିବା ଘରକୁ ଭଙ୍ଗାଯାଇଛି।

## ଅସଦାଚରଣ ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୧୦।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଥାନା ଅଞ୍ଚଳର ଜନୈକା ନାବାଳିକା ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ବିଜୟ କୁମାର ଦେହୁରୀ (୩୩) ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୬୩/୨୨ରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ବିଜୟଙ୍କୁ ଗିରଫ କରିଥିଲା।



# ମିଳିତ ପ୍ରଚେଷ୍ଟା ସଫଳ କରେ



ଆଠମଲ୍ଲିକ, ୧୦।୧୨ (ଡି.ଏନ.ଏ.)

ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା କମିଟି ସଭାପତି ଗଦାଧର ସ୍ୱାଇଁ, ଶିକ୍ଷକ ଧବଳ ଦେହୁରୀ, ପ୍ରଦୀପ କୁମାର ସେଠୀ, ଆଦିତ୍ୟ କୁମାର ସାହୁ, ବିମଳ ଚନ୍ଦ୍ର ବେହେରା, ସତ୍ୟ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମିଳିତ ପ୍ରୟାସ ଛାତ୍ରୀଛାତ୍ରଙ୍କୁ ସଫଳ କରାଇବ ବୋଲି ମତ ଦେଇଥିଲେ। ସ୍ମାର୍ଟ କ୍ଲାସ ଦ୍ୱାରା ଛାତ୍ରୀଛାତ୍ର ସହଜରେ କିପରି ଶିକ୍ଷା ଗ୍ରହଣ କରିପାରୁଛନ୍ତି ତାହାର ଉଦାହରଣ ଶିକ୍ଷକ ଆଦିତ୍ୟ କୁମାର ସାହୁ ଦେଖାଇଥିଲେ। ଶିକ୍ଷକ ବିମଳ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କଣିହାଁ କଲେଜରେ ସମ୍ବର୍ଦ୍ଧନା ଉତ୍ସବ

କଣିହାଁ,୧୦।୧୨(ଡି.ଏନ.ଏ.)

କଣିହାଁ କଲେଜର ଯୁକ୍ତ ଦୁଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୁକ୍ରବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିବା ଡ. ମଦନମୋହନ ମହାନ୍ତି, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀଙ୍କ ସହିତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହିତ ଯୁକ୍ତଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ତମ ଶିକ୍ଷାଦାନ ପାଇଁ ନିୟମିତ କଲେଜ ଆସି ଶିକ୍ଷାଦାନ ସମୟରେ ଅଧ୍ୟାପକମାନଙ୍କୁ ଅବୁଝା ପାଠ ପଚାରି ବୁଝି ଆଗକୁ ବଢ଼ିବାକୁ ଅତିଥି ପରମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କଲେଜ ଅଧ୍ୟାପକ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ରେଳ ଟିକେଟରେ ରିହାତି ଦାବି ପାଇଁ ନିଷ୍ପତ୍ତି

## ବରିଷ୍ଠ ନାଗରିକ ମହାସଂଘ ବୈଠକ

ଆଠମଲ୍ଲିକ,୧୦।୧୨(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରୀ ବୈଠକ ଶୁକ୍ରବାର ଆଠମଲ୍ଲିକର ପ୍ରସିଦ୍ଧ ଶୈବପୀଠ ଦେଉଳଝରୀଠାରେ ଅନୁଷ୍ଠିତ ହୋଇଛି। ମହାସଂଘ ସଭାପତି ପ୍ରଫେସର ଟଉଲୁ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରହ୍ଲାଦ ମହାପାତ୍ର, ଉପଦେଷ୍ଟା ବାଳଗୋବିନ୍ଦ ମିଶ୍ର, କୋଷାଧ୍ୟକ୍ଷ କେଦାର ମିଶ୍ର, ଆଠମଲ୍ଲିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ମିଶ୍ର ଓ ଉପଦେଷ୍ଟା ନନ୍ଦକିଶୋର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶାର ଝାରସୁଗୁଡା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧରୁ ମଧ୍ୟ କିଛି ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଠମଲ୍ଲିକ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ପୀତାମ୍ବର ବିଶ୍ୱାଳ ଅଞ୍ଚଳର ସମସ୍ୟା ଓ ମଞ୍ଚର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସେହିପରି କିଶୋରନଗର ବ୍ଲକର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୁବାସ କୁମାର ପ୍ରଧାନ, ବଇଣ୍ଡା ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ଚନ୍ଦ୍ରମଣି ପ୍ରଧାନ ନିଜ ମଞ୍ଚର କାର୍ଯ୍ୟକ୍ରମ ଓ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବରିଷ୍ଠ ନାଗରିକମାନଙ୍କ ପାଇଁ ରେଳରେ ତୀର୍ଥଯାତ୍ରା ସମୟରେ ରିହାତି ପ୍ରଦାନ କରାଯିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଆଠମଲ୍ଲିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ମିଶ୍ର ଧନ୍ୟବାଦ ଦେଇଥିଲେ।





# ଅନୁଭୂତିରେ ପିକ୍‌ନିକ୍

**ଶୀତ ଆସିଲେ ପିକ୍‌ନିକ୍ ଯିବାର ଉତ୍କଣ୍ଠା ବଢ଼ିଯାଏ। କେବେ ପରିବାର ତ କେବେ ସାଙ୍ଗସାଥୀଙ୍କ ସହ ବିଭିନ୍ନ ସ୍ଥାନରେ ବଣଭୋଜିର ବେଶ୍ ଆସର ଜମେ। ହେଲେ ବେଳେବେଳେ ଏହା ଭିତରେ ଏମିତି କିଛି ଘଟଣା ଘଟିଯାଏ, ଯାହାକି ଚିରଦିନ ପାଇଁ ସ୍ମୃତି ହୋଇ ରହିଯାଏ ମନରେ...**

## ବଦଳି ଯାଇଥିଲା ପିକ୍‌ନିକ୍‌ର ମାହୋଲ

**ସନ୍ତୋଷିନୀ ନାହାକ** (ବିଜିପୁର, ବ୍ରହ୍ମପୁର)– ୨୦୧୨ ମସିହାର ଘଟଣା। ବଣଭୋଜି ନିମନ୍ତେ ଗଜପତି ଜିଲା ଜିରାଙ୍ଗ ଓ ଖସଡ଼ାକୁ ସପରିବାର ଯାଇଥିଲୁ। ସେଠାରେ ଥିବା ପିକ୍‌ନିକ୍ ସ୍ପଟ୍ ଖସଡ଼ାରେ ରୋଷେଇ କରି ଅପରାହ୍ନରେ ଖାଇବା କାର୍ଯ୍ୟକ୍ରମ ଥିଲା। ଖୁବ୍ ସୁନ୍ଦର ପାହାଡ଼ ଜଙ୍ଗଲଘେରା ସ୍ଥାନ। ଏହାକୁ ଆହୁରି ମନୋରମ କରୁଥିଲା ସେଠାରେ ଥିବା ଏକ ଜଳପ୍ରପାତ, ଯାହାକି ପାଲଟିଥିଲା ପିକ୍‌ନିକ୍‌ର ମୁଖ୍ୟ ଆକର୍ଷଣ। ତେଣୁ ସଭିଏଁ ପ୍ରଥମେ ସେଠାକୁ ଧାଇଁଲେ। ପାଣି ଦେଖି ଛୋଟ ପିଲାମାନେ ଖୁବ୍ ଉତ୍ସାହିତ ହୋଇଥିଲେ। ଖୁସି ହୋଇ ମୋର ସମ୍ପର୍କୀୟା ଝିଅାରୀ ପାଣି ଭିତରକୁ ଯାଇଥିଲା। ସେ ଝରଣା ପାଣି ମଧ୍ୟକୁ ଯିବା ମାତ୍ରେ ଜଳସ୍ରୋତରେ ଗୋଡ଼ ଖସି ଭାସି ଯାଇଥିଲା। ତା'କୁ ବୁଡୁଥିବାର ଦେଖି ସଭିଏଁ ଚିତ୍କାର କରୁଥିଲେ, ହେଲେ କେହି କିଛି କରିପାରି ନ ଥିଲେ। ଏହି ସମୟରେ ମୁଁ କିଛି ଉପାୟ ନ ପାଇ ତା'କୁ ବଞ୍ଚାଇବା ଲାଗି ପାଣିକୁ ଡେଇଁ ପଡ଼ିଲି ଏବଂ ପହଁରି ପହଁରି ପାଣି ଭିତରକୁ ଯାଇ ଝିଅାରୀକୁ ଉଦ୍ଧାର କରିଥିଲି। ସେ ପାଣି ପିଇଦେଇଥିଲା ଏବଂ ଅଳ୍ପ ଆହତ ମଧ୍ୟ ହୋଇଥିଲା। ଏହି ଘଟଣା ପରେ ସେଦିନ ପିକ୍‌ନିକ୍‌ର ମାହୋଲ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ପିଲାଟି ବଞ୍ଚିଗଲା ବୋଲି ମନରେ ଖୁସି ବି ଥିଲା। ଏହା ମୋ ଜୀବନର ସବୁଠାରୁ ସ୍ମରଣୀୟ ଦିନ। ଏବେ ବି କୌଣସି ବଣଭୋଜି ଯିବା ବେଳେ ସେହି କଥା ମନେ ପଡ଼ି ଭୟ ସଞ୍ଚାର ହୋଇଥାଏ।



## ମହୁମାଛିଙ୍କ କବଳରୁ ଆଉ କି ନିସ୍ତାର!

**ସୌଦାମିନୀ ବେହେରା** (ଅଧ୍ୟାପିକା, ଜଟଣୀ)– ଦିନ ଗଡ଼ିଚାଲେ ସମୟର ସହ। ହେଲେ କିଛି ସ୍ମୃତି ରହିଯାଏ ମାନସ ପଟରେ ସବୁଦିନ ପାଇଁ। ଏମିତି କିଛି ସ୍ମୃତି ଭିତରୁ ମନେପଡୁଛି ଏକ ବଣଭୋଜିର ଘଟଣାଟିଏ। ସେତେବେଳେ ମୁଁ ଦଶମ ଶ୍ରେଣୀର ଛାତ୍ରୀ। କିଛି ସାଙ୍ଗ ଏକ ଡିସେମ୍ବର ଶୀତ ସକାଳକୁ ସ୍ୱାଗତ କରି ବାହାରିଲୁ ପିକ୍‌ନିକ କରିବାକୁ। ମୟୂରଭଞ୍ଜ ଜିଲା ପ୍ରକୃତିର ଗନ୍ତାଘର। ରୋଷେଇ ସାମଗ୍ରୀ ଧରି ସବୁ ସାଙ୍ଗ ଚାଲି ଚାଲି ବଣଭୋଜି ସ୍ଥାନରେ ଯାଇ ପହଞ୍ଚିଲୁ। କିଛି ସମୟ ଗୀତ ପଦ୍ୟାଂଶ, ସିନେମା ଗୀତ, ଗୁଲି ଖଟି କରି ଖୁବ୍ ମଜା ଉଠାଇଲୁ। ରୋଷେଇ ଆରମ୍ଭ କରିବାକୁ କିଛି ପିଲା ଝରଣାରୁ ପାଣି ଆଣିବାକୁ ଗଲେ। କିଛି ପିଲା କାଠ ଗୋଟେଇବାକୁ ଗଲେ। ତିନି ଜଣ ରୋଷେଇଶାଳରେ ରହିଲେ। ହଠାତ୍ ସବୁ ଓଲଟପାଲଟ ହୋଇଗଲା। ଏବେବି ସେ କଥା ଭାବିଲେ ମୋ ଦେହର ଲୋମ ଟାଙ୍କୁରି ଉଠେ। କିଛି ଗାଈଆଳ ପିଲା ସେଠାରେ ଗାଈ ଚରାଉଥିଲେ। ଆମ ବଣଭୋଜି ସ୍ଥାନଠାରୁ ଅଳ୍ପ ଦୂରରେ ବଡ଼ ବଡ଼ ମହୁଫେଣା ଥିଲା। ସେ ପିଲାମାନେ ଲମ୍ବା ବାଡ଼ି ସାହାଯ୍ୟରେ ମହୁ ଲୋଭରେ ମହୁଫେଣାକୁ ଭାଙ୍ଗିବା ପାଇଁ ଲାଗିପଡ଼ିଲେ। ଜଙ୍ଗଲୀ ବାଘୁଆ ମହୁମାଛିଙ୍କ କବଳରୁ ଆଉ କି ନିସ୍ତାର! ଶହ ଶହ ମହୁମାଛି ବିନ୍ଧିବା ପାଇଁ ସୈନ୍ୟବାହିନୀ ସହ ଉଡ଼ି ଆସିଲେ। ବୋପା ଲୋ, ମାଲୋ କହି ସମସ୍ତେ ଏଣେତେଣେ ଧାଇଁଲେ। ଚାରିଆଡ଼େ ଖାଲି ଚିତ୍କାର। ସେଠାକୁ ଆସିଥିବା ଅନ୍ୟମାନେ ବି କିଛି ବୁଝିବା ପୂର୍ବରୁ ସେମାନେ ବି ମହୁମାଛିମାନଙ୍କର କ୍ରୋଧର ଶିକାର ହେଲେ। ବିକଳରେ କିଏ କେଉଁ ଆଡ଼େ ଧାଇଁଲେ ଜଣାନାହିଁ। କିଛି ସମୟ ପରେ ଆମେ କିଛି ଝିଅ କାଉଲୁବାଉଲୁ ହୋଇ ଭୋଜି ଜିନିଷ ପାଖକୁ ଫେରିଲୁ। ଯାହା ଦେଖିଲୁ ଧୈର୍ଯ୍ୟର ସୀମା ରହିଲା ନାହିଁ। ଚୁଲି ଜାଳରୁ ନିଆଁ ବ୍ୟାପିଯାଇ ପାଖରେ ଥିବା ଶୁଖିଲା ପତରରେ ଲାଗି ପ୍ରାୟ ଚାରିଆଡ଼େ ମାଡ଼ିଯାଉଥାଏ। ଭୋଜି ସାମଗ୍ରୀସବୁ ପୋଡ଼ି ଜଳି ଅଧା ନଷ୍ଟ ହୋଇ ଯାଇଥିଲା। ଆମେ ସବୁ କାନ୍ଦି କାନ୍ଦି ଅନ୍ୟ ସାଙ୍ଗମାନଙ୍କୁ ଖୋଜି ଚାଲିଥିଲୁ। ପରେ ଖବର ପାଇଲୁ, କିଛି ସାଙ୍ଗ ଘରକୁ ଫେରି ଯାଇଛନ୍ତି। ଈଶ୍ୱରଙ୍କର ବୋଧେ ଦୟା ଆସିଗଲା। ସେଇ ସ୍ଥାନକୁ ଆସିଥିବା କିଛି ପର୍ଯ୍ୟଟକ ଆମର ଏ ଅବସ୍ଥା ଦେଖି ଆମକୁ ଡାକିନେଇ ତାଙ୍କ ଭୋଜିରେ ସାମିଲ କରିଥିଲେ। ଖାଇପିଇ ଆସିଲୁ ସତ, କିନ୍ତୁ ସେଦିନର ଘଟଣା ଆଜି ବି ମୋତେ ବିଚଳିତ କରେ।







## ସିଧା ପଡିଲି ଲାଇନ୍ ଆରପଟେ

**ଶିବସୁନ୍ଦର ଦାସ** (ଷ୍ଟକ୍ ମାର୍କେଟ୍ ଟ୍ରେଡର୍, ଭୁବନେଶ୍ୱର)– ବୁଲାବୁଲି କରିବାକୁ କିଏବା ଭଲ ନ ପାଏ! ଆଉ ଯଦି ସାଙ୍ଗସାଥୀଙ୍କ ସହ ପିକ୍‌ନିକ୍ କରିବାର ସୁଯୋଗ ମିଳେ, ତା'ହେଲେ ଏହାର ଆନନ୍ଦ ଢେର୍ ବଢ଼ିଯାଏ। ହେଲେ କେବେକେବେ ଏହା ଭିତରେ ଏମିତି କିଛି ଘଟଣା ଘଟେ, ଯାହାକି ସବୁବେଳେ ମନରେ ଅଭୁଲା ହୋଇ ରହିଯାଏ। ସେମିତି ଏକ ସ୍ମୃତି ମନେପଡୁଛି। ସାଙ୍ଗମାନଙ୍କ ସହ ଜୟଦେବ ବାଟିକାରେ ଭୋଜି କରିବାକୁ ଯାଇଥିଲି। ନାଚ, ଗୀତ, ଥଟ୍ଟାମଜାରେ ସମସ୍ତେ ଏଞ୍ଜୟ କରୁଥିଲୁ। କିଛି ଗେମ୍ ମଧ୍ୟ ଚାଲିଥାଏ। ମଝିରେ ଏକ ଲାଇନ୍ ଟଣାଯାଇଥିଲା। ଗୋଟେ ପଟେ ପୁଅ ଆଉ ଅନ୍ୟ ପଟେ ଝିଅମାନେ ରହି ଦଉଡ଼ି ଟଣା ଚାଲିଥିଲା। ଯେଉଁ ଟିମ୍‌ର ମେମ୍ବର ଆଗ ଲାଇନ୍ କ୍ରସ୍ କରିବେ, ସେମାନେ ହାରିବେ। ଖୁବ୍ ଜୋର୍‌ରେ ଦଉଡ଼ିଟଣା ଭିତରେ ଆମ ପୁଅ ଟିମ୍‌ଙ୍କ ଭିତରୁ ଜଣଙ୍କ ହାତ ଖସିଗଲା। ସବୁଠାରୁ ଆଗରେ ମୁଁ ଥିବାରୁ ଭାରସାମ୍ୟ ସମ୍ଭାଳି ନ ପାରି ସିଧା ଯାଇ ପଡିଲି ଲାଇନ୍ ଆରପଟେ। ସେଇଠି ଗେମ୍ ଓଭର ହୋଇଗଲା ଏବଂ ଖୁବ୍ ମଜାମସ୍ତିରେ ଖିଆପିଆ କରି ଘରକୁ ଫେରିଲୁ। ତେବେ ଗେମ୍‌ରେ ତ ହାରିଲୁ ଯେତିକି ମନ ଦୁଃଖ ନ ଲାଗିଲା, ହେଲେ ଝିଅଟିମ୍ ପାଖରେ ପଡ଼ିଥିବାରୁ ସେଦିନ ଚିଡ଼େଇ ଚିଡ଼େଇ ସାଙ୍ଗମାନେ ମୋର ଅବସ୍ଥା ଢିଲା କରିଦେଇଥିଲେ। ଏବେବି ସେଦିନର କଥା ମନେପଡ଼ିଲେ ଖୁବ୍ ହସ ଲାଗେ।

## ସାହାଯ୍ୟ ଦେଇଥିଲା ଆତ୍ମସନ୍ତୋଷ

**ବୀରେନ୍ ଭୋଇ** (ଜୁଜୁମରା, ସମ୍ବଲପୁର)– ପିକ୍‌ନିକ୍ ସିଜନ ଆସିଲେ ସାଙ୍ଗମାନେ ମିଶି ବିଭିନ୍ନ ସ୍ଥାନରେ ଭୋଜି କରିଥାଉ। ସେଦିନ ଆମେ ବରଗଡ଼ ଜିଲା ପଦମପୁର ନିକଟସ୍ଥ ନରସିଂହ ନାଥ ମନ୍ଦିରରେ ଭୋଜି ଆୟୋଜନ କରିଥିଲୁ। ସକାଳୁ ସକାଳୁ ସମସ୍ତ ଆବଶ୍ୟକ ସାମଗ୍ରୀ ଧରି ସାଙ୍ଗମାନେ ଏକାଠି ଗାଡ଼ିରେ ବାହାରି ପଡ଼ିଲୁ। ଯିବା ରାସ୍ତାରେ ମନ୍ଦିରଠାରୁ ପ୍ରାୟ ୧୦ କିଲୋମିଟର ପୂର୍ବରୁ ମୁଖ୍ୟ ରାସ୍ତା ଉପରେ ଜଣେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ପଡ଼ିଥିଲେ। କିଛି ଦୂରରେ ତାଙ୍କର ବାଇକ୍ ପଡ଼ିଥିଲା। ସଙ୍ଗେ ସଙ୍ଗେ ଆମେ ଗାଡ଼ି ଅଟକାଇ ତାଙ୍କ ପାଖକୁ ଧାଇଁଲୁ। ଅଚେତ ଅବସ୍ଥାରେ ଥିବାରୁ ସେ କୌଣସି ସୂଚନା ଦେଇ ପାରି ନ ଥିଲେ। ତାଙ୍କ ଠିକଣା ଓ ପରିଚୟ ଖୋଜିବାକୁ ସମୟ ଲାଗିଥିଲା। ପରେ ତାଙ୍କ ପକେଟରୁ ମିଳିଥିବା କାଗଜରେ ଡ୍ୟୁଟିର ଚାଲାଣ ମିଳିଥିଲା। ତୁରନ୍ତ ନିକଟସ୍ଥ ପଦମପୁର ଥାନାକୁ ଯୋଗାଯୋଗ କରିଥିଲୁ। ପୋଲିସ ଆସିବା ପରେ ଆହତ ବ୍ୟକ୍ତି ଜଣଙ୍କ ମଧ୍ୟ ଜଣେ ପୋଲିସ କର୍ମଚାରୀ ଓ ସେ ଡ୍ୟୁଟି ସାରି ଫେରୁଥିବା ଜଣାପଡ଼ିଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମେଡିକାଲ ପଠାଇଥିଲୁ। ଏସବୁ ଭିତରେ ଅନେକ ସମୟ ଚାଲିଯାଇଥିବାରୁ ଆମେ ଭୋଜିକୁ ଭଲ ଭାବେ ଏଞ୍ଜଏ କରିପାରି ନ ଥିଲୁ ସତ, ହେଲେ ସେହି ପୋଲିସ୍ କର୍ମଚାରୀଙ୍କୁ ସାହାଯ୍ୟ କରିଥିବାରୁ ଆତ୍ମସନ୍ତୋଷ ମିଳିଥିଲା। କିଛିଦିନ ପରେ ସେ ସୁସ୍ଥ ହୋଇଥିବା ଜାଣିବାକୁ ପାଇଥିଲୁ ଏବଂ ବହୁତ ଖୁସି ଲାଗିଥିଲା। ସେଦିନର ଘଟଣା ଏବେବି ଅଭୁଲା ହୋଇ ରହିଛି।







## ଏ ସପ୍ତାହର ପ୍ରଶ୍ନ

୧– ସେମାରୋ ଆଗ୍ନେୟଗିରି .................. ଠାରେ ଅବସ୍ଥିତ ?
୨– ବର୍ତ୍ତମାନ ନ୍ୟାଶନାଲ୍ ଷ୍ଟାଟିଷ୍ଟିକାଲ୍ କମିଶନ୍‌ର ................ ?
୩– ନିକଟରେ ୟୁନେସ୍କୋ ଇଣ୍ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍ ଷ୍ଟାଟସ୍‌ରେ ସ୍ଥାନ ପାଇଥିବା ଫ୍ରେଞ୍ଚ୍ ଫୁଡ୍ ............ ?
୪– ରୁଇବସ୍ ନାମକ ଏକ ପାହାଡ଼ିଆ ଗୁଳ୍ମ ............. ଠାରେ ଦେଖିବାକୁ ମିଳିଥାଏ ?
୫– ହ୍ୱାଇଟ୍ଲେ ଗ୍ଲୋ ଆୱାର୍ଡ .................. ବିଭାଗରେ ଦିଆଯାଏ ?

## ଗତ ଥରର ଉତ୍ତର

୧ ରତନ ଟାଟା
୨ ଭଦଲା ସୋଲାର ପାର୍କ
୩ ସି. ଭି. ରମଣ
୪ ପଶ୍ଚିମବଙ୍ଗ
୫ ୨୦୧୭

## ଉତ୍ତରଦାତା


ସୌରଭ କୁମାର ସାହୁ
କଳାହାଣ୍ଡି


ତ୍ରିଦିବେଶ ପଟ୍ଟନାୟକ,
ବଲାଙ୍ଗୀର


ଶେଖ୍ ୟାକୁବ୍
ଗୋପ

## ଟପ୍ ୧୦

### ଲୋକପ୍ରିୟ ସଫ୍ଟ ଡ୍ରିଙ୍କ୍ସ –୨୦୨୨

୧................ କୋକା–କୋଲା
୨................ ପେପ୍‌ସି
୩................ ଡାଏଟ୍ କୋକ୍
୪................ ଡକ୍ଟର ପିପ୍ପର୍
୫................ ମାଉଣ୍ଟେନ୍ ଡିୟୁ
୬................ ସ୍ପ୍ରାଇଟ୍
୭................ ଡାଏଟ୍ ପେପ୍‌ସି
୮................ କୋକ୍ ଜିରୋ
୯................ ଫାଣ୍ଟା
୧୦................ ଡାଏଟ୍ ମାଉଣ୍ଟେନ୍ ଡିୟୁ



**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

ୟୁଥ୍ ଆଲର୍ଟ

# ଶୀତରେ ଏକ୍ସରସାଇଜ୍

**ଫିଟ୍ ରହିବା ପାଇଁ ଏକ୍ସରସାଇଜ୍ କରିବା ଆବଶ୍ୟକ। ହେଲେ ଅଧିକାଂଶ ଯୁବପିଢ଼ି ଶୀତଦିନେ ଥଣ୍ଡା ଯୋଗୁ ଏକ୍ସରସାଇଜ୍ କରିବାକୁ ଇଚ୍ଛା କରି ନ ଥା'ନ୍ତି। ହେଲେ ନିୟମିତ ଏକ୍ସରସାଇଜ୍ କରିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ। ତେବେ ଶୀତଦିନେ ଏକ୍ସରସାଇଜ୍ କରୁଥିଲେ କେତେକ ଦିଗ ପ୍ରତି ଦୃଷ୍ଟି ଦେଲେ ଉପକୃତ ହୋଇପାରିବେ...**



✲ ଶୀତଦିନେ ୱାର୍କଆଉଟ୍ କରିବା ସମୟରେ କଟନ୍ କପଡ଼ା ବ୍ୟବହାର କଲେ ଝାଳରେ ଓଦା ହୋଇ ଥଣ୍ଡା ଲାଗିପାରେ। ତେଣୁ ଏହି ସମୟରେ ସିନ୍ଥେଟିକ୍ କିମ୍ବା ପଲିଷ୍ଟର କପଡ଼ା ବ୍ୟବହାର କରନ୍ତୁ। ଫୁଲ୍ ସ୍ଲିଭ୍ ଟପ୍ସ ମଧ୍ୟ ପିନ୍ଧିପାରିବେ।

✲ ଶୀତଦିନେ ଶରୀରକୁ ହାଇଡ୍ରେଟ ରଖିବା ଆବଶ୍ୟକ। କାରଣ ଗରମ ଦିନ ତୁଳନାରେ ଶୀତଦିନେ ଶରୀରରୁ କମ୍ ଝାଳ ବୋହିଥାଏ ଓ ବେଶୀ ଶୋଷ ଲାଗି ନ ଥାଏ। ଫଳରେ ଅନେକଙ୍କଠାରେ ଡିହାଇଡ୍ରେସନ ସମସ୍ୟା ଦେଖାଦେଇଥାଏ। ଏପରି ନ ହେବା ଲାଗି ଏଦିନେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ଫ୍ରୁଟ୍ ଜୁସ୍ କିମ୍ବା ସୁପ୍ ମଧ୍ୟ ପିଇପାରିବେ।

✲ ଏକ୍ସରସାଇଜ୍ ପରେ କିଛି ସମୟ ବ୍ରେକ୍ ନିଅନ୍ତୁ। ଜିମ୍‌ରେ ଏକ୍ସରସାଇଜ୍ ସରିବା ପରେ ସାଙ୍ଗେ ସାଙ୍ଗେ ବାହାରକୁ ଆସନ୍ତୁ ନାହିଁ। କାରଣ ଏହି ସମୟରେ ବାହାର ପରିବେଶର ତାପମାତ୍ରା ଥଣ୍ଡା ଥିବାବେଳେ ଶରୀର ଗରମ ରହିଥାଏ। ତେଣୁ ସାଙ୍ଗେ ସାଙ୍ଗେ ବାହାରକୁ ଆସଲେ ଆପଣଙ୍କ ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପଡ଼ିଥାଏ।

✲ ଶୀତଦିନେ ଅନେକେ ସୂର୍ଯ୍ୟ କିରଣରେ ଆଉଟ୍‌ଡୋର୍ ଏକ୍ସରସାଇଜ୍ କରିବାକୁ ଭଲପାଆନ୍ତି। ହେଲେ ଏକ୍ସରସାଇଜ୍ କରୁଥିଲେ ଟ୍ୟାନିଂ ହୋଇପାରେ। ତେଣୁ ବାହାରକୁ ଯିବା ପୂର୍ବରୁ ସନ୍‌ସ୍କ୍ରିନ୍ ଲଗେଇବାକୁ ଭୁଲନ୍ତୁ ନାହିଁ।

✲ ଅନେକେ ଥଣ୍ଡା ଲାଗିବା ଯୋଗୁଁ ଶୀତଦିନେ ଗାଧୋଇ ନ ଥା'ନ୍ତି। କିନ୍ତୁ ୱାର୍କଆଉଟ୍ ସାରି ଫେରିବା ପରେ ପରିଷ୍କାର ଭାବେ ଗାଧୋଇ ଡ୍ରେସ୍‌କୁ ଭଲ ଭାବରେ ସଫା କରନ୍ତୁ। ନଚେତ୍ ଝାଳରେ ଧୂଳି ମଳି ଲାଗିବା ଦ୍ୱାରା କୁଣ୍ଡାଇ ହେବା ସହ ଅନ୍ୟାନ୍ୟ ଚର୍ମ ସମସ୍ୟା ଦେଖାଦେଇପାରେ।

✲ ଶୀତଦିନେ ହଟ୍ ସାୱାର୍ ନେଉଥିଲେ ଏକ୍ସରସାଇଜ୍ ପରେ ଶରୀର ଗରମ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।



ଜାଣନ୍ତୁ ଦୁନିଆ

# ଅଲ୍ ଇଣ୍ଡିଆ ରେଡିଓ

**ଅଲ୍ ଇଣ୍ଡିଆ ରେଡିଓକୁ ଆକାଶବାଣୀ ମଧ୍ୟ କୁହାଯାଇଥାଏ, ଯାହାକି ନା କେବଳ ଭାରତର ପ୍ରଥମ ରେଡିଓ ପ୍ରସାରଣ ସେବା ବରଂ ପୃଥିବୀର ଏକ ସର୍ବପୁରାତନ ରେଡିଓ ନେଟ୍‌ୱର୍କ ମଧ୍ୟ। ଏହାର ହେଡ୍‌କ୍ୱାର୍ଟର୍ସ ଆକାଶବାଣୀ ଭବନ, ନୂଆଦିଲ୍ଲୀରେ ଅବସ୍ଥିତ। ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ଜଣା ଅଜଣା କଥା...**

➤ଭାରତରେ ପ୍ରଥମେ ରେଡିଓ ପ୍ରସାରଣ ସେବା ୧୯୨୩ରେ ରେଡିଓ କ୍ଲବ୍ ଅଫ୍ ବମ୍ବେ ଏବଂ କଲିକତା ରେଡିଓ କ୍ଲବ ବେସରକାରୀ ଷ୍ଟେଶନରୁ ଆରମ୍ଭ ହୋଇଥିଲା।

➤୧୯୩୦ରେ ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ ଲେବର ଅଧୀନରେ ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ସର୍ଭିସ୍ ଦ୍ୱାରା ଉକ୍ତ ରେଡିଓ ଷ୍ଟେଶନ ଚଳାଗଲା।





➤ଏହାର ପ୍ରଥମ ନ୍ୟୁଜ୍ ବୁଲେଟିନ୍ ୧୯ ଜାନୁୟାରୀ ୧୯୩୬ରେ ପ୍ରସାରିତ ହୋଇଥିଲା।

➤୮ ଜୁନ୍ ୧୯୩୬ରେ ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ସର୍ଭିସ୍‌ର ନାମ ପରିବର୍ତ୍ତନ କରାଯାଇ ଅଲ୍ ଇଣ୍ଡିଆ ରେଡିଓ ରଖାଗଲା।

➤୪୧୫ ଷ୍ଟେଶନରେ ୨୩ଟି ଭାଷା ଏବଂ ୧୪୬ ଉପଭାଷାକୁ ନେଇ କାର୍ଯ୍ୟ କରୁଥିବା ଅଲ୍ ଇଣ୍ଡିଆ ରେଡିଓ ବିଶ୍ୱର ସବୁଠୁ ବଡ଼ ରେଡିଓ ପ୍ରସାରଣ ସଂସ୍ଥା। କେବଳ ଏତିକି ନୁହେଁ, ଏଥିରେ ୧୮ଟି ଏଫ୍‌ଏମ୍ ଚ୍ୟାନେଲ ରହିଛି।

➤ମ୍ୟୁଜିକ୍ ଡାଇରେକ୍ଟର ୱାଲ୍‌ଟର କଫ୍‌ମ୍ୟାନ୍ ଏହାର ସିଗ୍‌ନେଚର ଟ୍ୟୁନ୍ କମ୍ପୋଜ କରିଥିଲେ।

➤ଏଥିରେ ୧୯୫୭ ଅକ୍ଟୋବର ୩ରେ ବିବିଧ ଭାରତୀ ସେବା ଆରମ୍ଭ ହୋଇଥିଲା।

➤ଅଲ୍ ଇଣ୍ଡିଆ ରେଡିଓର ପ୍ରଥମ ଏଫ୍‌ଏମ୍ ସର୍ଭିସ୍ ୨୩ ଜୁଲାଇ ୧୯୭୭ରେ ମାଡ୍ରାସ୍ ଠାରେ ଉଦ୍‌ଘାଟିତ ହୋଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ଛେଣ୍ଡିପଦା,୧୦।୧୨(ସ୍ୱ.ପ୍ର.):** ଅନୁଗୋଳ-ଛେଣ୍ଡିପଦା ୬୩ ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା ନରେନ୍ଦ୍ର ପୋଖରୀ ନିକଟରେ ଶନିବାର ଏକ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକ୍ ପଛରେ ଏକ ବାଇକ୍ ପିଟିହୋଇ ଯିବାରୁ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଡାଇଭର ଗ୍ରାମର ଲିପୁ ବେହେରା। ଲିପୁ ପେଟ୍ରୋଲ ପମ୍ପରୁ ଘରକୁ ଫେରୁଥିବାବେଳେ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା କୋଇଲା ବୋଝେଇ ଟ୍ରକ୍ ପଛରେ ଦୁର୍ଘଟଣା ଘଟାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

### ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

**ବଇଣ୍ଡା,୧୦।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ହୁଲା ଅଞ୍ଚଳର ଅନିତା ବେହେରାଙ୍କୁ ତାଙ୍କ ସ୍ୱାମୀ ରମେଶ ବେହେରା ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିବା ଅନିତା ଶନିବାର ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୪୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପାରିବାରିକ କଳହକୁ ନେଇ ଅନିତାଙ୍କୁ ରମେଶ ବାରମ୍ବାର ନିର୍ଯାତନା ଦେଉଥିଲେ। ଶୁକ୍ରବାର ବିନା କାରଣରେ ତାଙ୍କୁ ଏକ ଲୁହା ରଡ଼ରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବ୍ୟବସାୟୀଙ୍କ ପରଲୋକ

**ଅନୁଗୋଳ ଅଫିସ,୧୦।୧୨:** ଅନୁଗୋଳ ବ୍ଲକ ଶଙ୍ଖପୁର ଗ୍ରାମର ବ୍ୟବସାୟୀ ଭାବଗ୍ରାହୀ ପୃଷ୍ଟି (୫୪)ଙ୍କ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ଝିଅ, ଜ୍ୱାଇଁଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଶଙ୍ଖପୁର ସମେତ ଆଖପାଖ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବଇଣ୍ଡା,୧୦।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋବିନ୍ଦ ବେହେରାଙ୍କ ଶନିବାର ତାଙ୍କ ବଇଣ୍ଡାସ୍ଥିତ ବାସଭବନଠାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ସେ ବଇଣ୍ଡା ହାଇସ୍କୁଲର ପ୍ରତିଷ୍ଠାତା ସଦସ୍ୟ ଥିବାବେଳେ ତାଙ୍କ ସରପଞ୍ଚ ସମୟରେ ନୁନୁକାପଶି ଅଞ୍ଚଳର ବହୁ ବିକାଶ କାର୍ଯ୍ୟ ହୋଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ, ବୋହୂ, ନାତି, ନାତୁଣୀ, ଝିଅ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ପରଲୋକକୁ ନେଇ ବଇଣ୍ଡା ତଥା ଆଖପାଖ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ, ଭାଜପା ନେତା ଭାଗୀରଥି ପ୍ରଧାନ, ସରପଞ୍ଚ ଦୀପ୍ତିମୟୀ ସାହୁ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

### ଦୋକାନ ଭାଙ୍ଗିବା ମାମଲାରେ ୨ ଗିରଫ

**ଅନୁଗୋଳ ଅଫିସ,୧୦।୧୨:** ଅନୁଗୋଳ ସଦର ଥାନା ଛେଲିଆପଡ଼ାରେ ଥିବା ରମେଶ ମୁଦୁଲିଙ୍କ ଦୋକାନ ଭାଙ୍ଗିବା ମାମଲାରେ ପୋଲିସ ଛେଲିଆପଡ଼ାର ସୀତାରାମ୍ ନାଥ ଓ ଖଲାରୀ ଗୋଡ଼ାସାହିର ଶଶିକାନ୍ତ ନାଥଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ୨ ତାରିଖରେ ଛେଲିଆପଡ଼ା ନାଥସାହି ଖେଳପଡ଼ିଆରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସଞ୍ଜୀବ ନାଥ, ସୀତାରାମ୍ ଓ ଶଶିକାନ୍ତ ମିଶି ରମେଶଙ୍କ ଦୋକାନ ଭାଙ୍ଗି ଦେଇଥିଲେ। ସଞ୍ଜୀବ ଫେରାର ଥିବା ସଦର ଥାନା ଏସଆଇ ତୁଷାର ମହାନ୍ତି ପ୍ରକାଶ କରିଛନ୍ତି।

### ଗଞ୍ଜେଇ ଜବତ, ୨ ଗିରଫ



**ବଇଣ୍ଡା,୧୦।୧୨(ଡି.ଏନ.ଏ.):** ଆଠମଲ୍ଲିକ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ଶନିବାର ୨୯ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳର କୈଳାସ ଚନ୍ଦ୍ର ସାହୁ(୫୦) ଏବଂ ବୌଦ୍ଧ ଜିଲା ବାଉଁଶୁଣି ଥାନା ତଳପଦା ଗ୍ରାମର ସିରି ସିଂଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ କିଆକଟା ଛକରେ ଅବକାରୀ ବିଭାଗ ଚଢାଉ କରି କୈଳାସଙ୍କଠାରୁ ୨୩ କେଜି ଗଞ୍ଜେଇ ଜବତ କରିଥିଲା। ସେହିପରି ଆଠମଲ୍ଲିକ ବସ୍‌ଷ୍ଟାଣ୍ଡଠାରେ ଚଢାଉ କରି ସିରିଙ୍କଠାରୁ ୬ କେଜି ଗଞ୍ଜେଇ ଜବତ କରିଥିଲା।

# ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

### ବ୍ରାହ୍ମଣୀ କ୍ଷତିଗ୍ରସ୍ତଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ



**କଣିହାଁ,୧୦।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ବ୍ୟାରେଜ ଅତିଥି ଭବନଠାରେ ଶୁକ୍ରବାର 'ବ୍ରାହ୍ମଣୀ କ୍ଷତିଗ୍ରସ୍ତ ବାସଚ୍ୟୁତ୍ ସଂଘ ସମଲ ବ୍ୟାରେଜ' ତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ସାମଲ, ବରିଷ୍ଠ ସଦସ୍ୟ ସୁବ୍ରତ ଗଡନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ସଂଘ ସଭାପତି ବିରଞ୍ଚି ନାରାୟଣ ସାହୁ କହିଛନ୍ତି, ସମଲ ବ୍ୟାରେଜ ଉପର ମୁଣ୍ଡର ବ୍ରାହ୍ମଣୀକୂଳରେ ରହୁଥିବା ଗହମ, ଶିପୁର, କୁସୁମପାଳ, ଦୁର୍ଗାପୁର, ତାଳପଦା ଓ ନାଳମ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜା ବିପଦପୂର୍ଣ୍ଣ ଭାବେ ରହୁଥିଲେ। ଦୀର୍ଘଦିନର ଦାବି ପରେ ୨୦୧୬ରେ ଜଳସମ୍ପଦ ବିଭାଗ ତରଫରୁ ସେମାନଙ୍କୁ ଜମି ସହ ଗୃହର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା। ତେବେ ପୁନର୍ବାସ ଓ ଥଇଥାନ ଦାବି ପୂରଣ ପାଇଁ ସରକାରଙ୍କ ତରଫରୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ କେତେଜଣ ହିତାଧିକାରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଏସବୁ ସୁବିଧା ପାଇପାରିଥିବା ବେଳେ ନ୍ୟାୟାଳୟ ଯାଇ ନ ଥିବା ଗରିବ କ୍ଷତିଗ୍ରସ୍ତ ଏଥିରୁ ବଞ୍ଚିତ ରହିଛନ୍ତି। ଜଳସମ୍ପଦ ବିଭାଗ କର୍ମଚାରୀ ଠିକ ଭାବେ ତଥ୍ୟ ନ ଦେବା ଦ୍ୱାରା ଏକତରଫା ଭାବେ ଏହା କରାଯାଇଛି। ଏଥିସହିତ ପୁନର୍ବାସ ତାଲିକାରେ ବହୁ ନକଲି ହିତାଧିକାରୀଙ୍କ ନାମ ରହିଛି। ତେଣୁ ଏଥିରେ ପାତରଅନ୍ତର ସହିତ ବ୍ୟାପକ ଅନିୟମିତତା ହୋଇଥିବାରୁ ଭିଜିଲାନ୍ସ ତଦନ୍ତ ପାଇଁ ସଂଘ ସଭାପତି ଦାବି କରିଛନ୍ତି। ଅନିୟମିତତାର ତଦନ୍ତ ସହ ସେମାନଙ୍କ ଦାବି ପୂରଣ ନିମନ୍ତେ ୭ ଦିନ ମଧ୍ୟରେ ଲିଖିତ ଭାବେ ନ ଜଣାଇଲେ ୬ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜା ସମଲ ବ୍ୟାରେଜ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ରାସ୍ତା, ଏଲଏଓ ଅଫିସ, ବାଘୁଆବୋଲ, ସମଲ ବ୍ୟାରେଜ ଜଳଭଣ୍ଡାର ନିକଟରେ ଆନ୍ଦୋଳନ କରିବେ ବୋଲି ସଭାପତି ଚେତାବନୀ ଦେଇଛନ୍ତି।

# ସାଇ ଆଶ୍ରମର ବାର୍ଷିକ ଉତ୍ସବ

**କଣିହାଁ,୧୦।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଗ୍ୟାରେଜ ଛକ ନିକଟସ୍ଥ ଶିରିଡ଼ି ସାଇ ଆଶ୍ରମର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ମହିଳାମାନେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ଆଣି କଳସଯାତ୍ରାରେ ଆଶ୍ରମକୁ ଆସିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ହୋଇଥିଲା। ପରେ ହୋମଯଜ୍ଞ ଆରମ୍ଭ କରାଯାଇଥିଲା। ପୂଜକ ଅନନ୍ତ ଚରଣ ମିଶ୍ର ଓ ସେବକ ନିର୍ମଳ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞାନୁଷ୍ଠାନରେ ବିନୟ ପ୍ରଧାନ ଏବଂ ମିନତୀ ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟାହ୍ନରେ ପୂର୍ଣ୍ଣାହୁତି ସରିବା ପରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ବାବାଙ୍କ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଶ୍ରମର ସ୍ଥାୟୀ ସଭାପତି ଜଗମୋହନ ପ୍ରଧାନଙ୍କ ନେତୃତ୍ୱରେ ଶିରିଡ଼ି ସାଇ ସେବା ମଣ୍ଡଳୀ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଫାଇନାଲ୍‌ରେ ଆଠମଲ୍ଲିକକୁ ଭେଟିବ କଟକ



ମ୍ୟାଚ୍‌ର ଏକ ଦୃଶ୍ୟ।

### ସନ୍‌ରାଇଜ୍ କ୍ଲବ ଫୁଟ୍‌ବଲ ଟୁର୍ନାମେଣ୍ଟ

**ରାସୋଳ, ୧୦।୧୨(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ରାସୋଳ ଖେଳପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସନ୍‌ରାଇଜ୍ କ୍ଲବ ଫୁଟ୍‌ବଲ୍ ଟୁର୍ନାମେଣ୍ଟ–୨୦୨୨। ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ବରୁଣ କୁମାର ସର, ସରପଞ୍ଚ ଦିବାକର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଠମଲ୍ଲିକ ଦଳ ୩–୧ ଗୋଲ୍‌ରେ ଫୁଲବାଣୀକୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ କଟକ ମା' ମଙ୍ଗଳା କ୍ଲବ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ଏମ୍‌ଏମ୍‌ଏଫ୍‌ସି ବନମାଳୀପ୍ରସାଦ ଦଳକୁ ହରାଇଦେଇଛି। ଦିଲୀପ ରାଉତ, ସୁଜିତ ରାଜହଂସ, ଜିତେନ୍ଦ୍ର ଥାନପତି, ଅବଦୁଲ ରଫିତ୍ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ଫାଇନାଲ ମ୍ୟାଚ୍‌ରେ ଆଠମଲ୍ଲିକକୁ କଟକ ଭେଟିବ ବୋଲି କ୍ଲବ ସଭାପତି ଭାସ୍କର ଚନ୍ଦ୍ର ନାଏକ କହିଛନ୍ତି।

# ଗ୍ରାହକଙ୍କୁ ଆକ୍ରମଣ ଅଭିଯୋଗ

**କଣିହାଁ,୧୦।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ପରାବିଲ ଗ୍ରାମରେ ଜଣେ ଦୋକାନୀଙ୍କ ଆକ୍ରମଣରେ ଗ୍ରାହକ ଗୁରୁତର ହୋଇଛନ୍ତି। ପୋଲିସ ଆକ୍ରମଣକାରୀ ଦୋକାନୀ ସେହି ଗ୍ରାମର ଜିତେନ୍ଦ୍ର ବିଶ୍ୱାଳଙ୍କୁ ଶନିବାର ଗିରଫ କରିଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଉଛନ୍ତି ସେହି ଗ୍ରାମର ଚିକନ ସାହୁ। ଘଟଣାରୁ ଜଣାପଡ଼ିଛି, ଜିତେନ୍ଦ୍ର ପବିତ୍ରନଗର ଛକରେ ଦୋକାନ କରିଛନ୍ତି। ସେଠାରୁ ଚିକନ ସାହୁ ପ୍ରାୟ ଦେଢ ବର୍ଷ ତଳେ ୧୫୦ ଟଙ୍କାର ସଉଦା ବାକିରେ ନେଇଥିଲେ। ଏହାକୁ ନେଇ ଗତ ୪ ତାରିଖରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜିତେନ୍ଦ୍ର ଏକ ଟାଙ୍ଗିଆରେ ଚିକନଙ୍କୁ ଆକ୍ରମଣ କରିଥିଲେ। ଚିକନଙ୍କ ସ୍ତ୍ରୀ କବିତା ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୭୮/୨୦୨୨ରେ ମାମଲା ରୁଜୁ କରୁ ତଦନ୍ତ ଚଳାଇଥିଲା। ଅପରପକ୍ଷରେ ଜିତେନ୍ଦ୍ରଙ୍କ ଭାଇ ରଘୁନାଥ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ବାକି ପଇସା ମାଗିବାରୁ ଚିକନଙ୍କ ଆକ୍ରମଣରେ ଜିତେନ୍ଦ୍ରଙ୍କ ବାମ ହାତରେ ଆଘାତ ଲାଗିଥିବା ରଘୁନାଥ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ନମ୍ବର ୩୭୯/୨୦୨୨ରେ ମାମଲା ରୁଜୁ ହୋଇଛି।

# ନ୍ୟାୟ ପାଇଁ ଓଏଏସ୍ ସଂଘ ଜିଲାପାଳଙ୍କ ଦ୍ୱାରସ୍ଥ

**ବାଲେଶ୍ୱର ଅଫିସ, ୧୦।୧୨**

ବସ୍ତା ବିଡିଓଙ୍କ ପ୍ରତି ଜଣେ ବ୍ୟକ୍ତି କରିଥିବା ଦୁର୍ବ୍ୟବହାର ଓ ସରକାରୀ କର୍ତ୍ତବ୍ୟ ନିର୍ବାହରେ ବାଧା ପ୍ରତିବାଦରେ ବାଲେଶ୍ୱର ଜିଲା ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ସାକ୍ଷାତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ବସ୍ତା ବିଡିଓ ଜ୍ଞାନରଞ୍ଜନ ସାହୁ ଗତ ୬ତାରିଖରେ ଇର୍ଦା ପଞ୍ଚାୟତ ଅଧୀନ କଲଣ୍ଡା ଗ୍ରାମକୁ ପିଏମ୍‌ଏଜିୱାଇ ପ୍ରକଳ୍ପ ପ୍ରସ୍ତାବ ଯାଞ୍ଚ କରିବାକୁ ଗଲାବେଳେ ଦେପଦା ଗ୍ରାମର ଦେବୀ ପ୍ରସାଦ ଭଞ୍ଜ ହ୍ୱାଟ୍‌ସଆପ୍ ମେସେଜ୍ ଜରିଆରେ ସେଠାକୁ ନ ଯିବା ପାଇଁ କହିଥିଲେ। ମାତ୍ର ବିଡିଓ ସେଠାକୁ ଯିବାରୁ ଭଞ୍ଜ ପୁଣି ହ୍ୱାଟ୍‌ସଆପ୍ ମେସେଜ୍ ଜରିଆରେ ତାଙ୍କୁ ଅଶାଳୀନ ଭାଷା ବ୍ୟବହାର କରି ଗାଳିଗୁଲଜ କରିଥିଲେ। ଏନେଇ ବସ୍ତା ଥାନାରେ ବିଡିଓ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ମାମଲା (ନଂ. ୩୨୪/୨୨) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାରୁ ବାଲେଶ୍ୱର ଜିଲା ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସର୍କିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକଙ୍କ ସମେତ ଜିଲାର ସମସ୍ତ ଓଏଏସ୍ ଅଫିସର ଯୋଗଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ବସ୍ତା ବିଡିଓଙ୍କ ପ୍ରତି ହୋଇଥିବା ଘଟଣାକୁ ନିନ୍ଦା କରିବା ସହ ଏଥିରେ ହସ୍ତକ୍ଷେପ କରିବା ପାଇଁ ରାଜ୍ୟ ଓଏଏସ୍ ସଂଘକୁ ଅନୁରୋଧ କରିଛନ୍ତି। ଏଥିସହିତ ଜିଲାପାଳଙ୍କୁ ସାକ୍ଷାତ କରି ଅଭିଯୁକ୍ତଙ୍କୁ ୭୨ ଘଣ୍ଟା ମଧ୍ୟରେ ଗିରଫ କରିବା ଓ ଜିଲାରେ କାର୍ଯ୍ୟରତ ଓଏଏସ୍ ଅଧିକାରୀଙ୍କ ନିରାପତ୍ତା ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।



ଜିଲାପାଳଙ୍କୁ ବାଲେଶ୍ୱର ଜିଲା ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଜଣେ ଅଟକ

**ପାଟଣା,୧୦।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଧୀନ କେନ୍ଦେଇପଶି ସୀମାରେ ଜଳ ବିଭାଜିକା ପକ୍ଷରୁ ଲଗା ଯାଇଥିବା କାଜୁ ବଗିଚା ଓ ଆକାଶିଆ ଜଙ୍ଗଲରେ ନିଆଁ ଲଗାଇବା ଏବଂ ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ବନ ବିଭାଗ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କାଜୁ ବଗିଚାରେ ନିଆଁ ଲଗାଉ ଥିବା ସମୟରେ ବନ କର୍ମଚାରୀ ମୁରଲୀ ମହାନ୍ତ ତାଙ୍କୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ରେଞ୍ଜର ଘାସିନାଥ ପାତ୍ରଙ୍କୁ ପଚାରିବାରୁ ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଜଣକୁ ଅଟକ ରଖାଯାଇଛି। ତେବେ କେଉଁମାନେ କାଜୁ ବଗିଚାରେ ନିଆଁ ଲଗାଇଛନ୍ତି ସେଥିନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ,୨୩ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଶୁକ୍ରବାର କେନ୍ଦେଇପଶିସ୍ଥିତ କାଜୁ ବଗିଚାରେ ଡେରା ପକାଇଥିଲେ। ହାତୀପଲଙ୍କୁ ସେଠାରୁ ଘଉଡ଼ାଇବା ଓ ଗାଁ ମଧ୍ୟକୁ ପ୍ରବେଶ କରାଇ ନ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ କେତେଜଣ ଲୋକ କାଜୁ ବଗିଚାରେ ନିଆଁ ଲଗାଇଦେଇଥିଲେ।

# ମହାବିଦ୍ୟାଳୟ ଆଗରେ ଧାରଣା

### ପ୍ରକାଶିତ ପରୀକ୍ଷା ଫଳକୁ ନେଇ ଅସନ୍ତୋଷ

**ସାରସକଣା,୧୦।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରକାଶିତ ପରୀକ୍ଷା ଫଳକୁ ଅସନ୍ତୋଷ ବ୍ୟକ୍ତ କରିବା ସହ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷର ତୃତୀୟ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ମହାବିଦ୍ୟାଳୟର ୭୫% ଛାତ୍ରୀଛାତ୍ର ଇଂଲିଶ ବିଷୟରେ ଫେଲ ହୋଇଛନ୍ତି। ଛାତ୍ରୀ ସାଲୁ ମହାନ୍ତ ଓ ଛାତ୍ର ସ୍ୱାଧୀନ ମହାନ୍ତଙ୍କ କହିବା ଅନୁଯାୟୀ ଉକ୍ତ ପରୀକ୍ଷାରେ ସିଲାବସ ବାହାରୁ ପ୍ରଶ୍ନ ଆସିଥିଲା। ଏନେଇ ମହାବିଦ୍ୟାଳୟର ଅଧ୍ୟାପକଙ୍କୁ ଜଣାଇବାରୁ ସେ ଏକ ଦରଖାସ୍ତ ଲେଖିବାକୁ କହି ହସ୍ତଖତ ନେଇଥିଲେ ଏବଂ ଗ୍ରେସ୍ ନମ୍ବର ଦିଆଯିବ ବୋଲି କହିଥିଲେ। ମାତ୍ର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କୌଣସି ଗ୍ରେସ୍ ନମ୍ବର ଦିଆଯାଇନାହିଁ। ଏହି ଘଟଣାକୁ ନେଇ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ଗେଟ ବନ୍ଦ କରି ଧାରଣାରେ ବସି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସମସ୍ତ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ନମ୍ବର ଦେଇ ପାସ୍ କରାଇବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏବାବଦରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି, ଜିଲାପାଳ, ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଜରିଆରେ ଦାବିପତ୍ର ପଠାଇବା ସହିତ ଛାତ୍ରୀଛାତ୍ରମାନେ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



# କେନ୍ଦୁଝରରେ ନୀତି ଆୟୋଗ ପ୍ରତିନିଧି ଦଳ

**କେନ୍ଦୁଝର, ୧୦।୧୨ (ସ୍ୱ.ପ୍ର./ଡି.ଏନ.ଏ.)**

ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପରମେଶ୍ୱରନ ଆୟାରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶନିବାର କେନ୍ଦୁଝର ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ଅନୀଲ କୁମାର ଝା, ଆୟୋଗର ନିର୍ଦ୍ଦେଶକ ଅମିତ ବର୍ମା ପ୍ରମୁଖ ଏହି ଗସ୍ତରେ ସାମିଲ ହୋଇଥିଲେ। ଜିଲାପାଳ ଆଶିଷ ଠାକ୍‌ରେ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ତଥା ଅନୁସୂଚିତ ଜନଜାତିମାନଙ୍କ ପାଇଁ ତଥା ଅଞ୍ଚଳର ବିକାଶ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆୟୋଗର ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଉକ୍ତ ପ୍ରତିନିଧି ଦଳ ପ୍ରଥମେ ଗୋନାସିକା ଏଜୁକେଶନାଲ (ଗୋନାସିକା ଛାତ୍ରୀ ନିକେତନ) କମ୍ପ୍ଲେକ୍ସ ପରିଦର୍ଶନ କରି ଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ବିଦ୍ୟାଳୟର ରୂପାନ୍ତରଣ, ଶିକ୍ଷାଦାନ ପ୍ରଣାଳୀ, ଶିକ୍ଷାଦାନ ସହ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟର ପାରମ୍ପରିକ ବ୍ୟବହାର୍ଯ୍ୟ ଜିନିଷ ସଂଗ୍ରହ କରି ସ୍ଥାପନ କରାଯାଇଥିବା ମ୍ୟୁଜିୟମ ଦେଖିଥିଲେ।



ସେଠାରୁ ବାଂଶପାଳ ବ୍ଲକର ଘୁଙ୍ଗି ଗ୍ରାମ ପରିଦର୍ଶନରେ ଯାଇଥିଲେ। ସେଠାରେ ଲୋକଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କ ପରମ୍ପରା, ଚଳଣୀ, ଜୀବନଜୀବିକା ଓ ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଘୁଙ୍ଗୀ ଗ୍ରାମରେ ଚେକ୍‌ଡ୍ୟାମ୍ ପରିଦର୍ଶନ ସହ ବହୁଭାଷୀ ବିଦ୍ୟାଳୟ ପରିଦର୍ଶନ କରିଥିଲେ। କୁଣ୍ଢେଇ ଗ୍ରାମଠାରେ ଶିଶୁ ପ୍ରଯତ୍ନ କେନ୍ଦ୍ର(କ୍ରେଚ୍) ପରିଦର୍ଶନ କରି କିପରି ୬ ମାସରୁ ୩ ବର୍ଷ ବୟସର ପିଲାମାନଙ୍କ ଲାଳନ ପାଳନ କରାଯାଉଛି, କେନ୍ଦ୍ରର ପରିଚାଳନା, କ'ଣ କ'ଣ ପୁଷ୍ଟିକର ଖାଦ୍ୟ ଦିଆଯାଉଛି ତାହା ଅନୁଧ୍ୟାନ କରିବା ସହ ଖାଦ୍ୟର ମାନ ପରୀକ୍ଷା କରିଥିଲେ।

ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମିଲେଟ କାଫେ ପରିଦର୍ଶନ କରି ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରିଥିଲେ। ଏଥିରେ ସନ୍ତୋଷ ପ୍ରକାଶ କରି ଏହାକୁ ନୀତି ଆୟୋଗ ତରଫରୁ ବ୍ୟାପକ କରାଯିବ ବୋଲି କହିଥିଲେ। ଜିଲାରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ, ମାଣ୍ଡିଆ ପ୍ରକ୍ରିୟାକରଣ, ମାଣ୍ଡିଆ ଜାତୀୟ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜିଲାପାଳ ଠାକ୍‌ରେ ଅବଗତ କରାଇଥିଲେ।

ଏହାପରେ ଆୟୋଗ ପ୍ରତିନିଧି ଜନଜାତି ସାଧନ କେନ୍ଦ୍ର ପରିଦର୍ଶନ କରିବା ସହ ପାଠାଗାରକୁ ଉଦ୍‌ଘାଟନ କରିଥିଲେ।

### ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ

ସେଠାରୁ ଜିଲା ଚିକିତ୍ସାଳୟ ପରିଦର୍ଶନରେ ଯାଇ ୱାର୍ଡ, ଆଉଟଡୋର, ହେଲ୍ପଡେସ୍କ, କାଜୁଆଲିଟି ଇତ୍ୟାଦିର କାର୍ଯ୍ୟକ୍ରମ, ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ତଦାରଖ କରିଥିଲେ। ସେଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମ ପରିଦର୍ଶନରେ ଯାଇ ନିରୀକ୍ଷଣ କରିଥିଲେ। କେନ୍ଦୁଝର ଗସ୍ତରେ ଆସି ଆୟୋଗର ପ୍ରତିନିଧି ଦଳ ବହୁତ ଭଲ ଅଭିଜ୍ଞତା ପାଇଛନ୍ତି। ଜିଲାପାଳ ଠାକ୍‌ରେଙ୍କ ନେତୃତ୍ୱରେ ଜିଲାରେ ବହୁତ ଭଲ କାମ ହୋଇଥିବା ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ। ଆୟୋଗର ପ୍ରତିନିଧିମାନଙ୍କ ଗସ୍ତ ବେଳେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ, ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ବାଂଶପାଳ ବିଡିଓ ଉଗ୍ରସେନ ଓରାମ, ତହସିଲଦାର ସପନ କୁମାର ସାହୁ, ଡିଏମ୍‌ଏଫ୍ ଟିମ୍ ଲିଡର ନିର୍ମଳ ଯୋଶୀ, ଜନଜାତି ଶିକ୍ଷା ସଂଯୋଜକ ଦୁର୍ଗା ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୨ ଲକ୍ଷ ଠକେଇ ମାମଲା
### ଉତ୍ତରପ୍ରଦେଶରୁ ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୧୦।୧୨:** ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ମାଲିକ ବୋଲି ପରିଚୟ ଦେଇ ଲୁହା ଛଡ଼ ଯୋଗାଣ କରିବା ନାମରେ ୧୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଢେଙ୍କାନାଳ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶର ଗାଜିପୁର ଅଞ୍ଚଳରୁ ଗିରଫ କରିଛି। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୨ଟି ମୋବାଇଲ, ୪ଟି ଏଟିଏମ୍ କାର୍ଡ, ୩ଟି ପାନ୍‌କାର୍ଡ ମଧ ଜବତ କରାଯାଇଛି। ଏହି ଠକେଇ ରାକେଟ୍‌ରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଥିବାରୁ ଅଭିଯୁକ୍ତଙ୍କ ନାମ ସାର୍ବଜନୀନ କରାଯାଇନାହିଁ। ପୋଲିସ ସୂଚନା ଅନୁଯାୟୀ, ରାସୋଲ ଥାନା ତେଲିଭୂଇଁ ଅଞ୍ଚଳର ସୁବ୍ରତ କୁମାର ସାହୁଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଗତ ଅଗଷ୍ଟ ୨୬ରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଜଣକ ନିଜକୁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ମାଲିକ ବୋଲି ପରିଚୟ ଦେଇଥିଲେ। ଏଥିସହ କମ୍ ଦାମରେ ଲୁହାଛଡ଼ ଯୋଗାଇ ଦେବାକୁ କହି ୧୨ଲକ୍ଷ ଟଙ୍କା ଠକି ନେଇଥିଲେ। ଏ ନେଇ ସୁବ୍ରତଙ୍କ ଅଭିଯୋଗକ୍ରମେ ନଂ. ୧୪୧/୨୨, ଦଫା ୪୨୦ ଓ ୩୪ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ତଦନ୍ତ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଥିଲା। ଅଭିଯୁକ୍ତ ଜଣଙ୍କ ନକଲି କମ୍ପାନୀ ନାମରେ ଲୋକଙ୍କୁ ଠକୁଥିଲେ। ସେ ନିଜ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ତୁରନ୍ତ ଟ୍ରାନ୍ସଫର କରିଦେଉଥିଲେ ବୋଲି ପୋଲିସ କହିଛି।

### ଖୋଲୁଛି ୯ ବର୍ଷ ପୁରୁଣା ହତ୍ୟାକାଣ୍ଡ ମାମଲାର ଗୁମର
### ମାଟି ତଳୁ ହାଡ଼ ଜବତ, ୩ ଅଟକ

**ଢେଙ୍କାନାଳ ଅଫିସ, ୧୦।୧୨** ଢେଙ୍କାନାଳ ସହରସ୍ଥିତ ଭଗବାନପୁର ଅଞ୍ଚଳର ଜଣେ ବ୍ୟକ୍ତି ୯ବର୍ଷ ହେଲା ନିଖୋଜ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ମାମଲାର ତଦନ୍ତ କରିଥିଲେ ମଧ କୌଣସି ପ୍ରମାଣ ପାଇପାରି ନ ଥିଲା। ଅଭିଯୁକ୍ତ ମଧ ଧରାପଡ଼ି ନ ଥିଲେ। ଏହି ମାମଲା ଉପରୁ ଧୀରେ ଧୀରେ ପରଦା ହଟିବାରେ ଲାଗିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସଦର ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଛି। ଏହି ମାମଲାରେ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଜେରାରୁ ହସ୍ତଗତ ହୋଇଥିବା ତଥ୍ୟ ଆଧାରରେ ସୁନ୍ଦରିଖାଲ ଅଞ୍ଚଳରେ ମୃତଦେହ ପୋତାଯାଇଥିବା ସ୍ଥାନରୁ କିଛି ହାଡ଼ ଜବତ କରାଯାଇଛି। ଉକ୍ତ ହାଡ଼କୁ ଏଫ୍‌ଏମ୍‌ଟି ପରୀକ୍ଷା ପାଇଁ କଟକ ପଠାଯିବ। ରବିବାର ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

### ଶିକ୍ଷାବିତ୍‌ଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୧୦।୧୨** ଢେଙ୍କାନାଳ ସଦର ବ୍ଲକ ବଣସିଂହ ପଞ୍ଚାୟତ ଶଙ୍କରପୁରର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଧ୍ରୁବଚରଣ ଶତପଥୀ (୯୩)ଙ୍କ ଶନିବାର ମଧ୍ୟାହ୍ନରେ ଢେଙ୍କାନାଳସ୍ଥିତ ତାଙ୍କ ଜ୍ୟେଷ୍ଠପୁତ୍ରଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମରଶରୀରକୁ ପୈତୃକ ଗ୍ରାମକୁ ଅଣାଯାଇଥିଲା। ସୂଚନା ପାଇ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଉପସଭାପତି ଅଥୟ କୁମାର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗଙ୍ଗାଧର ରାଉତ, ସରୋଜ ଶତପଥୀଙ୍କ ସମେତ ବହୁ ପୁରାତନ ଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ବେଶ୍ ପରିଚିତ ଥିଲେ ଧ୍ରୁବଚରଣ। ଦେଶ ସ୍ୱାଧୀନତାର ଠିକ୍ ୩ଦିନ ପୂର୍ବରୁ ସେ ତରଭା ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିଥିଲେ। ୧୯୯୧ରୁ ସେ ଅବସର ନେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ସମୟରେ ଜ୍ୟେଷ୍ଠପୁଅ ମିହିର କୁମାର ଶତପଥୀ, କନିଷ୍ଠ ପୁତ୍ର ତଥା ଗଣମାଧ୍ୟମ ପ୍ରତିନିଧି ଶିଶିର ଶତପଥୀ, ଏକମାତ୍ର କନ୍ୟା କାନନବାଳା ପାଣିଗ୍ରାହୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶଙ୍କରପୁର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଇଣ୍ଡିଆନ୍ ରାଉଣ୍ଡରେ ଚିତ୍ତାକର୍ଷକ ପ୍ରଦର୍ଶନ

### ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୧୦।୧୨**



ପ୍ରତିଯୋଗୀମାନଙ୍କ ତୀରଚାଳନାର ମୂଲ୍ୟାଙ୍କନ କରାଯାଉଛି।

ଢେଙ୍କାନାଳ ତୀରନ୍ଦାଜୀ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ୪ର୍ଥ ରାଜ୍ୟ ଆଦାବାସୀ ତୀରନ୍ଦାଜୀ ପ୍ରତିଯୋଗିତାର ଶନିବାର ଥିଲା ଦ୍ୱିତୀୟ ଦିବସ। ଇଣ୍ଡିଆନ ରାଉଣ୍ଡର ମିନି ବିଭାଗ, ସବ୍ ଜୁନିୟର, ସିନିୟର ବିଭାଗରେ ଉଭୟ ମହିଳା ଓ ପୁରୁଷ କ୍ରୀଡ଼ାବିତ୍‌ମାନେ ଚିତ୍ତାକର୍ଷକ ପ୍ରଦର୍ଶନ କରିଥିଲେ।

ମିନି ବିଭାଗ ବାଳକରେ ଲାଞ୍ଜିଗଡ଼ ହାଇସ୍କୁଲର ଦାଶରଥି ମାଝି ପ୍ରଥମ, କୋରାପୁଟ ସ୍ପୋର୍ଟସ ହଷ୍ଟେଲର ସାଇରାମ ହେମ୍ବ୍ରମ ଦ୍ୱିତୀୟ, ଲାଞ୍ଜିଗଡ ହାଇସ୍କୁଲର ବିକ୍ରମ ମାଝି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳିକା ବିଭାଗରେ ଲାଞ୍ଜିଗଡ଼ ହାଇସ୍କୁଲର ଜୁଲି ମୁଣ୍ଡା ପ୍ରଥମ, ରଚନା ମାଝି ଦ୍ୱିତୀୟ, ଆରତୀ ମୁଣ୍ଡା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ସବ୍‌ଜୁନିୟର ବାଳକ ବର୍ଗରେ କୋରାପୁଟ ସ୍ପୋର୍ଟସ୍ ହେଷ୍ଟଲର ତ୍ରିନାଥ ମୁଣ୍ଡା ପ୍ରଥମ, ଲାଞ୍ଜିଗଡ଼ ହାଇସ୍କୁଲର ସଞ୍ଜୟ ମାଝି ଦ୍ୱିତୀୟ, କୋରାପୁଟ ସ୍ପୋର୍ଟସ ହଷ୍ଟେଲର ଶ୍ରୀରାମ ହେମ୍ବ୍ରମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ବର୍ଗର ବାଳିକା ବିଭାଗରେ କିସ୍ ଆବାସିକ ବିଦ୍ୟାଳୟର ମଞ୍ଜୁଲତା ହାଁସଦା ପ୍ରଥମ, ଲାଞ୍ଜିଗଡ଼ ହାଇସ୍କୁଲର ରଚନା ମାଝି ଦ୍ୱିତୀୟ ଓ କିସ୍ ଆବାସିକ ବିଦ୍ୟାଳୟର ଫୁଲମଣି ପଲେୟା ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ଜୁନିୟର ବାଳକ ବିଭାଗରେ ଲାଞ୍ଜିଗଡ଼ ହାଇସ୍କୁଲର ସଞ୍ଜୟ ମାଝି ପ୍ରଥମ, କୋରାପୁଟ ସ୍ପୋର୍ଟସ୍ ହଷ୍ଟେଲର ତ୍ରିନାଥ ମୁଣ୍ଡା ଦ୍ୱିତୀୟ ଓ କିସ୍ ଆବାସିକ ବିଦ୍ୟାଳୟର ନିଧାନଖୋଲ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ରାଜ୍ୟ ତୀରନ୍ଦାଜୀ ସଂଘ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଜିଲା ସଂଘ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ, ଉପସଭାପତି ରାଜକିଶୋର ବେହେରା, ସମ୍ପାଦକ ଅମୀୟ କୁମାର ଚାନ୍ଦ, ହେମନ୍ତ କୁମାର ଖଟୁଆ ପ୍ରମୁଖ ପରିଚାଳନା କରୁଛନ୍ତି। ରବିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## ଟାୱାର ଆଙ୍ଗେଲ ଚୋରି ଉଦ୍ୟମ ପଣ୍ଡ

**ଭୁବନ, ୧୦।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଗଡ଼ନୃସିଂହପ୍ରସାଦ ଖୁଣ୍ଟାପଶି ଅଞ୍ଚଳରେ ଥିବା ଏକ ୩୩ କେଭି ବିଦ୍ୟୁତ୍ ଟାୱାରରୁ ଶୁକ୍ରବାର ରାତିରେ ଲୁହା ଆଙ୍ଗେଲ ଚୋରି ଉଦ୍ୟମକୁ ପଣ୍ଡ କରିଛି ପୋଲିସ। ଗିରଫ ଭୟରେ ଅଭିଯୁକ୍ତମାନେ ବାଇକ୍ ଏବଂ ୮ ଲୁହା ଆଙ୍ଗେଲ ଛାଡ଼ି ଚମ୍ପଟ ମାରିଛନ୍ତି। ଭୁବନ ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଜନଗହଳିପୂର୍ଣ୍ଣ ଜାତୀୟ ରାଜପଥ, ବ୍ୟସ୍ତବହୁଳ ସଡ଼କରେ ସେମାନେ ଯାତ୍ରୀଙ୍କୁ ଟାର୍ଗେଟ୍ କରୁଛନ୍ତି। ଏବେ ସେମାନେ ଉଚ୍ଚ ଶକ୍ତିସମ୍ପନ୍ନ ତାର ଟଣାଯାଇଥିବା ବିଦ୍ୟୁତ୍ ଟାୱାରଗୁଡ଼ିକ ଉପରେ ଆଖି ପକାଇଛନ୍ତି। ରାତିଅଧିଆ ଟାୱାର ଆଙ୍ଗେଲ ଖୋଲି ନେଇଯାଉଛନ୍ତି। ଏଭଳି ଏକ ରାକେଟ୍ ସମ୍ପର୍କରେ ସୂଚନା ମିଳିବା ପରେ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସୁରପ୍ରତାପପୁର ଫାଣ୍ଡି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ରାତିରେ ଖୁଣ୍ଟାପଶି ନିକଟରେ ଥିବା ୩୩ କେଭି ବିଦ୍ୟୁତ୍ ଟାୱାର ନିକଟରେ କେତେଜଣ ସନ୍ଦିଗ୍ଧଙ୍କ ଗତିବିଧି ସମ୍ପର୍କରେ ସୂଚନା ମିଳିବା ପରେ ପୋଲିସ ଚଢ଼ାଉ କରିଥିଲା। ଦୁର୍ବୃତ୍ତମାନେ ଖୋଲିଥିବା ଟାୱାର ଆଙ୍ଗେଲ ଏବଂ ବାଇକ୍‌କୁ ଜବତ କରାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ଅଭିଯୋଗ ହୋଇ ଥିବା ଥାନାଧିକାରୀ କହିଛନ୍ତି।

# ଭାଗନେଲେ ୫୪ ପ୍ରତିଯୋଗୀ



ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

### ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଆରମ୍ଭ

**ଢେଙ୍କାନାଳ ଅଫିସ,୧୦।୧୨**

ଢେଙ୍କାନାଳ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଶନିବାରଠାରୁ ଆରମ୍ଭ ହୋଇଛି ୧୪ତମ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୫୪ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅପରାହ୍ନ ସାଢ଼େ ୩ଟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ଚଢ଼ା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚେସ୍ ସଂଘ କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ପାତ୍ର, ସନ୍ଦୀପ କୁମାର ଷଡଙ୍ଗୀ, ସୁଶାନ୍ତ କୁମାର ଦାସ, ବିଶ୍ୱନାଥ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ହେମନ୍ତ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି, ସଂଘ ଉପସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ବିଜୟ ଚନ୍ଦ୍ର ମହାପାତ୍ର ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଏହି ଜିଲାସ୍ତରୀୟ ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସଂଘ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ, ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସହଯୋଗ କାମନା କରିଥିଲେ ।

## ଚଷା ସମାଜ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ

**ପରଜଙ୍ଗ, ୧୦।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ କଟାବାହାଳ ଗ୍ରାମ ଭାଲୁଖୁନି ଗୋଷ୍ଠୀ ଗୃହଠାରେ ଚଷା ସମାଜ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଗଣେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ୧୨ ସାହିର ମୁଖ୍ୟ କାର୍ଯ୍ୟକାରୀ ସଭ୍ୟ ଜୟକୃଷ୍ଣ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, କମଳ ପ୍ରଧାନ, ଜଳଧର ପ୍ରଧାନ, ଈଶ୍ୱର ପ୍ରଧାନ, ପ୍ରଦୀପ ପ୍ରଧାନ, ବିଦ୍ୟାଧର ଦେହୁରୀ, ଉଦ ଦେହୁରୀ, ନରୋତ୍ତମ ପ୍ରଧାନ, ଯୁଗଳ କିଶୋର ପ୍ରଧାନ, ପ୍ରତାପ ପ୍ରଧାନ, ପ୍ରଭାକର ପ୍ରଧାନଙ୍କ ସମେତ ସମ୍ପୃକ୍ତ ଗ୍ରାମର ୩୦୦ ପରିବାରର ଜଣେ ଜଣେ ଯୋଗ ଦେଇଥିଲେ। ସମ୍ପାଦକ କାର୍ତ୍ତିକେଶ୍ୱର ପ୍ରଧାନ ବୈଠକକୁ ସଞ୍ଚାଳନ କରି କହିଲେ, ଚଷା ଜାତି ହେଉଛି ଶ୍ରେଷ୍ଠ ଜାତି। ସମାଜର ବିଧିବ୍ୟବସ୍ଥା ଅନୁଯାୟୀ ଚଲିଲେ ଏହି ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବ। ଏଥିଲାଗି ସମସ୍ତଙ୍କ ମିଳିତ ଉଦ୍ୟମ ଲୋଡ଼ା। ନୂତନ ପିଢ଼ିକୁ ମାର୍ଗଦର୍ଶନ ଦେବାରେ ବରିଷ୍ଠମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ଚାଷୀଙ୍କ ସମସ୍ୟା ସମାଧାନ ଲାଗି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେ ନିବେଦନ କରିଛନ୍ତି।



ବୈଠକରେ ଉପସ୍ଥିତ ଚଷା ସମାଜର କର୍ମକର୍ତ୍ତାମାନେ।

## ମିଳିତ ପ୍ରୟାସରେ ଛାତ୍ରୀଛାତ୍ରଙ୍କ ଉନ୍ନତି ହେବ

**କାମାକ୍ଷାନଗର, ୧୦।୧୨(ଡି.ଏନ୍.ଏ.)**



ପ୍ରଧାନ ଶିକ୍ଷକ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।

କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ଶନିବାର ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକ ଶ୍ରୀକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଶିକ୍ଷକ ନିରଞ୍ଜନ ସାହୁ ସ୍ୱାଗତ କରିଥିଲେ। ସମସ୍ତଙ୍କ ମିଳିତ ପ୍ରୟାସରେ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ହେବ ବୋଲି ମତପ୍ରକାଶ ପାଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହାନ୍ତ, ସିଆର୍‌ସିସି ବିଷ୍ଣୁପ୍ରସାଦ ଦାଶ ଶିକ୍ଷାଭିତ୍ତିକ ଯୋଜନାକୁ ସଫଳ କରାଇବାରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ସୁରେଶ କୁମାର ବିଶ୍ୱାଳ ବିଭିନ୍ନ ସଫଳତା ବିଷୟରେ ଅବଗତ କରାଇଥିଲେ। ଶିକ୍ଷକ ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ବସନ୍ତ ସାହୁ, ନିର୍ମଳ ମହାନ୍ତି, ସମରେନ୍ଦ୍ର ନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ ସାହୁ, ଆକାଶ ରାଉତ, ଶିକ୍ଷୟିତ୍ରୀ କବିତା ରାଉତ, ପ୍ରଭାତୀ ସାହୁ, ମନସ୍ୱିନୀ ଶତପଥୀ, ଗୀତା ମହାପାତ୍ର, ଜ୍ୟୋତିର୍ମୟୀ ସାହୁ, ରୋଜାଲିନ୍ ପତି, ଜୟସ୍ମିତା ରାଉତ, ଶିକ୍ଷା କର୍ମଚାରୀ ଗିରୀଶ ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ, ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାପାଠ କରାଯାଇଥିଲା।

## ସାଇ ଶତଚରିତ ପାରାୟଣ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ, ୧୦।୧୨**

ଢେଙ୍କାନାଳ ଶ୍ରୀସାଇ ଶତଚରିତ ପାରାୟଣ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁୟାରୀ ୫ରେ ସ୍ଥାନୀୟ ଅଭିନନ୍ଦନ ଗାର୍ଡେନରେ ୯ମ ବାର୍ଷିକ ପାରାୟଣ ଶୃଙ୍ଖଳିତ ଭାବେ କରିବା ଲାଗି ଆଲୋଚନା ହୋଇଥିଲା। ଏଥିପୂର୍ବରୁ ୪ ତାରିଖରେ ବାବାଙ୍କ ଚଭାଡ଼ ଯାତ୍ରା ଅନୁଷ୍ଠିତ ହେବ। ମିନାବଜାର ସାଇ ଦରବାର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ପ୍ରମୋଦ କୁମାର ମହାପାତ୍ର ଅଧକ୍ଷତା କରିଥିଲେ। ବ୍ରଜକିଶୋର ମହାନ୍ତି, ରତ୍ନାକର ବେହେରାଙ୍କ ସମେତ ବହୁ ସାଇପ୍ରେମୀ ଉପସ୍ଥିତ ଥିଲେ।

## ଭଲ ମଣିଷ ହେବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୦।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଜେଜେ ମା'-ଜେଜେବାପା, ଅଜା-ଆଈ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଢେଙ୍କାନାଳ ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପରିବାରରେ ଜେଜେ ବାପା ଜେଜେ ମା', ଅଜା, ଆଈଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କଠାରୁ ଅନେକ କଥା ଜାଣିବାର ଅଛି। ବୟସ୍କମାନଙ୍କୁ ସବୁବେଳେ ସମ୍ମାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପାଠ ପଢ଼ିବା ସହ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଖବରଦାତା ରବିନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭୀମସେନ ରାଉତ ଗୁରୁକୁଳ ଆଶ୍ରମର ଶିକ୍ଷା, ପରିବାରରେ ପିତାମାତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସତ୍ୟଭାମା ସାହୁ ସଙ୍ଗୀତ ମାଧ୍ୟମରେ ଶିଶୁଙ୍କୁ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ୮୦ରୁ ଊର୍ଦ୍ଧ୍ୱବୟସ୍କ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ, ଗୁରୁମା ରଶ୍ମିତା, ବରିଷ୍ଠ ଗୁରୁଜୀ ନିର୍ମଳ ବେହେରା, ସମ୍ପାଦିକା ବନଲତା ମହାପାତ୍ର, କୋଷାଧକ୍ଷ ସନ୍ତୋଷ ମହାଭୋଇ, ଯୁଗ୍ମ ସମ୍ପାଦକ ସୌମ୍ୟରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

# ଧୈର୍ଯ୍ୟର ଶକ୍ତି ବଖାଣିଲା 'ଦୌଡ଼'

### କାରାଗାର ପ୍ରତିଷ୍ଠା ଦିବସ

**ଢେଙ୍କାନାଳ ଅଫିସ, ୧୦।୧୨**



ନାଟକ 'ଦୌଡ'ର ଏକ ଦୃଶ୍ୟ।

'ଧୈର୍ଯ୍ୟ' ସବୁବେଳେ ଶକ୍ତିଶାଳୀ। ଏକାଗ୍ର ଚିତ୍ତରେ ଅବିରତ ପରିଶ୍ରମ କରିଚାଲିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ। ଠେକୁଆ-କଇଁଛ ଦୌଡ଼ କାହାଣୀ ବର୍ଷ ବର୍ଷ ଧରି ଏହି ବାର୍ତ୍ତା ଦେଇ ଆସିଛି। ଢେଙ୍କାନାଳ ଜିଲା କାରାଗାର ପରିସରରେ ଶନିବାର ପ୍ରିଜିନ ଫାଉଣ୍ଡେଶନ ଡେ' ତଥା କାରାଗାର ଦିବସ ଅବସରରେ 'ଅଲ୍‌ଟରନେଟିଭ ରିଦିମ ଥିଏଟର' ପକ୍ଷରୁ ମଞ୍ଚସ୍ଥ ନାଟକ 'ଦୌଡ଼' ମାଧ୍ୟମରେ ଏହି ବାର୍ତ୍ତା ଦିଆଯାଇଛି।

ନାଟକରେ ଅନୁଷ୍ଠାନର ୧୧ ଜଣ କୁନି କଳାକାର ଅଂଶଗ୍ରହଣ କରିଥିଲେ। କଇଁଛ ଭଳି ଧୀରସ୍ଥିର ଚିତ୍ତରେ ନିଷ୍ଠାର ସହ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନାଟ୍ୟକାର ଦୀନେଶ ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକ ବେଶ୍ ପ୍ରଶଂସାଭାଜନ ହୋଇଥିଲା। ଏହାବ୍ୟତୀତ ଅନ୍ତେବାସୀଙ୍କ ମଧ୍ୟରେ କ୍ୟାରମ୍, ଭଲିବଲ, ଚେସ୍, ଲୁଡୁ, ଝୋଟି, ମ୍ୟୁଜିକ୍ ଚେୟାର ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ତେବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା ସାହିତ୍ୟ ଏକାଡେମୀ ସଦସ୍ୟା ଅଧ୍ୟାପିକା ଡ. ପୁଷ୍ପଲତା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଅନ୍ତେବାସୀମାନେ ସଚ୍ଚୋଟତାର ସହିତ ଆତ୍ମନିର୍ଭରଶୀଳ ହେଲେ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ ଉପସ୍ଥିତ ଥିଲେ। କାରାଗାର ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ କାରାପାଳ ରାମଚନ୍ଦ୍ର ବେହେରା, ସମସ୍ତ ଜେଲ କର୍ମଚାରୀ ସହାୟତା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୧୦ କାଉନସିଲରଙ୍କୁ କିଣିବା ଲାଗି ୧୦୦ କୋଟି

## ଭାଜପା ବିରୋଧରେ ସାଂଘାତିକ ଅଭିଯୋଗ ଆଣିଲା ଏଏପି



ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ।

**ନୂଆଦିଲ୍ଲୀ,୧୦।୧୨**

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି)ର ନବନିର୍ବାଚିତ କାଉନସିଲରମାନଙ୍କୁ କିଣିବା ଲାଗି ଭାଜପା ଉଦ୍ୟମ ଚଳାଇଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଶନିବାର ଅଭିଯୋଗ ଆଣିଛି। ନିକଟରେ ସମ୍ପନ୍ନ ହୋଇଥିବା ଏମ୍‌ସିଡି ନିର୍ବାଚନରେ ଭାଜପା ୩୦ ଆସନ କମ୍ ପାଇଥିବାବେଳେ ଏବେ ଘୋଡ଼ାବେପାର ପାଇଁ ଉଦ୍ୟମ କରୁଛି। ଏହି ଦଳ ମହାରାଷ୍ଟ୍ର, ଅରୁଣାଚଳପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, କର୍ନାଟକ, ଗୋଆ ଏବଂ ଗୁଜରାଟରେ ବିଧାୟକମାନଙ୍କୁ କିଣିବା ଲାଗି ଆପଣାଇଥିବା ତରିକାକୁ ଏମ୍‌ସିଡିରେ ପ୍ରୟୋଗ କରିଥିବା ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗଣତନ୍ତ୍ରକୁ ହତ୍ୟା ଏବଂ ଧମକ ଓ ଅର୍ଥ ବଳରେ ଜନାଦେଶକୁ ଅସମ୍ମାନିତ କରିବାକୁ ଉଦ୍ୟମ କରୁଥିବା ନେତାଙ୍କୁ ଗିରଫ କରି ଜେଲ୍ ପଠାଇବାକୁ ସେ ଦିଲ୍ଲୀ ପୋଲିସ କମିଶନରଙ୍କୁ ନିବେଦନ କରିଛନ୍ତି। ୧୦ ଏମ୍‌ସିଡି କାଉନସିଲରଙ୍କୁ କିଣିବା ପାଇଁ ଭାଜପା ୧୦୦ କୋଟି ଟଙ୍କାର ବଜେଟ ରଖିଥିବା ଦଳର ରାଜ୍ୟ ସଭାପତି ଆଦେଶ କୁମାର ଗୁପ୍ତା ଓ ଦଳୀୟ କର୍ମୀମାନେ ସୂଚନା ଦେଇଥିବା ସିଂ ଅଭିଯୋଗ କରିଛନ୍ତି। ଏଏପି କାଉନସିଲରମାନେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ସଚ୍ଚୋଟତା ଓ ଉତ୍ସର୍ଗୀକୃତ ଭାବେ ଛିଡ଼ାହେବେ। ଭାଜପାର ସମସ୍ତ କୌଶଳକୁ ସେମାନେ ପଦାରେ ପକାଇବେ ବୋଲି ଏଏପି ଏମ୍‌ପି କହିଛନ୍ତି।

# ଭୂପେନ୍ଦ୍ର ପଟେଲ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ

**ଅହମଦାବାଦ,୧୦।୧୨**



ଭୂପେନ୍ଦ୍ର ପଟେଲ

ଗୁଜରାଟ ବିଧାନସଭା ନିର୍ବାଚନରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ଭାଜପାର ୧୫୬ ନବନିର୍ବାଚିତ ବିଧାୟକ ଶନିବାର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ସେମାନଙ୍କ ନେତା ନିର୍ବାଚିତ କରିଛନ୍ତି। ସେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସୋମବାର ଭୂପେନ୍ଦ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଦଳର ରାଜ୍ୟ ମୁଖ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଏଥର ନିର୍ବାଚନରେ ଗୁଜରାଟ ଜନସାଧାରଣ ପୁନର୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, ବିକାଶ ରାଜନୀତି ପ୍ରତି ଆସ୍ଥା ପ୍ରକଟ କରିଛନ୍ତି। ନିର୍ବାଚନ ବେଳେ ଭାଜପା ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯିବ ବୋଲି ଭୂପେନ୍ଦ୍ର କହିଛନ୍ତି। ଗୁଜରାଟରେ କ୍ରମାଗତ ସପ୍ତମ ଥର ଲାଗି ଭାଜପା ସରକାର ଗଢ଼ିବାକୁ ଯାଉଥିବାବେଳେ ଭୂପେନ୍ଦ୍ର ପଞ୍ଚମ ମୁଖ୍ୟମନ୍ତ୍ରୀ।

# ଓଡ଼ିଶାରେ ଆଗୁଆ ହୋଇପାରେ ସାଧାରଣ ନିର୍ବାଚନ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ଓଡ଼ିଶାରେ ଆଗୁଆ ହୋଇପାରେ ସାଧାରଣ ନିର୍ବାଚନ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଗଣମାଧ୍ୟମକୁ ଏଭଳି ପୂର୍ବାନୁମାନ କରିଛନ୍ତି। ରାଜ୍ୟରେ ଆଗୁଆ ନିର୍ବାଚନ ହେବ ବୋଲି ସେ ଶୁଣିଥିବା କହିଛନ୍ତି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ପଦ୍ମପୁର ଉପନିର୍ବାଚନ ଫଳାଫଳର ପ୍ରଭାବ ପଡ଼ିବ କି ବୋଲି ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତରରେ ଧର୍ମେନ୍ଦ୍ର କହିଛନ୍ତି, ନିର୍ବାଚନକୁ ଅନେକ ଦିନ ରହିଛି। ବହୁତ ପ୍ରସଙ୍ଗ ଉଠିବ। ଗଣତନ୍ତ୍ରରେ ରାଜନୈତିକ ଦଳଗୁଡ଼ିକ ନିଜର ଏଜେଣ୍ଡା ନେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଆମେ ଲଢ଼ିଥିଲୁ। ଏବେ ଆମେ ରାଜ୍ୟରେ ବୃହତ୍ ବିରୋଧୀ ଦଳ। ଆମେ ଆମର ସମସ୍ତ ଦାୟିତ୍ୱସମ୍ପନ୍ନ ଏଜେଣ୍ଡାକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଥାଉ। ପଦ୍ମପୁର ଉପନିର୍ବାଚନ ଫଳାଫଳକୁ ନେଇ ଧର୍ମେନ୍ଦ୍ର କହିଛନ୍ତି, ଆମେ ଯାହା ଭାବୁଥିଲୁ, ତାହା ହେଲାନାହିଁ। ଜନମତକୁ ଆମେ ସ୍ୱୀକାର କରୁଛୁ। କିନ୍ତୁ ଯିଏ ଜିତେ ସେ ବଢ଼ିଚଢ଼ି କହିବା ସ୍ୱାଭାବିକ। ମହିଳାଙ୍କୁ ଅପମାନ ସମ୍ପର୍କରେ ଯିଏ ଭିଡିଓ ବାର୍ତ୍ତା ଦେଇଛନ୍ତି, ସେ ଜାଣି ରଖିବା ଉଚିତ ଭାଜପା ୭୮ ହଜାର ଭୋଟ ପାଇଛି, ଯେଉଁଥିରେ ମହିଳା ଭୋଟ ମଧ୍ୟ ରହିଛି। ଧର୍ମେନ୍ଦ୍ରଙ୍କ ମତ ଉପରେ ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଆଗୁଆ ନିର୍ବାଚନ କରିବା କଥା କେନ୍ଦ୍ରମନ୍ତ୍ରୀ ବୋଧେ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ କହୁଛନ୍ତି। ପଦ୍ମପୁର ଉପନିର୍ବାଚନ ହାରିବା ପରେ ଦଳୀୟ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ହୁଏତ କେନ୍ଦ୍ରମନ୍ତ୍ରୀ ଏଭଳି କହିଥାଇପାରନ୍ତି ବୋଲି ଆଚାର୍ଯ୍ୟ କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

# ‘କଂଗ୍ରେସ ସହ ଡିଲ୍ କରି ବିଜେଡି ପଦ୍ମପୁର ଉପନିର୍ବାଚନ ଜିତିଛି’

## ହାରିଲେ ଲୋକ ଏମିତି ବିଭ୍ରାନ୍ତିକର କଥା କହନ୍ତି: ପ୍ରସନ୍ନ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନ ଫଳାଫଳକୁ ନେଇ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ବାକ୍ୟ ବିନିମୟ ଜାରି ରହିଛି। ନିର୍ବାଚନର ଫଳାଫଳକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ଆତ୍ମସମୀକ୍ଷା କରିବାକୁ କହୁଥିବା ବେଳେ ଭାଜପାର ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏକ ଗୁରୁତର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ସହିତ ଏକ ରାଜନୈତିକ ଡିଲ୍ କରି ବିଜେଡି ପଦ୍ମପୁର ବିଧାନସଭା ଉପନିର୍ବାଚନ ବିଜୟୀ ହୋଇଛି। କଂଗ୍ରେସ ସହିତ ବୁଝାମଣା ହେବା ପରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ପ୍ରଚାର କରିବା ପାଇଁ ଯାଇଥିଲେ ବୋଲି ଜୟନାରାୟଣ ଅଭିଯୋଗ କରିଛନ୍ତି। ସେ ପ୍ରଚାରକୁ ଯିବା ପୂର୍ବରୁ ଭୁବନେଶ୍ୱରଠାରେ ଏହି ଡିଲ୍ ହୋଇଥିଲା। ଯାହା ମୋତେ ଖବର ମିଳିଛି ଉଭୟ ଦଳ ମଧ୍ୟରେ ଏକ ଡିଲ୍ ହୋଇଥିଲା। ତେବେ ଏଥିପାଇଁ କେତେ ଅର୍ଥ କାରବାର ହୋଇଥିଲା ସେ ନେଇ ଜୟନାରାୟଣ କୌଣସି ସୂଚନା ଦେଇନାହାନ୍ତି। ଏ ବିଷୟରେ ମୋ ପାଖରେ ଖବର ନାହିଁ ବୋଲି ସେ କହିଛନ୍ତି।

ଜୟନାରାୟଣଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ନିର୍ବାଚନ ହାରିବା ପରେ ଲୋକମାନଙ୍କ ମୁଣ୍ଡକୁ ବିଭିନ୍ନ ବିଭ୍ରାନ୍ତିକର କଥା ଜୁଟେ। ଏଭଳି କହି ମତଦାତାଙ୍କୁ ଅସମ୍ମାନ କରାଯାଉଛି ବୋଲି ସେ କହିଛନ୍ତି । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ନିର୍ବାଚନ ହାରିବା ପରେ ନିଜର ମୁହଁ ଲୁଚାଇବା ପାଇଁ ବିରୋଧୀ ଦଳ ନେତା ସ୍ୱାଭାବିକ ଭାବେ ଏମିତି କହିଥାଆନ୍ତି। ଭାଜପା ସହିତ ବିଜେଡି ଡିଲ୍ କରିଥିଲା ନା କଂଗ୍ରେସ ସହ ତାହା ଲୋକ ବୁଝିବା ଦରକାର। କଂଗ୍ରେସ ଦଳ କିମ୍ବା ଏହାର ନେତା ମୁଖ୍ୟମନ୍ତ୍ରୀଙ୍କ ସହିତ କେବେ ଆଲୋଚନା କରନ୍ତି ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ୪୨,୬୭୯ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ବର୍ଷା ୧,୨୦,୮୦୭ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରଦୀପ ୭୮,୧୨୮ ଏବଂ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ୩,୫୯୪ ଖଣ୍ଡ ଭୋଟ ପାଇଛନ୍ତି। ବର୍ଷା ହେଉଛନ୍ତି ବିଜେଡିର ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଝିଅ।



ଜୟନାରାୟଣ ମିଶ୍ର


**OFFICE OF EXECUTIVE ENGINEER**
**MINOR IRRIGATION DIVISION, BOUDH**
**GOVERNMENT OF ODISHA e-Procurement Notice**
**Bid Identification No. 08/BMID/2022-2023**
**No.A-832:** **E-mail ID: bmidbdh@gmail.com**
**Letter No. 1427 / Date. 07.12.2022**

| | | |
|---|---|---|
| 01 | Name of work | : Construction of Check Dams under (MATY) 2022-2023 |
| 02 | Numbers of Work | : 13 (Thirteen) |
| 03 | Tender Amount | : Rs. 51.73 Lakhs to Rs. 88.25 Lakhs |
| 04 | Class of Contractor | : "B" |
| 05 | Tender paper Cost(Online) | : Rs. 10,000/- |
| 06 | Period of Completion | : 06 (Six) Calendar Months |
| 07 | Availability of Bid Document in website (www.tendersorissa.gov.in) | : From 14.12.2022, 10.00 AM to 26.12.2022, 05.00 PM |
| 08 | Last date & Time of receipt of Bid | : 26.12.2022 at 05.00 PM through online |
| 09. | Date of opening of Technical Bid | : 27.12.2022 at 11.00 A.M in the office of the EE, M.I. Division, Boudh |
| 10. | Date of opening of Financial Bid | : 02.01.2023 at 11.00 A.M in the office of the EE, M.I. Division, Boudh |
| 11. | Date of Lottery if required | : 06.01.2023. |
| 12. | Digital Signature Certificate of Bidder | : The bidder must process compatible digital signature certificate (DSC) |
| 13. | Name and address of the OIT | : Executive Engineer, M.I. Division, Boudh, At/P.O:- Boudh, District: - Boudh, PIN-762014 |

Further details can be seen from the Government of Odisha website: www.tendersorissa.gov.in.
**OIPR-32279/11/0007/2223** **Sd./- Executive Engineer, M.I.Division, Boudh**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION, BALANGIR**
**Email: eepwd.bgr@rediffmail.com**
**eepwd.bgr@gmail.com, Ph. No.: 06652-232374**
**No.B-961:** **e-Procurement Notice**
**Bid Identification No: BGR R&B/23/2022-23**
**No. 5085** **Dtd.06.12.2022**

1. The **Executive Engineer, Balangir (R&B) Division, Balangir** on behalf of Governor of Odisha invites percentage rate bid in Double Cover System in ONLINE MODE for the construction of works detailed in the table below from B Class Contractors registered with the State Governments and Contractors of equivalent grade/Class registered with Central Government/MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of work : Bridge work/Check Dam
3. No. of tender : Bridgeg work : 03 Nos.
4. Tender Cost : Rs.10,000/-
5. Class of Contractor : "B" Class (Registered with CDMS)
6. Date & time of sale & receipt of Bids : From Dt.14.12.2022, 11.00 A.M. to Dt.28.12.2022 upto 05.00 P.M.
7. Date of Opening Bid : Dt.29.12.2022 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendums will be available on ONLINE MODE only.

**Sd./- Executive Engineer**
**Balangir (R&B) Division**
**OIPR-34028/11/0024/2223**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୩୮୭ **ବିଜ୍ଞାପନ** ତା:୦୫।୧୨।୨୨

No. CAD-4064: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁମୁଡୁମା ୫ମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଲ୍.ଆଇ.ଜି.–ବି–୧୩୫ (LIG-B-135) ଏଲ୍.ଆଇ.ଜି., ସେଲ୍‌ଫ ଫାଇନାନ୍ସିଂ ହାଉସିଂ ପ୍ରକଳ୍ପଟିକୁ ଶ୍ରୀମତୀ ପୁଷ୍ପା ମହାନ୍ତି, ସ୍ୱା.– ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସା/ପୋ./ଥା.: ସାଲେପୁର, ଜିଲ୍ଲା: କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ପୁଷ୍ପା ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁରେଶ କୁମାର ସାହୁ, ପିତା: ୰ଉଦୟନାଥ ସାହୁ, ସା.: କଣ୍ଢେଇ ପଲି, ପୋ.: ମାନେଶ୍ୱର, ଥା: ସଦର, ଜିଲ୍ଲା: ସମ୍ବଲପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ। **ସ୍ୱା./– ସହ ପ୍ରଶାସନିକ ଅଧିକାରୀ**
**OIPR-13030/11/0434/2223** **ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

**Odisha Tourism**
Paryatan Bhawan, Lewis Road
Bhubaneswar-751014
Fax No. +91 674 2430887
E-mail: info@odishatourism.gov.in
ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
Tourism Department
ODISHA INDIA'S BEST KEPT SECRET
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍,
ଭୁବନେଶ୍ୱର - ୭୫୧୦୧୪
**No. 9428/TSM, Bhubaneswar,** **Dated 09.12.2022**
**TCT-TSP-FEST-0011-2022**

**REQUEST FOR PROPOSAL (RFP) FOR SELECTION OF OPERATOR FOR OPERATION AND MANAGEMENT (O&M) OF RESTAURANT-CUM-BEACH SHACK AT RAMCHANDI BEACH AREA ON OPERATIONAL CONTRACT BASIS**

**No. R-13**:- Department of Tourism (DoT) invites proposals from prospective applicants for '**Request for Proposal (RFP) for selection of Operator for Operation and Management (O&M) of Restaurant-cum-Beach Shack at Ramchandi Beach Area on Operational Contract Basis**' in accordance with the conditions and manner prescribed in the Request for Proposal (RFP) document.

The Proposals should be submitted by interested applicant(s) to the Director, Tourism, Paryatan Bhawan, Lewis Road, Bhubaneswar-751014 on or before 16.12.2022 upto 15.00 Hrs. Detail terms of RFP may be downloaded from our website: https://dot.odishatourism.gov.in/?q=tender.
**OIPR-37002/11/0018/2223** **Sd./- Director & Addl. Secretary to Govt.**

**Office of the Chief Engineer & Basin Manager**
**Rushikulya Bahuda Vansadhara Nagavali Basin, Brahmapur-760004**
**e-mail:ce_rvn@yahoo.co.in**
**e-Procurement Notice No.CE & BM, RBVN-09/2022-23**

**No.A-835**:1.Type of Work: System Improvement Work. 2. Total No. of Works: 01 (One) No. 3. Amount put to tender: Rs.1053.80 Lakh. 4. Period of Completion: 11 (Eleven) Calendar Months.

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Chief Engineer & Basin Manager, RBVN Basin, Berhampur, Ganjam | CE & BM, RBVN (BNID)- 05/2022-23 | 1053.80 | From 15.12.2022, 10.00 A.M. to 30.12.2022 5.00 P.M. |

Date of Opening of the Technical Bid 31.12.2022 at 11.30 A.M.
Further detail can be seen from the Govt. website www.tendersodisha.gov.in.
**Sd./- Chief Engineer & Basin Manager, RBVN Basin, Berhampur**
**OIPR-32459/11/0011/2223**

**OFFICE OF THE MUNICIPAL COUNCIL, SUNDARGARH**
**Notice No.9575/Date 08.12.2022**
**QUOTATION CALL NOTICE**

No. C-1878:- Sealed quotations are invited from the intending Persons/Agencies for Display of Hoarding for Advertisement within the area of Sundargarh Municipality. The detail quotation documents will be available in the District Website of Sundargarh i.e. **www.sundargarh.nic.in** from dt 09.12.2022 to dt. 16.12.2022. The sealed tender will be received from dt.**09.12.2022** (during Office hour, Except Govt. Holidays) and will be opened the same on dt: **16.12.2022** as per the scheduled given below in the office chamber of the undersigned in presence of tenderer or his authorised representative. The quotation document must be submitted to the office of the Executive Officer, Sundargarh Municipality, Sundargarh through Regd. Post/Speed Post only. The bidder should subscribe "**Quotation of Hoarding within Sundargarh Muncipality**" on the Top of the envelope.
Last date of receipt of quotation: 16.12.2022 up to 3.00 P.M.
Date of Opening: 16.12.2022 at 4.00 P.M.
**Sd./- Executive Officer, Sundargarh Municipality**
OIPR-13130/11/0030/2223

**ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ପର୍ଯ୍ୟାୟ - ୨**

- ଶୌଚାଳୟ ଅଟେ ସମସ୍ତଙ୍କର ଶିଶୁ ବୃଦ୍ଧ ଏବଂ ଯୁବକଙ୍କର ।
- ଏକ ଖାତ ବିଶିଷ୍ଟ ପାଇଖାନାକୁ ଦୁଇ ଖାତରେ ରୂପାନ୍ତର ।
- ବ୍ୟକ୍ତିଗତ ଜୈବିକ ଖତ ପାଇଁ ଗାତ ଖୋଳନ୍ତୁ ବର୍ଜ୍ୟବସ୍ତୁର ସୁରକ୍ଷିତ ପରିଚାଳନା କରନ୍ତୁ ।
- ଗୋଟିଏ ଗାତରୁ ମିଳେ ଅନେକ ଫାଇଦା, ପ୍ରଦୂଷଣ କମ୍ ଏବଂ ଜଳସ୍ତର ବୃଦ୍ଧି ।
- ଆମର ପୃଥିବୀ ଆମର କାଲି ସଭିଏଁ ମିଶିଲେ ହେବ ସେ ଭଲ ।
- ପ୍ଲାଷ୍ଟିକ୍ ଆବର୍ଜନାର ସୁପରିଚାଳନା । ବ୍ୟକ୍ତିଗତ ଦୂଷିତ ଜଳ ଶୋଷକ ଗାତ ।
- ଗୋଷ୍ଠୀଭିତ୍ତିକ ଜୈବିକ ଖାତ ଗୋଷ୍ଠୀ ବର୍ଜ୍ୟବସ୍ତୁର ସୁପରିଚାଳନା ।




No.CAD-4071
OIPR-19266/11/0003/2223
**ସୌଜନ୍ୟ: ଜିଲ୍ଲା ଜଳ ଓ ପରିମଳ ମିଶନ, ରାୟଗଡ଼**

**GOVERNMENT OF ODISHA** **No. A-841**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE**
**email ID: seec2chandikhole@gmail.com**
**"e" Procurement Notice No. ACE, EC-II 06 of 2022-23 (Online)**

| | | | |
|---|---|---|---|
| 1 | Name of the works | 1 | Protection to OAE No. 7B on left Bank of Kharasuan river near Olei Ratha Samal M.E. School |
| | | 2 | Protection to Scoured bank of O.A.E. No. 6B on Kharasuan left from RD 3.500 Km. to RD 4.220 Km. near Panchayat Office |
| | | 3 | Protection to Scourced bank of O.A.E. No. 6B on Kharasuan left near Mukunda Das Ghata near Kalyanpur. |
| 2 | Total No. of Packages | : | 03 Nos. individual packages |
| 3 | Tender Cost | 1 | Rs.218.96 Lakh (Approximately) |
| | | 2 | Rs.166.07 Lakh (Approximately) |
| | | 3 | Rs.148.44 Lakh (Approximately) |
| 4 | Cost of Bid Document (Non refundable) | : | Rs.10,000.00 (Online payment) for each Package |
| 5 | Bid Security | : | "Bid Security Declaration" is to be furnished as per Finance Department Office Memorandum No. 8484/F dated 05.04.2022. The bids without "Bid Security Declaration" will be summarily rejected. |
| 6 | Class of Contractor | 1 | "B" & "A" for All Pacakges |
| 7 | Period of Completion | 1 | 06 (Six) Calendar Months for All Packages |

8. Other details are as follows:

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, Eastern Circle-II, Chandikhole | ACE, EC-II JPD 03 of 2022-23<br>ACE, EC-II JPD 04 of 2022-23<br>ACE, EC-II JPD 05 of 2022-23 | 12.12.2022 at 10.00 hrs. | 28.12.2022 upto 17.00 hrs. | 29.12.2022 at 11.30 hrs. |

9. e-mail id: **seec2chandikhole@gmail.com**
Further detailed conditions can be seen from the Govt. website **www.tendersorissa.gov.in.**
**OIPR-32322/11/0009/2223** **Sd./- Additional Chief Engineer, Eastern Circle-II, Chandikhole**

**BERHAMPUR MUNICIPAL CORPORATION**
**No.15164** **Date:08.12.22**
**Request for Proposal**

**No.C-1856:**Berhampur Municipal Corporation invites Request for Proposal for Selection of Agency for "Bio-remediation of Legacy waste and scientific closure of existing dumpsite at Chandania Hill as per SWM Rule 2016 under jurisdiction of Berhampur Municipal Corporation.

| | | |
|---|---|---|
| 01 | Available of RFP documents in website | www.tendersodisha.gov.in |
| 02 | Last date and time of submission of RFP | 17:00 Hrs. 30.12.2022 |
| 03 | Date and time of Opening of Technical Bid | 11:30 Hrs. of 03.01.2023 |
| 04 | Date and time of Opening of Financial Bid | To be intimated later |

The authority reserves right to accept or reject any or all the RFP without assigning any reason thereof. Any Change/ Correction/ Corrigendum in respect the above shall be placed in www.tendersodisha.gov.in website.
**Sd./- Commissioner**
**Berhampur Municipal Corporation**
OIPR-13035/11/0060/2223

**OFFICE OF THE MUNICIPAL COUNCIL, RAYAGADA**
**PLACE: R.K. NAGAR, RAYAGADA, PIN CODE - 765001, ODISHA**
**Tel. No./Fax No.: 06856-235067, E-mail Id: rayagadam.hud@nic.in**
**Letter No. 5958** **Date: 08.12.2022**

No. C-1869: The sealed auctions are invited from the intending Individual/Agency/Organization for auction of Scrap Materials of Rayagada Municipality. The tender paper for the above purpose containing the terms & conditions, specification containing can be obtained from the website: **www.rayagada.nic.in** only. The cost of Bid document in shape of DD, Bankers Cheque or MR drawn from any Nationalized Bank on or before the last date of sale of Bid documents in favour of the Executive Officer, Rayagada Municipality payable at Rayagada. Only the successful bidder will deposit 1% of the auction price as EMD. Sealed Techno Commercial Bid. Cover No. (A) & sealed Price Bid. Cover No. (B) shall be superscribed in another sealed cover (C) and the below quantity which ever more or less at the time of lifting.

| Sl. No. | Details of Scrap Material | Quantity Approximately | Offset Price | Amount Approximately | Cost of Auction Schedule (Non-refundable) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | TPS Bug Dustbin, Old Try Cycles, Old Water Tanker, Old Dustbin, Dustbin Big, Old Wheel Barrows, Tralee, Iron Tair Case, Old Cesspool Tanker, Roller etc. | 29920 Kg. | Rs.27/- per Kg. | 807840 | Rs.10,000/- |

The bid documents will be available in the website: **www.rayagada.nic.in**.
1. The bid document available from : 09.12.2022 at 11.00 A.M. to 08.01.2023 at 5.30 P.M.
2. The last date of sale of Bid document : 08.01.2023 at 5.30 P.M.
3. Last date of submission of Bid documents : 08.01.2023 at 5.30 P.M.
4. Opening of Techno Commercial Bid Cover No. (A) : 10.01.2023 at 11.30 A.M.
5. Opening of Price Bid Cover No. (B) : 10.01.2023 at 11.30 A.M.

**OIPR-13150/11/0043/2223** **Sd./- Executive Officer, Rayagada Municipality**

**BHUBANESWAR DEVELOPMENT AUTHORITY**
**AKASH SHOVA BUILDING,**
**PANDIT JAWAHARLAL NEHRU MARG, BHUBANESWAR - 751001**
**PABX No.0674-2392801 / 0998 / 6437, FAX No.0674-2390633 / 085**
**Visit us at: http://www.bda.gov.in/**
**RFP Ref.No.1244** **Date:08.12.2022**

**No.CAD-4053:**1.Executive Engineer-III, BDA on behalf of Bhubaneswar Development Authority invites Percentage Rate bids in Double Cover System from eligible bidders to be received in online mode for following work as detailed in the table below:-

**TABLE**

| Sl. No. | Name of Work | Bid Security | Cost of Bid document (in Rs.) | Class of Contractor | Period of Completion | Last date of online receipt of Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Request for Proposal for Selection of agency for Fabrication, Supply and Installation of Signage at different Parks in Bhubaneswar Development Authority Planning Area. | Deposit of "Bid Security Declaration" | 10,000/- + GST 18% | Reputed Firms/ NSIC/SIC | 40 (Forty) Days | 15.12.2022 upto 5.00 PM |

**N.B - The quoted rate should be all inclusive but excluding G.S.T. applicable under works contract.**

2. The bidders have to participate in ONLINE bidding only. The web-site for "ONLINE BIDDING" is https://tendersodisha.gov.in/. 3. Bid documents will be available in above Website from 09.12.2022 to 5.00 P.M. of 15.12.2022 for "ONLINE BIDDING". 4. The tender will be opened on 20.12.2022 at 11.30 A.M. 5. The bidder must possess compatible Digital Signature Certificate (DSC) of Class-II or Class-III. 6.Original Bid Security Declaration & Demand Draft towards cost of RFP document shall be reached through Registered Post / Speed Post (Not through Courier) addressed to the Executive Engineer-III, Akash Sova Building, Pandit Jawaharlal Nehru Marg, BDA, Bhubaneswar-751001 latest by 4.00 P.M. of 19.12.2022 during office hours on working days, failing which the bid will be rejected. BDA will not be responsible for postal delay in receiving the documents; also a scan copy of the same must be uploaded during online bidding. 7. The cost of bid documents along with GST has to be paid by each bidder in shape of demand draft drawn in favour of Executive Engineer, Division No.III, BDA, Bhubaneswar from any Nationalized Scheduled Bank. 8. All other details can be seen in the RFP. 9. All Corrigendum and Addendum will be published in the Website only. 10. The authority reserves right to cancel the bid without assigning any reason thereof.
**OIPR-13033/11/0403/2223** **Sd./- Executive Engineer, Division No.III, BDA**

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାଲକାନଗିରି-ଭୁବନେଶ୍ୱର ବସ୍ ଦୁର୍ଘଟଣାଗ୍ରସ୍ତ, ୧୬ ଆହତ

**ମାଲକାନଗିରି, ୧୦।୧୨(ଡି.ଏନ.ଏ.)**

ମାଲକାନଗିରିରୁ ଭୁବନେଶ୍ୱର ଯାଉଥିବା ଏକ ସରକାରୀ ବସ୍ ଶନିବାର ଭୋରୁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବସ୍‌ରେ ଥିବା ୧୬ ଯାତ୍ରୀ ଅହତ ହୋଇଛନ୍ତି। ଖବରରୁ ଜଣାପଡ଼ିଛି। ବସ୍‌ଟି ଶନିବାର ମାଲକାନଗିରିରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ମାଲକାନଗିରି ସୀମାନ୍ତ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ନିକଟରେ ଏହା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଯାତ୍ରୀ ଓ ଡ୍ରାଇଭରଙ୍କ ସମେତ ମୋଟ ୧୬ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ଯାତ୍ରୀଙ୍କୁ ପ୍ରଥମେ ଶ୍ରୀକାକୁଲମ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି। ବସ୍‌ରେ ଥିବା ମାଲକାନଗିରି ଜିଲାର ଅନେକ ସରକାରୀ ଅଧିକାରୀ ମଧ ଦୁର୍ଘଟଣାରେ ଆହତ ହୋଇଥିବା ଜଣାପଡ଼ିଛି।


ଦୁର୍ଘଟଣାଗ୍ରସ୍ତ ହୋଇଥିବା ବସ୍।

# ବନ୍ଦ କୋଠରିରୁ ଉଦ୍ଧାର ହେଲେ ବଲାଙ୍ଗୀରର ୨ ଭଉଣୀ

## ସୋସିଆଲ୍ ମିଡିଆରୁ ପ୍ରେମ, ପରେ ପ୍ରତାରଣା

### ଅଭିଯୁକ୍ତଙ୍କ ମା' ଓ ୨ ଭାଇ ଅଟକ

**ଯାଜପୁର ଟାଉନ,୧୦।୧୨(ଡି.ଏନ.ଏ.)**

ଯାଜପୁର ଟାଉନ ଥାନା ଅନ୍ତର୍ଗତ ସୁନ୍ଦୁରେଇମୁହଁ ଅଞ୍ଚଳର ଏକ ବନ୍ଦ କୋଠରିରୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳର ୨ ଭଉଣୀଙ୍କୁ ପୋଲିସ ଶୁକ୍ରବାର ଉଦ୍ଧାର କରିଛି। ଏଥିସହିତ ପୋଲିସ ଅଭିଯୁକ୍ତଙ୍କ ମା' ଓ ୨ ଭାଇଙ୍କୁ ଥାନାରେ ଆଣି ଅଟକ ରଖିଛି। ଅଭିଯୁକ୍ତ ଫେରାର ହୋଇଯାଇଥିବା ଥାନାଧିକାରୀ ଅଜୟ କୁମାର ଜେନା କହିଛନ୍ତି।

ସୂଚନା ଅନୁସାରେ, ଖପ୍ରାଖୋଲ ଅଞ୍ଚଳର ୨ ଭଉଣୀ ତାମିଲନାଡୁରେ ରହି ଟେଲରିଂ କାମ କରୁଥିଲେ। ଏହି ସମୟରେ ଯାଜପୁର ସଦର ଥାନା ଅନ୍ତର୍ଗତ ଅବଦଲପୁର ବଣିଆ ସାହିର ରଞ୍ଜିତ ସାହୁ ସମ୍ପୃକ୍ତ ୨ ଭଉଣୀଙ୍କ ସହିତ ସୋସିଆଲ୍ ମିଡିଆରୁ ପରିଚିତ ହୋଇଥିଲେ। ପରେ ରଞ୍ଜିତ ସେମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିଶେଷକରି ବିବାହର ପ୍ରତିଶ୍ରୁତି ଦେଇ ଯାଜପୁରକୁ ଡକାଇଥିଲେ। ଦୁଇ ଭଉଣୀ ଟ୍ରେନରେ ଆସି ଭୁବନେଶ୍ୱର ରେଳ ଷ୍ଟେଶନରେ ଓହ୍ଲାଇବା ପରେ ଅଭିଯୁକ୍ତ ରଞ୍ଜିତ ସେଠାକୁ ଯାଇ ସେମାନଙ୍କୁ ଆଣି ସହର ଉପକଣ୍ଠ ସୁନ୍ଦୁରେଇମୁହଁର ଏକ ଭଡ଼ାଘରେ ତାଲା ପକାଇ ରଖିଥିଲେ। ଦୀର୍ଘ ମାସେ ହେଲା ୨ ଝିଅ ଗୋଟିଏ ଘରେ ବନ୍ଦ ରହିଥିବାବେଳେ ରଞ୍ଜିତ ସେମାନଙ୍କୁ ମାଡ଼ ମାରିବା ସହିତ ବଳ ପୂର୍ବକ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ସେମାନେ କୌଣସିମତେ ସେଠାରୁ ଖସି ଆସି ପ୍ରଥମେ ସ୍ଥାନୀୟ ଲୋକ ଓ ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ଜେନା ପହଞ୍ଚି ଯୁବତୀ ୨ଜଣଙ୍କୁ ଉଦ୍ଧାର କରି ସ୍ୱାଧାର ଗୃହକୁ ପଠାଇଛନ୍ତି। ଘଟଣାପରେ ରଞ୍ଜିତ କୌଶଳ କ୍ରମେ ଖସି ପଳାଇଛନ୍ତି। ପୋଲିସ ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ରଞ୍ଜିତଙ୍କ ମା' ରଞ୍ଜୁଲତା ସାହୁ, ବଡ଼ଭାଇ ଚନ୍ଦନ ଓ ଆଉଜଣେ ଭାଇ ରଞ୍ଜନଙ୍କୁ ଥାନାକୁ ଆଣି ପଚରା ଉଚରା ଚଳାଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact: 0674-2580385, 8637280816, 7894447167, 9338226625

**ଶ୍ରୀ କୃଷ୍ଣ ଫାଇନାନ୍ସ**
ସବୁ ବ୍ୟାଙ୍କ ଦ୍ୱାରା ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଆଧାର କାର୍ଡ, ଗୃହ ଋଣ, ଇଟା ଭାଟି ଋଣ 36 ଘଣ୍ଟାରେ
2% ସୁଧ, 50% ଛାଡ଼
ସିବିଲ ଖରାପ ଥିଲେ ମଧ ଋଣ ପାଆନ୍ତୁ
7625883378

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday

0674-2580101, 2549949


MATRIMONIAL

GROOM WANTED

ବୟସ-36, Govt. College Clerk ସୁନ୍ଦର Divorce ନିଃସନ୍ତାନ ଖଣ୍ଡାୟତ ଝିଅଙ୍କୁ anycaste ପୁଅ ଦରକାର। 8658267680. D-2178

45 ବୟସ୍କା Govt. ଚାକିରିଆ ନିଃସନ୍ତାନ ବିଧବା ମହିଳାଙ୍କ ପାଇଁ any caste ର ପୁଅ ଦରକାର। 6371064622. D-2210

Extremely beautiful Khandayat girl 1997 5'5", B.Tech. (Computer) Serving Engineer Bangalore. "SUNASANSAR". 9937512659, 8249969649. D-2177

ବୟସ- 29, Govt. Job କରୁଥିବା Divorce ସୁନ୍ଦର ବଣିଆ ଝିଅଙ୍କୁ anycaste ବରପାତ୍ର ଆବଶ୍ୟକ। 7894489867. D-2186

ଭୁବନେଶ୍ୱରସ୍ଥିତ 55 ବୟସ୍କା Private ଚାକିରି କରୁଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। 8608010434. D-2212


REAL ESTATE

SALE

Duplex building, 300meters Puri Samantarapur main road, Laxminarayan Vihar, Indira Colony, Bhubaneswar. 9338054025, 9668327743. D-73731

Plot for sale at Daspur (Near Adarsh School), Bhubaneswar. 4.5KM from Kalinga Studio Square. 9776422211. D-16379

Bhubaneswar-plot near AIIMS (Ranasinghpur Mouza) BDA Layout approved boundary wall, Bank Loan, electricity facilities, 1600sqft.- 2 Nos. No brokers please. 7978667518. D-71551

ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ **readymade** ଘର ମିଳୁଅଛି। **7008067338, 9090746445.** D-74163

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2207

Luxurious 4BHK Duplex near Balianta Bazar. Land-1400 Construction-2200-79 Lakh. 9938219397, 9861022055. D-2169

Area 803 sqft, 1 BHK for Sale, 1st floor Fully Furnished flat with balcony at 1000 Sands, Empires Hotel Puri. Contact +91 9330967266. D-2203

17 areas land layfarm of 1,30,000 hens near Nayagarh. 9040433993. D-2199

**DUPLEX SALE - Three Bedrooms/ Toilets, Two Drawing/ Dining/ Puja and Car Parking with 1500Sqft. Land SALE at Bankuala, Bhubaneswar. Cost - 79 Lakh, Handed over within one year. Only Genuine Buyer contact for details : 9438220432 / 8144658008.** D-2179

**NH side plot (gharabari, boundarywall). Nakhara to Niali road Cuttack. 8249851363.** D-74603

**Residential gharabari plot with boundary wall inside 7 Family Complex, Safty, Secured, Brahmin Culture Family Stayed, 6km. from Nakhara, Cuttack. 7809525452.** D-74607

Commercial G+3 building, Lift Transformer attached, Lingipur, Bhubaneswar (Opposite Jagannath Petrol Pump). 9437178883, 9668327743. D-73730

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

"Xmas and New Year Dhamaka" attractive discount on ready to move BDA/ Bank Project approved remaining one BHK flat in a multistoried apartment near Shani Temple, 500 meters from National Highway, Patrapada, Bhubaneswar. 9238326233. D-38584

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ **SC plot** ମିଳୁଛି। **9439832956, 9438056978.** D-74164


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160


FOR RENT

**6500sqft. 3storied building with well finished at Shree Vihar. 100 meters from Patia (IOCL BUILDING) main road, Bhubaneswar. Suitable for Corporate Office, Guest House, Nursing Home/ Hospital, Bank Training Center ect. Parking space also available for 4wheelers & 2wheelers. Contact: 9337093309, 7873032167.** D-2195


Healthcare

Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open Spa positively health benefit with expert. Contact: 7749976301. D-74501

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608


BUSINESS

For Housing, Purchase of plot, Mortage, Top up, Business and personal loan for whole Odisa from Nationalised Bank. 8249291173. D-2206

AFFIDAVIT

I Sanjib Kumar Sahoo, S/o. Late Sarat Kumar Sahoo, R/o.: 861, Madhusudan Nagar, Bhubaneswar has changed my name from Sanjib Kumar Sahoo to Sanjib Sahoo vide Affidavit 59AA 711355, Dt. 9/12/2022 Sworn before Notary, Bhubaneswar. D-74502

By the virtue of an affidavit dt.24.5.2022 before the Court of Executive Magistrate, Darpan, Dhanmandal, I, Priyanka Jena, At/ Village-Bhuluka, P.O.-Krushnapur Sasan, P.S.- Balichandrapur, Dist.- Jajpur have changed my name after marriage from Chanchali Dalai to Priyanka Jena. This affidavit is required to be produce before concerned LIC Officer for correction of my name in the LIC Policy. D-2214

LEGAL NOTICE

The property vide Plot No. B/61 at Sahid Nagar, Bhubaneswar is continuing under Civil Case No. 241/2022, Will case no. 33/2016 and a 144 case no. 1653/22. So, I am not responsible for any legal complications in future.
Khyati Kiran Sahoo
Sahid Nagar, Bhubaneswar
D-2209

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ ।
BHIM UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**


**୰ଶୈଳବାଳା ଦାସ**
ନରସିଂହପୁର, ହରିପୁର ହାଟ, ରସୁଲପୁର, ଯାଜପୁର
ଆବିର୍ଭାବ: ତା୨୩।୦୪।୧୯୩୮ ମସିହା
ତିରୋଧାନ: ତା୦୧।୧୨।୨୦୨୨ରିଖ ଗୁରୁବାର
ଆପଣଙ୍କ ଆଶୀର୍ବାଦ ଓ ଶୁଭ ଦୃଷ୍ଟି ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପ୍ରସନ୍ନ ଦାସ, ପ୍ରଶାନ୍ତ ଦାସ, ପ୍ରଭାତ ଦାସ, ପବିତ୍ର ଦାସ ଓ ପରିବାରବର୍ଗ, ବନ୍ଧୁ ପରିଜନ ।
ଧ-୨୨୧୩

**୧୬ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**


**ସ୍ୱର୍ଗତ ନିଧିସୁଦନ ବେହେରା**
ଗ୍ରାମ: ପାରାଦୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଲୋକନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ସ୍ତ୍ରୀ: ରମାଦେବୀ ବେହେରା, ପରିବାରବର୍ଗ ।
ଧ-୨୨୦୫

**ଷଷ୍ଠଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି**


**୰ଆଶାଲତା ମିଶ୍ର**
୯୧, ବାପୁଜୀ ନଗର, ଭୁବନେଶ୍ୱର
ତିରୋଧାନ: ୦୭।୧୨।୨୦୦୬
ପୁଷମାସ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ: ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ ।
ଧ-୨୨୦୪

**ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳୀ**


୰ ପୋଟ୍ଟୁରୁ ତ୍ରିବେଣୀ ପାତ୍ର
ବଜାର ସାହି, ଆସିକା
ତିରୋଧାନ : ୩୦.୧୧.୨୦୨୨
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ -
ପୁଅ- ପ୍ରଭାକର, ସୁଧାକର
ବୋହୂ- ବବିତା, ରାଧାରାଣୀ
ଝିଅ- ଗୀତାଞ୍ଜଳି, ଉଷାରାଣୀ
ଜ୍ୱାଇଁ-ଶିବନାରାୟଣ, ବିଶ୍ୱେଶ୍ୱର
ଏବଂ ନାତି ଓ ନାତୁଣୀ
କରିସ୍ମା, କରିନା, ରୁପସା, ବିରୁପାକ୍ଷ ରେଶ୍ମା ଓ ବିବେକ୍
ଧ-୨୨୧୧

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**


**୰ପ୍ରଫୁଲ୍ଲ କୁମାର ନାୟକ**
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୭୬
ତିରୋଧାନ: ୧୧।୧୨।୨୦୧୬
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଝିଅ- ବବ୍‌ଲି, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୧୫


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ନାବାଳିକାଙ୍କୁ ପ୍ରେମ କରି ବନ୍ଧାହେଲେ ଯୁବକ

**ସୋର, ୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ନାବାଳିକାଙ୍କୁ ଇନଷ୍ଟାଗ୍ରାମରେ ପ୍ରେମ କରି ଅପହରଣ ଅଭିଯୋଗରେ ଖୋର୍ଦ୍ଧା ଜିଲା ଆୟତପୁର ଗ୍ରାମର ଜଣେ ଯୁବକଙ୍କୁ ସୋର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଆୟତପୁର ଗ୍ରାମର ପ୍ରଶାନ୍ତ ନାୟକ ଉକ୍ତ ନାବାଳିକାଙ୍କ ସହ ଇନ୍‌ଷ୍ଟାଗ୍ରାମରେ ପରିଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ଫୋନ ନମ୍ବର ଆଦାନପ୍ରଦାନ ପରେ କଥାବାର୍ତ୍ତା ହୋଇ ପ୍ରେମ ଆରମ୍ଭ ହୋଇଥିଲା। ଗତ ଅକ୍ଟୋବର ୭ରେ ପ୍ରଶାନ୍ତ ଆୟତପୁରରୁ ଆସି ନାବାଳିକାଙ୍କ ଘରୁ ଅପହରଣ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ଅକ୍ଟୋବର ୧୭ରେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସୋର ପୋଲିସ ଏକ ମାମଲା (ନଂ. ୪୪୬/୨୨) ରୁଜୁ କରି ନାବାଳିକାଙ୍କ ମୋବାଇଲକୁ ବାରମ୍ବାର ଫୋନ୍ ଆସିଥିବା ଏକ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଭୁବନେଶ୍ୱର ୟୁନିଟ-୯ସ୍ଥିତ ମା' ମଙ୍ଗଳା ବସ୍ତିରେ ପହଞ୍ଚିଥିଲେ। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ପ୍ରଶାନ୍ତଙ୍କୁ ଗିରଫ କରି ସୋର ଥାନାକୁ ଆଣିଥିଲେ। ଶନିବାର ଅପରାହ୍ନରେ ପୋଲିସ ଉଭୟଙ୍କର ଡାକ୍ତରୀମାଇନା ପରେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରିଥିବା ଅଭିଯୋଗରେ ପ୍ରଶାନ୍ତଙ୍କୁ କୋର୍ଟଚାଲାଣ କରିଛି।

# ଟୋଲ୍‌ଗେଟରେ ଗଣ୍ଡଗୋଳ, ଭଙ୍ଗାରୁଜା | ଆକ୍ରମଣରେ ୪ କର୍ମଚାରୀ ଆହତ

**ଯୋଡ଼ା, ୧୦।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଧୀନ କଣ୍ଡରା ଟୋଲଗେଟ୍‌ରେ ଶୁକ୍ରବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇ ଅଫିସ ଭଙ୍ଗାରୁଜା ସହ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ୪ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ସାରଦା ସାମଲ, ସନ୍ତୋଷ ବାରିକ, ପ୍ରତାପ ବାରିକ ଓ ସହଦେବ ସ୍ୱାଇଁ। ଟୋଲପ୍ଲାଜାର ମ୍ୟାନେଜର ଏନେଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକ ଟୋଲଗେଟ୍‌ରେ ଦେୟ ନ ଦେଇ ନିଜ ଗାଡ଼ି ନେଇ ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ସେଠାରେ ଥିବା କର୍ମଚାରୀମାନେ ତାଙ୍କୁ ଅଟକାଇଥିଲେ। ଏହାକୁ କେନ୍ଦ୍ରକରି କର୍ମଚାରୀଙ୍କ ସହ ଉକ୍ତ ଯୁବକଙ୍କର ବାକ୍‌ବିତଣ୍ଡା ପରେ ଝଗଡ଼ା ହୋଇଥିଲା। ଉକ୍ତ ଯୁବକ ତାଙ୍କର ପ୍ରାୟ ୨୦/୨୫ ଜଣ ସମର୍ଥକଙ୍କୁ ଆଣି ଟୋଲ୍‌ଗେଟ୍‌ର କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଅଫିସ୍‌ରେ ଥିବା କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଖବରପାଇ ବିଲେଇପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୬ଜଣଙ୍କୁ ଅଟକ ରଖିବା ସହ ଆହତ ଟୋଲ କର୍ମଚାରୀମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲା। ଟୋଲ୍‌ଗେଟରେ ଥିବା ସିସିକ୍ୟାମେରା ଫୁଟେଜକୁ ଆଧାର କରି ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## OFFICE OF THE MUNICIPAL COUNCIL, RAIRANGPUR

Ph.No.(06794) 222054, E-mail: rairangpurn.hud@nic.in
Fax: 06794- 222054
No.4195/ Dt.08.12.22

**QUOTATION CALL NOTICE**

No.C-1882:- Sealed quotations are invited by the undersigned from the intending Manufacturers / Suppliers / Firms having required certificates i.e. IT, GST for supplying of Branded Ladies Bicycle of BSA/AVON/HERO make with standard specifications along with Carrier, Chain Cover and Basket including stickering 8x8 inches durable and water proofing quality to Rairangpur Municipality. The quotationer should quote the rate including all applicable taxes and transporting charges. The quotations should reach to the office of the undersigned on or befor dt.16.12.2022 upto 2 P.M. and no quotation will be entertained beyond the stipulated period. The quotation will be opened on same day i.e. dt.16.12.2022 at 4 P.M. in the presence of the quotationers or their authorized representatives.

The undersigned reserves the right to reject any or all quotation without assigning any reason thereof.

**Sd./- Executive Officer, Rairangpur Municipality**
OIPR-13106/11/0020/2223

## OFFICE OF THE NOTIFIED AREA COUNCIL, KESINGA

No. 5966/NAC(K) Dated: 09.12.2022

**SHORT QUOTATION CALL NOTICE**

No.C-1851:- Sealed tenders are invited from the interested firm/agency having valid GSTN for supply of 38 nos of branded Ladies Bicycles with standard specifications along with Carrier, Chain cover and Basket including stickering 8x8 inches durable and water proofing quality preferably BSA/Hercules/Hero/Avon brand to N.A.C., Kesinga. The sealed quotation should reach to the undersigned on or before **19.12.2022 up to 12 Noon** through registered post/speed post and the same will be opened at **4 P.M.** on the same day. The rate should be quoted inclusive all taxes, transportation, FOR to Kesinga NAC complete in all respect. The authority reserves the right to reject any or all the quotations without assigning any reason thereof.

**Sd./- Executive Officer,**
**N.A.C., Kesinga**
OIPR-13109/11/0022/2223

## OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE,

BERHAMPUR-760004 (GANJAM)
Tel.(0680) 2292746, FAX: (0680) 2292809//
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com. Website: www.mkcgmch.org
**No.12486/MCB-2022/Welfare/Dated, Berhampur the 9th December, 2022**

**3RD CORRIGENDUM**

No. E-713:- As per tender call Notice No 11182 Dt. 04.11.2022 & Corrigendum No. 12004 Dt. 28-11-2022, the last date for submission of tender towards Outsourcing of Parking of Vehicles at MKCG Medical College Campus, Berhampur was on Dt. 08.12.2022. Since only one firms have submitted the tender with in due period, hence the last date for submission of tender is extended upto Dt. 16.12.2022 by 05.00 PM and will be opened on the same date (i.e. Dt.16.12.2022 at 05.00 PM). The other terms & conditions in the tender remains unaltered.

**Sd./- Dean & Principal, MKCG Medical College, Berhampur**
OIPR-10013/11/0022/2223

## WORKS DEPARTMENT No.B-958:
## OFFICE OF THE EXECUTIVE ENGINEER MAYURBHANJ (R&B) DIVISION, BARIPADA

e-mail - bpd_eerb@rediffmail.com
**Government of Odisha "e" Procurement Notice**
**Bid Identification No.-E.E.-60 /2022-23**

1. Number of works - 07 (Seven) number of works.
2. Approximate estimated cost: - 31.92 Lakh to 33.97 Lakh
3. Period of Completion: - 3 (Three) Calendar month
4. Date & Time of availability of bid documents in the portal:- Dt. 14.12.2022 to 23.12..2022
5. Last Date / Time of receipt of bid in the portal:- Dt. 23.12.2022 up to 4.00 PM
6. Date of Opening of bid :- Dt. 26.12.2022 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

**Sd./- Executive Engineer**
**Mayurbhanj (R&B) Division**
OIPR-34025/11/0016/2223

## GOVERNMENT OF ODISHA
## DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES

**No.9265/SSEPD** **Dt.09.12.2022**
**PT1-SSEPD-DA3-ADM-0003-2017**

**NOTICE**

**No.gg-76:**Application is hereby invited for appointment of State Commissioner for Persons with Disabilities (SCPD). Details of this notice containing required educational qualification, age, experience etc. and other terms and conditions of appointment are available at the website www.ssepd.gov.in. Interested persons may submit their application in plain paper along with biodata and other supporting documents, addressed to the Commissioner-cum-Secretary to Government, Social Security & Empowerment of Persons with Disabilities Department by dt 31.01.2023.

**Sd/-**
**Additional Secretary to Government**
**OIPR-46001/11/0033/2223**

## NOTIFIED AREA COUNCIL

BELLAGUNTHA-761119 (GANJAM), Phone No.06821-258244
Sri. S.Rakesh Kumar Patra (ORS), Executive Officer
**ବିଜ୍ଞାପିତ ଅଞ୍ଚଳ ପରିଷଦ**
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ), ଦୂରଭାଷ:୦୬୮୨୧-୨୫୮୨୪୪
ଶ୍ରୀ.ଏସ୍.ରାକେଶ କୁମାର ପାତ୍ର (ଓ.ରା.ସେ)
କାର୍ଯ୍ୟନିର୍ବାହୀ ଅଧିକାରୀ
E-mail ID: eonacbellaguntha@gmail.com
**L.No.1797//** **Date:09.12.2022**

**NOTICE INVITING EXPRESSION OF INTEREST/QUOTATION**

**No.C-1862:**Executive Officer, on behalf of Bellaguntha NAC, Dist-Ganjam invites quotations from the Reputed Firms/ Agencies/ Enterprisers/ Any other agencies having valid GST registration certificate, PAN and experience for the supply of

1. **Supply of different plants, Lawn grass and flowerpots etc.**
2. **Supply of Boating equipment including Jetty etc.**
3. **Supply of branded bicycle of BSA/AVON/HERO/ATLAS etc make with standard specification along with carrier, chain cover and basket including stickering 8x8 inches durable and water proofing quality**.

The Quotationer should receive the quotation paper from the Development Section of NAC Bellaguntha by paying a quotation fee of Rs.500/- only. The quotation paper will be sold during office hours from 09.12.2022 to 22.12.2022 up to 01.00PM. The Quotationer should submit the quotation on or before 22.12.2022 till 03.00 PM. The quotations will be opened on the same day i.e. 22.12.2022 at 04.30PM. For detailed inquiry shall visit NAC Office during office hours.

The undersigned reserves the rights to accept or reject any or all the E.O.I proposal without assigning any reason thereof.

**Sd./- Executive Officer, NAC, Bellaguntha**
OIPR-13113/11/0035/2223

## OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR-760 004, GANJAM, ORISSA

No.12488/MCB-2022/Welfare/.Dated. Berhampur the 9th December,2022

**TENDER CALL NOTICE**

**No.E-714:**Sealed Tenders are invited from the Registered firms for "Up-Gradation of Medical Equipments" for MRU MKCG Medical College, Berhampur in two bid system (Technical & Financial) so as to reach the office of the undersigned within Twenty One days from the date of publication of the advertisement till 5 P.M. The detailed Tender paper, Terms & Conditions and requirement can be obtained from the office of the undersigned on payment of Rs.5000/- cash (non-refundable) at the Accounts Section. The details are also available in the website mkcgmch.org. Those who will download the tender documents from Website should enclose a DD for Rs.5000/- towards cost of Tender paper in favour of Dean & Principal, MKCG Medical College, Berhampur payable at the S.B.I, MCC Branch, Berhampur.

The undersigned reserves the right to cancel of the Tender in full or parts at any time without assigning any reason thereof.

**Sd./- Dean & Principal**
**MKCG Medical College, Berhampur**
**OIPR-10013/11/0021/2223**

## RFP for Bio mining of Legacy Waste Dumpsites in Sambalpur, Odisha

**'e' Procurement NOTICE**

**Bid Identification No.: 25/SMC_SBP/2022-23/SMC_SBP/2022-23**

No. C-1874:- The Municipal Commissioner on behalf of Municipal Corporation, Sambalpur invites tenders in two bid Cover System **(Part-I: General & Technical Bid and Part-II: Price Bid)**. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

| | | |
|---|---|---|
| 1. | Name of the work | **Bio Mining of Legacy Waste Dumpsites in Package-II (Sambalpur ULB) (Approx. Quantity: 1.50 Lakh Metric Ton, in toto)** |
| 2. | Cost of bid document | **Rs.10,000/- (Rupees Ten Thousand Only) + GST 12%** |
| 3. | Period of Completion | **287 days** |
| 4. | Date and time availability of bid documents in the portal | **From 11.00 Hrs. of 07.12.2022 to 17.00 Hrs. of 06.1.2023** |
| 5. | Last date and time for submission of pre proposal query | **17.00 Hrs. of 14.12.2022** |
| 6. | Name and address of the officer inviting bid | **Commissioner, Sambalpur Municipal Corporation, Durgapali, Sambalpur, 768006** |

1. EMD is exempted as per the finance department Office Memorandum No.8484/F, dt.05.04.2022
2. Other details can be seen in the bidding documents, which is available in website **www.tendersodisha.gov.in**

**Sd./- Commissioner, Sambalpur Municipal Corporation**
OIPR-13122/11/0078/2223

## GOVERNMENT OF ODISHA
## OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA), POWER HOUSE SQUARE, UNIT-V, BHUBANESWAR

Corrigendum EoI Document

**PH:-0674-2394873, FAX-2391255/2391014**
**Email: sdaorissa@nic.in., eic-epcei@nic.in**

**Corrigendum Expression of Interest:**

No.AA-26:This Corrigendum Expression of Interest (EoI) Document is invited for Supply, Installation, Commissioning and Maintenance of Energy Efficient Lighting (RGB) as part of Temple beautification at Jagannath Temple, Koraput as a demonstration project.

The Engineer-in-Chief (Electricity) -cum- Principal Chief Electrical Inspector, Govt. of Odisha has been functioning as the State Designated Agency (SDA) to coordinate, regulate and enforce provisions of the Energy Conservation Act-2001 within the State. The organization works as a facilitator for the promotion and implementation of various Energy Conservation activities as mandated under the Energy Conservation Act 2001 in the state, by coordinating with Bureau of Energy Efficiency (BEE), Central Govt., State Govt., private organizations and other stake holders. The SDA works as an extended arm of the BEE for various energy conservation activities in the State.

Interested parties may submit their Corrigendum EoI on their own Official Letter Head duly signed by the authorised signatory. The documents are to be sent in a sealed envelope addressed to EIC (Elecy) -cum- PCEI (O).

The Corrigendum EoI document may be downloaded from the website: http://eicelectricityodisha.nic.in/ or may be obtained from office of the Engineer in Chief (Electricity) -cum- Principal Chief Electrical Inspector, Odisha, Power House Square, Unit-V, Bhubaneswar on payment of Rs.200/- (Rupees Two Hundred) only. The payment shall be accepted in shape of demand draft or banker's cheque drawn on any Nationalized Bank, payable at Bhubaneswar in favour of the Executive Engineer (P&M) -cum-Deputy Electrical Inspector, Office of the Engineer in Chief, Electricity -cum- Principal Chief Electrical Inspector, Odisha, Bhubaneswar.

**NB: Only organizations participating in this EOI and shortlisted as per the EOI can participate in the further selection process.**

In case of downloading the Corrigendum EoI document from our website: http://eicelectricityodisha.nic.in/, the bidder has to submit EoI document fee of Rs.200/- (Rupees Two Hundred) only in shape of the demand draft or banker's cheque drawn on any Nationalized Bank, payable at Bhubaneswar in favour of Executive Engineer (P&M) -cum- Deputy Electrical Inspector, office of the Engineer in Chief (Electricity) -cum- Principal Chief Electrical Inspector, Odisha, Bhubaneswar with an intimation in writing to this office on the email address or postal address mentioned below.

Last Date for Submission of Corrigendum EoI: 15.12.2022,
You may contact SDA, ODISHA at Tel: 0674-2394873,
Email: sdaorissa@nic.in
Postal Address: EIC (Elecy) -cum- PCEI,
Unit-V, Vidyut Marg, Power House Square,
Bhubaneswar-751001

**Sd/-Engineer-In-Chief,**
**Electricity-Cum-Principal Chief Electrical Inspector**
**Government of Odisha, Bhubaneswar**
**OIPR-04068/11/0010/2223**

## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା
## OFFICE OF THE NOTIFIED AREA COUNCIL, BALIMELA

At/Po- Balimela, Dist.- Malkangiri-764051, Mail Id: eonacbalimela@gmail.com
Lr. No.4857/22/NAC Dtd. 08.12.2022

**QUOTATION CALL NOTICE**

**No.C-1863:-** Sealed Quotations are invited from the intending Suppliers / dealers for supply of Bicycles of branded company having ISI brand for Ladies engaged through Mission Shakti Groups in this NAC. The intending Suppliers / dealers are requested to apply in the prescribed format available in this NAC by depositing a sum of Rs.1000/- (Rupees One Thousand) only in cash for the period from 12.12.2022 to 19.12.2022 during the office hours. The last date of receipt of the quotation is 20.12.2022 at 2.00 P.M. through registered / Speed post only and the same will be opened on the same day i.e. 20.12.2022 at 4.00 P.M. in the office chamber of the undersigned. The bidders should furnish the registration certificate / VAT / PAN etc. and also furnish the rate inclusive of all taxes, Guarantee card and one year maintenance charge along with Rs.5000/- (Rupees Five Thousand) only in favour of Executive Officer, NAC Balimela payble at Balimela as EMD. Th successful bidders shall supply the Bicycle within 07 (Seven) days positively. Any kind of manufacturing defect shall be immediately replaced. Above all the rate shall be compared with the market price if excess rate is stands for L1(one).

The undersigned reserves the right for modification / cancellation of the quotation without giving any notice or reason thereof.

**Sd./- Executive Officer**
**NAC, Balimela**
OIPR-13140/11/0012/2223

## GOVERNMENT OF ODISHA No. A-837
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER

**Rushikulya Bahuda Basin, Berhampur - 760004**
**e-mail id: se_sicbam@yahoo.com**

**e-Procurement Notice No. ACE, RBB - 34/2022-23**

1. Type of Work : System Improvement Work
2. Total No. of Works : 01 (One) No.
3. Amount put to tender : Rs.966.28 lakh
4. Period of Completion : 12 (Twelve) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BEID) - 89/2022-23 | 966.28 | From 14.12.2022, 10.00 A.M. to 29.12.2022, 5.00 P.M. |

Date of Opening of the Technical Bid : 30.12.2022 at 11.30 A.M. Further details can be seen from the Govt. website **www.tendersodisha.gov.in**.

**Sd./- Additional Chief Engineer**
OIPR-32411/11/0048/2223 **Rushikulya Bahuda Basin, Berhampur**

## BERHAMPUR MUNICIPAL CORPORATION, GANJAM

**INVITATIONS FOR BIDS (IFB)**

**Letter No. 15017/** **Date: 08.12.22**

**Invitation for Bids**

**COMPETITIVE BIDDING THROUGH E-PROCUREMENT**

**Bid Identification No. BMC (BAM):- 268/2022-2023**

**No. C-1871:-**

| | | |
|---|---|---|
| 1 | **The Municipal Commissioner, Berhampur invites percentage rate bids in ONLINE MODE only, as per annexure "A"** | |
| 2 | **Nature of work** | **Civil Works** |
| 3 | **No. of work** | **2 Nos.** |
| 4 | **Bid Cost.** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6 | **Class of Contractor** | As per the Annexure "A" |
| 7 | **Availability of Bid Documents in the website** | From 15.05 hrs. of **Dt.09.12.2022** to 17.00 hrs. of **26.12.2022** |
| 8 | **Date & Time of Opening of the Bids** | 11.30 hrs. onwards on **Dt. 27.12.2022** |
| 9 | **Mode of submission of tender** | Tender should be submitted Online in **www.tendersorissa.gov.in** |
| 11 | **The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | |

**Sd./- Commissioner,**
**Berhampur Municipal Corporation**
OIPR-13035/11/0058/2223 **Berhampur, Odisha**

## ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
## DIRECTORATE OF FISHERIES, ODISHA, CUTTACK

**Ph.: 0671-2414061, Fax: 0671-2410521**
**E-mail Id: director.odifish@gmail.com**
**Letter No. 18004/DOF-IE-MISC-0009/2020 Dated: 08 December 2022**

**Expression of Interest (EoI) for taking up reservoir cage culture in Rengali Reservoir, Odisha from Interested and eligible PFCS/Fish Farmers/Self Help Group/Private Enterpreneur/Companies on Lease-Install-Operate Basis**

No. M-64: Director of fisheries, Odisha, Cuttack, invites sealed Expression of Interest (EoI) for taking up reservoir cage culture in Rengali Reservoir, Odisha from interested and eligible PFCS/ Fish Farmers/Self Help Group/Private Entrepreneur/Companies on Lease-Install-Operate Basis. Applicants are advised to go through the EoI document carefully before filling up the application form. Filled up application form shall be submitted along with required document and fees. There is no time limit for submission of EoI. The EoI shall be opened every month till the exhaustion of all zones. The details of criteria, submission requiement, objective, scope of work etc. is available in website of **www.odishafisheries.nic.in** and **www.fishfedodish.com**.

Sealed envelope containing EoI application along with all relevant documents should be submitted to below address, mentioning "Expression of Interest (EoI) for taking up reservoir cage culture in Rengali Reservoir, Odisha from interested and eligible PFCS/Fish Farmers/Self Help Group/Private Entrepreneur/Companies on Lease-Install-Operate Basis" on the top of envelope. Director of Fisheries reserves the right to fix/alter the date of opening of EoI and also to reject any all the EoI without assigning any reason whatsoever.

The Director of Fisheries, Odisha, Cuttack
Directorate of Fisheries,
Mangalabag, Cuttack - 753001

**OIPR-06015/11/0031/2223** **Sd./- Director of Fisheries**

See Career Appointment on every Wednesday & Saturday

## GOVERNMENT OF ODISHA
## OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL, CHIEF ELECTRICAL INSPECTOR, ODISHA

**UNIT - V, POWER HOUSE SQUARE, BHUBANESWAR**
**Tel.: 0674-2394873, Fax: 0674-2391255**
**Email: eic-epcei@nic.in**

ନମ୍ବର: **5409** **ସୂଚନା** ତା: **08.12.2022**

No.AA-27:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ୩୦।୧୧।୨୦୨୨ ତାରିଖରେ ଏକ ରିଜୋଲ୍ୟୁସନ (No. ENG-BUD-ED-0005-2019/11797) ପ୍ରକାଶ କରାଯାଇଅଛି। ଏତଦ୍ୱାରା ଏକକାଳୀନ ସମାଧାନ (OTS) ଯୋଜନା ମାଧ୍ୟମରେ କ୍ୟାପ୍ଟିଭ୍ ଉପଭୋକ୍ତାଙ୍କ ଉପରେ ୩୧।୦୩।୨୦୨୨ ସୁଦ୍ଧା ଥିବା ବକେୟା ବିଦ୍ୟୁତ୍ ଶୁଳ୍କର (Electricity Duty) ଆପୋସ ସମାଧାନ ହୋଇପାରିବ। ଏହି ଯୋଜନା କାର୍ଯ୍ୟକାରୀ ନିମନ୍ତେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା, ଏକ ପରିଚାଳନାଗତ ମାର୍ଗଦର୍ଶିକା (Operational Guidelines) ତା୦୭।୧୨।୨୦୨୨ରେ ଜାରି କରିଛନ୍ତି। ଏହି ଯୋଜନାଟି ପରିଚାଳନାଗତ ମାର୍ଗଦର୍ଶିକା (Operational Guidelines) ଜାରି ହେବାର ଦିନଠାରୁ ଦୁଇ ମାସର ସୀମିତ ସମୟ (ତା୦୬।୦୨।୨୦୨୩ ପର୍ଯ୍ୟନ୍ତ) ପାଇଁ ଖୋଲା ରହିବ। ଏହି ରିଜୋଲ୍ୟୁସନ ଏବଂ ପରିଚାଳନାଗତ ମାର୍ଗଦର୍ଶିକା (Operational Guidelines)ର ସମ୍ପୂର୍ଣ୍ଣ ସୂଚନା ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କ ୱେବସାଇଟ୍ **https://eicelectricityodisha.nic.in**ରେ ଉପଲବ୍ଧ। ଏହି ସୂଚନା ମାଧ୍ୟମରେ ବକେୟା ବିଦ୍ୟୁତ୍ ଶୁଳ୍କରୁ ଲାଭ ପାଇବାକୁ ଚାହୁଁଥିବା କ୍ୟାପ୍ଟିଭ୍ ଉପଭୋକ୍ତାମାନେ ସମୟସୀମା ମଧ୍ୟରେ ଏହି ଯୋଜନା ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ କରାଯାଉଛି।

**ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-**
**ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା**
**OIPR-04004/11/0008/2223**

## OFFICE OF THE MUNICIPAL COUNCIL, ANANDAPUR

**Mail Id: executiveofficer_andp@rediffmail.com**
**Phone No.: 06731240088**

**SHORT QUOTATION CALL NOTICE**

**No. 4858** **Dt.09.12.2022**

No. C-1854: Sealed quotations are invited from reputed firms/ Suppliers/Whole Sellers/Dealers for supply of Branded Lady Bi-Cycle of BSA/AVON/HERO make with standard specification along with carrier, chain covered and basket with front sticker size (8" × 8") in Anandapur Municipality Office building. The quotationers have to submit their quoted rates in detail in plain paper and other required documents i.e. GST registration certificate, PAN Card & Trade Licence & Dealers Licence etc. before the undersigned on or before Dt.15.12.2022 upto 3.00 P.M. with Regd. Post or by person and the same quotation will be opened on the next day at 11.00 A.M. in the presence of the tender committee members and the quotationers or their representatives. The quotation will not be entertained after stipulated date & time. The authorized reserve the rigth to accept or reject any or all quotation without assigning any reason thereof.

**SERVICE SPECIFICATION**

| Sl. No. | Name of the Item | Unit | Rates to be Quoted excluding GST Taxes (In Rs.) |
|---|---|---|---|
| 1 | 2 | 3 | 4 |
| 1 | LADY BI-CYCLE (of BSA/AVON/ HERO make with standard specification along with carrier, chain covered and basket with front sticker size (8" × 8") | 1 (One) | |

**Sd./- Executive Officer, Anandapur Municipality**
**OIPR-13049/11/0008/2223**


କାତାର ଫିଫା ଫୁଟ୍‌ବଲ ବିଶ୍ୱକପ୍‌ରେ ଶନିବାର ପର୍ତ୍ତୁଗାଲ ଏବଂ ମରକ୍କୋ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆର୍ଜେଣ୍ଟିନା ସେମିଫାଇନାଲରେ

ଦୋହା, ୧୦।୧୨

ଚଳିତ ଫିଫା ବିଶ୍ୱକପର ସେମିଫାଇନାଲରେ କ୍ରୋଏସିଆକୁ ଭେଟିବ ଆର୍ଜେଣ୍ଟିନା। ଶୁକ୍ରବାର ୨ଟି ଯାକ କ୍ୱାର୍ଟର ଫାଇନାଲ ପେନାଲ୍ଟି ଶୁଟ୍ ଆଉଟରେ ମୀମାଂସା ହୋଇଥିଲା। ବ୍ରାଜିଲକୁ କ୍ରୋଏସିଆ ୪-୨ ଗୋଲରେ ହରାଇଥିବାବେଳେ ଆର୍ଜେଣ୍ଟିନା ୪-୩ ଗୋଲରେ ନେଦରଲାଣ୍ଡ୍ସକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

ଲୁସେଲ ଷ୍ଟାଡିୟମରେ ଆର୍ଜେଣ୍ଟିନା ଆରମ୍ଭରୁ ଆକ୍ରମଣ କରି ଖେଳିଥିଲା। ମିଡ୍‌ଫିଲ୍ଡରୁ ବଲ୍ ନେଇ ଆସିଥିବା ଲିଓନେଲ ମେସି ମ୍ୟାଚର ୩୫ତମ ମିନିଟରେ ନେଦରଲାଣ୍ଡ୍ସ ବକ୍ସ ମଧ୍ୟରେ ଥିବା ନାହୁଏଲ ମୋଲିନାଙ୍କ ନିକଟକୁ ପାସ୍ ଦେଇଥିଲେ। ମୋଲିନା ଧୈର୍ଯ୍ୟର ସହ ବଲ୍‌କୁ ନିୟନ୍ତ୍ରଣରେ ରଖି ଅତି ଚତୁରତାର ସହ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ୨୫ତମ ମ୍ୟାଚ ଖେଳୁଥିବା ମୋଲିନାଙ୍କର ଏହାଥିଲା ପ୍ରଥମ ଗୋଲ। ୭୩ତମ ମିନିଟରେ ପେନାଲ୍ଟି ଗୋଲ ବଳରେ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନକୁ ମେସି ୨-୦ରେ ପହଞ୍ଚାଇଥିଲେ। ୭୧ତମ ମିନିଟରେ ଆର୍ଜେଣ୍ଟିନାର ଆକୁନାଙ୍କୁ ନେଦରଲାଣ୍ଡ୍ସର ଡୁମ୍‌ଫ୍ରିସ ଫାଉଲମାରି ତଳେ ପକାଇ ଦେଇଥିଲେ। ଏହା ରେଫରିଙ୍କ ନଜରକୁ ଆସିଥିଲା ଏବଂ ସେ ନେଦରଲାଣ୍ଡ୍ସକୁ ଦଣ୍ଡସ୍ୱରୂପ ଆର୍ଜେଣ୍ଟିନାକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ମେସିଙ୍କ ପେନାଲ୍ଟି ଶଟ୍ ଏତେ ତୀବ୍ର ଥିଲା ଯେ ନେଦରଲାଣ୍ଡ୍ସ ଗୋଲକିପର ହଲିବାର ସୁଯୋଗ ପାଇ ନ ଥିଲେ। ଶେଷ ଭାଗରେ କାଉଣ୍ଟର ଆଟାକ୍ କରି ଖେଳିଥିଲା ନେଦରଲାଣ୍ଡ୍ସ। ବର୍ଘୁଇସ ଡିପ୍‌ରୁ ଦେଇଥିବା କ୍ରସ୍‌ପାସ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ୱଟ ୱେଘୋର୍ଷ୍ଟ। ନେଦରଲାଣ୍ଡ୍ସର ନାଥନ ଆକେ ୮୮ତମ ମିନିଟରେ ଆର୍ଜେଣ୍ଟିନାର ଲିଆଣ୍ଡ୍ରୋ ପରେଦେଶଙ୍କୁ ଫାଉଲ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପରଦେଶ ଡଚ୍ ବେଞ୍ଚ୍ ଆଡ଼କୁ ବଲ୍‌କୁ କିକ୍ ମାରିଥିଲେ। ଫଳରେ ନେଦରଲାଣ୍ଡ୍ସ ବେଞ୍ଚ୍‌ରେ ରହିଥିବା ଖେଳାଳିମାନେ ଚାଲିଆସିବାରୁ କିଛି ସମୟ ଠେଲାପେଲା ହୋଇଥିଲା। ଶେଷରେ ରେଫରି ପରେଦେଶଙ୍କୁ ୟେଲୋ କାର୍ଡ ଦେଖାଇବାରୁ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଥିଲା ଏବଂ ଖେଳ ଜାରି ରହିଥିଲା। ୧୧ ମିନିଟର ଇଞ୍ଜୁରି ଟାଇମ୍‌ରେ ଅସଲ ଖେଳ ଦେଖାଇଥିଲା ନେଦରଲାଣ୍ଡ୍ସ। ମ୍ୟାଚ ଶେଷ ହେବାର ଅଳ୍ପକିଛି ସେକେଣ୍ଡ ପୂର୍ବରୁ ଅର୍ଥାତ୍ ୯୦+୧୧ତମ ମିନିଟରେ ନେଦରଲାଣ୍ଡ୍ସକୁ ଏକ ଫ୍ରିକିକ୍ ମିଳିଥିଲା। କୁପ୍‌ମିନେର୍ସ ଆର୍ଜେଣ୍ଟିନା ଗୋଲପୋଷ୍ଟକୁ ବଲ୍ ନ ମାରି ୱେଘୋର୍ଷ୍ଟଙ୍କୁ ପାସ୍ ଦେଇଥିଲେ। ୱେଘୋର୍ଷ୍ଟ ତାହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା।

## ମ୍ୟାଚ୍ ସମୟରେ ସାମ୍ବାଦିକଙ୍କ ମୃତ୍ୟୁ

ଲୁସେଲ୍, ୧୦।୧୨(ପି.ଟି.): ବରିଷ୍ଠ ଫୁଟବଲ ସାମ୍ବାଦିକ ଗ୍ରାଣ୍ଟ ୱାହଲ ଫିଫା ବିଶ୍ୱକପରେ ପ୍ରାଣ ହରାଇଛନ୍ତି। ଶୁକ୍ରବାର ଆର୍ଜେଣ୍ଟିନା ବନାମ ନେଦରଲାଣ୍ଡ୍ସ ମ୍ୟାଚ ସମୟରେ ଏହି ଅଘଟଣ ଘଟିଥିଲା। ମ୍ୟାଚ ଅତିରିକ୍ତ ସମୟରେ ଥିବା ସମୟରେ ନିଜ ସିଟ୍‌ରୁ ଗଳି ପଡିଥିଲେ ୱାହଲ। ତାଙ୍କୁ ତୁରନ୍ତ ଡାକ୍ତରୀ ସୁବିଧା ପ୍ରଦାନ କରାଯାଇଥିଲେ ହେଁ ତାଙ୍କର ପରଲୋକ ଘଟିଥିଲା। ୱାହଲ ଆମେରିକା ମିଡିଆ ଟିମ୍ ନିକଟରେ ବସିଥିବା ବେଳେ ଅଚାନକ ଗଳି ପଡିଥିଲେ। ଏହାପରେ ତାଙ୍କୁ ଜରୁରିକାଳୀନ ଚିକିତ୍ସା ପ୍ରଦାନ କରାଯିବା ପରେ ମୃତ ଘୋଷଣା କରାଯାଇଥିଲା। ତାଙ୍କ ମୃତ୍ୟୁରେ ଆମେରିକୀୟ ଫୁଟବଲ ଫେଡେରେଶନ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଫୁଟବଲ ସମ୍ପର୍କରେ ନିର୍ଭୁଲ ଖବର ପ୍ରଦାନରେ ତାଙ୍କର ଅବଦାନ ଅପୂରଣୀୟ ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି। ଗ୍ରାଣ୍ଟଙ୍କ ଚମତ୍କାର ଲେଖା ଆଉ ଆମକୁ ପଢିବାକୁ ମିଳିବ ନାହିଁ ବୋଲି ମଧ୍ୟ ଲେଖାଯାଇଥିଲା। ବୁଧବାର ଗ୍ରାଣ୍ଟ ୪୯ ବର୍ଷରେ ପଦାର୍ପଣ କରିଥିଲେ।

# ଏଥର ମେସିଙ୍କ ବିଶ୍ୱକପ୍

୧୯୮୬ରେ ମାରାଡୋନାଙ୍କ ବିଶ୍ୱକପ୍ ଥିଲା। ଏଥର କିନ୍ତୁ ଲିଓନେଲ ମେସିଙ୍କର। ତାଙ୍କ ନାମରେ ରହିଥିବା ରେକର୍ଡ ଓ ତାଙ୍କ ଫୁଟ୍‌ବଲ ନେତୃତ୍ୱକୁ ନେଇ ଆଉ ଆଲୋଚନା କରିବା ଦରକାର ନାହିଁ। ତାଙ୍କ ମ୍ୟାଜିକ ବଳରେ ଆର୍ଜେଣ୍ଟିନା ସେମିଫାଇନାଲରେ ପ୍ରବେଶ କରିସାରିଛି। ଲୁସେଲ ଷ୍ଟାଡିୟମରେ ନେଦରଲାଣ୍ଡ୍ସକୁ ପେନାଲ୍ଟିରେ ପରାସ୍ତ କରିବା ପରେ ଆର୍ଜେଣ୍ଟିନା ଜାତୀୟ ଦଳ ବର୍ତ୍ତମାନ ସେମାନଙ୍କର ସ୍ୱପ୍ନଠାରୁ ଆଉ ମାତ୍ର ଦୁଇଟି ମ୍ୟାଚ ଦୂରରେ ରହିଛି। ମେସି ତାଙ୍କ ବିଶ୍ୱକପ୍ ଯାତ୍ରା ୨୦୦୬ରେ ଜର୍ମାନୀରୁ ଆରମ୍ଭ କରିଛନ୍ତି। ତାଙ୍କ ପାଖରେ ଏବେ ମଧ୍ୟ କିଛି ଖେଳ ବାକି ରହିଛି। କେବଳ ପ୍ରଦର୍ଶନ ନୁହେଁ ଦଳକୁ ସଫଳ ନେତୃତ୍ୱ ଦେବାର ପରାକାଷ୍ଠା ସେ ଦେଖାଇଛନ୍ତି। ଶୁକ୍ରବାର ମ୍ୟାଚରେ ଏହା ଦେଖିବାକୁ ମିଳିଥିଲା। ନାହୁଏଲ୍ ମୋଲିନାଙ୍କୁ ଗୋଲ ସ୍କୋର କରାଇବାରେ ସେ ସହାୟତା କରିଥିଲେ। ପେନାଲ୍ଟି ସ୍ପଟ୍‌ରୁ ତାଙ୍କ ଗୋଲ୍ ବାସ୍ତବିକ ଚିତ୍ତାକର୍ଷକ ଥିଲା। ଆର୍ଜେଣ୍ଟିନା ନିର୍ଦ୍ଧାରିତ ସମୟ ଖେଳର ଶେଷ ୧୦ରୁ ୧୫ ମିନିଟ ମଧ୍ୟରେ ଦୁଇଟି ଗୋଲ ବରଣ କରିବା ଅପ୍ରତ୍ୟାଶିତ ଥିଲା, ଯେଉଁଥିପାଇଁ ମ୍ୟାଚର ଫଳାଫଳ ପେନାଲ୍ଟି ଶୁଟ୍‌ଆଉଟରେ ନିରୂପିତ ହୋଇଥିଲା। ଏଥରୁ ଗୋଟିଏ କଥା ଶିକ୍ଷା କରିବା କଥା ଯେ, ଗୋଲ ସ୍କୋର ପରେ ଦଳ ଯେତେବେଳେ ଆଗୁଆ ରହିଛି ଏହା କିପରି ବଜାୟ ରଖିହେବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ଅନ୍ୟ ମ୍ୟାଚ ଅମୀମାଂସିତ ରହିବା ପରେ ଯେଉଁ ଢଙ୍ଗରେ ଆର୍ଜେଣ୍ଟିନା ଜିତିଲା ତାହା ଦଳକୁ ଅଧିକ ଶକ୍ତିଶାଳୀ କରିବ। ଗୋଲକିପର 'ଡିବୁ ମାର୍ଟିନେଜ'ଙ୍କ ପ୍ରଦର୍ଶନ ଖୁବ୍ ଉଚ୍ଚକୋଟୀର ଥିଲା। ସେ ଦର୍ଶକଙ୍କ ମନ କିଣି ନେଇଥିଲେ। ଆର୍ଜେଣ୍ଟିନାର ଭାଗ୍ୟ ଟାଣ ଥିଲା, ତେଣୁ ଏହି ମ୍ୟାଚ ଜିତିନେଲା। କିନ୍ତୁ ଅନ୍ୟ ଲାଟିନ ଆମେରିକାନ୍ ଟିମ୍ ବ୍ରାଜିଲ ଗତଥରର ରନରଅପ୍ କ୍ରୋଏସିଆଠାରୁ ଦୁର୍ଭାଗ୍ୟଜନକ ଭାବେ ପ୍ରତିଯୋଗିତାରୁ ବିଦାୟ ନେଇଛି, ଯେଉଁ ଦଳକୁ ଏଥର ଟପ୍ ଫେଭରାଇଟ ବିବେଚନା କରାଯାଉଥିଲା। ୟୁରୋପିଆନ ଟିମ୍ କ୍ରୋଏସିଆ ପ୍ରମାଣିତ କରିଦେଲା ୨୦୧୮ ରନରଅପ୍ ଦଳକୁ ଅତିକ୍ରମ କରିବା ସହଜ ନୁହେଁ। ଲୁକା ମୋଡ୍ରିକ ପ୍ରମାଣ କରି ଦେଖାଇ ଦେଲେ ତାଙ୍କୁ ୩୭ ବର୍ଷ ବୟସ ହୋଇଥିଲେ ମଧ୍ୟ ସେ କାହିଁକି ଏବେ ମଧ୍ୟ ଅନ୍ୟମାନଙ୍କଠାରୁ ଆଗରେ ରହିଛନ୍ତି।

(ଟିଭାକ୍ ସ୍ପୋର୍ଟ୍ସ)


ଜର୍ଜ ବୁରୁଚାଗା

## ପର୍ତ୍ତୁଗାଲ୍‌କୁ ହରାଇ ମରକ୍କୋ ସେମିଫାଇନାଲରେ

ଦୋହା, ୧୦।୧୨ (ଏପି)

ଶନିବାର ପର୍ତ୍ତୁଗାଲ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ମରକ୍କୋ ପ୍ରଥମ ଆଫ୍ରିକୀୟ ଦେଶ ଭାବେ ଫୁଟ୍‌ବଲ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ୟୁସେଫ୍ ଏନ୍ ନେସିରି ଖେଳର ୪୨ତମ ମିନିଟ୍‌ରେ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ପୂର୍ବରୁ ଆଫ୍ରିକୀୟ ଦଳ ଭାବେ କାମେରୁନ୍ (୧୯୯୦), ସେନେଗାଲ୍ (୨୦୦୨) ଓ ଘାନା (୨୦୧୦) କେବଳ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇ ପାରିଥିଲେ, ମାତ୍ର ଆଗକୁ ବଢ଼ିପାରି ନ ଥିଲେ। ପର୍ତ୍ତୁଗାଲ୍‌ର ଷ୍ଟାର ଖେଳାଳି ୩୭ ବର୍ଷୀୟ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଖେଳର ୫୧ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ଓହ୍ଲାଇଥିଲେ। ୫ଥର ବିଶ୍ୱ ପ୍ଲେୟର ଅଫ୍ ଦି ଇୟର ବିବେଚିତ ଏହି ଖେଳାଳି ଥରେ ହେଲେ ବିଶ୍ୱକପ୍ ଜିତିପାରି ନାହାନ୍ତି। ଏପରିକି ସେ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ମରକ୍କୋ ସେମିଫାଇନାଲରେ ଫ୍ରାନ୍ସ କିମ୍ବା ଇଂଲଣ୍ଡକୁ ଭେଟିବ।

# ଶୁଟ୍ ଆଉଟରେ ଷ୍ଟାର ମାର୍ଟିନେଜ୍

ଲୁସେଲ୍, ୧୦।୧୨(ପି.ଟି.)

ଆର୍ଜେଣ୍ଟିନାର ଗୋଲରକ୍ଷକ ଏମିଲିଆନୋ ମାର୍ଟିନେଜ ଦେଶ ପାଇଁ ହିରୋ ପାଲଟି ଯାଇଛନ୍ତି। ନେଦରଲାଣ୍ଡ୍ସ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ପେନାଲ୍ଟି ଶୁଟ୍‌ଆଉଟରେ ସେ ଦଳକୁ ବିଜୟୀ କରିଥିବା ବେଳେ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ତେବେ ଆର୍ଜେଣ୍ଟିନାର ଏହି ଷ୍ଟାର ଗୋଲରକ୍ଷକ ପ୍ରଥମଥର ପାଇଁ ଏଭଳି ପ୍ରଦର୍ଶନ କରିନାହାନ୍ତି, ଏହା ପୂର୍ବରୁ ମଧ୍ୟ ସେ ଜାତୀୟ ଦଳ ପାଇଁ ଏମିତି କାରନାମା ଦେଖାଇଛନ୍ତି। ଶୁକ୍ରବାର ଅତିରିକ୍ତ ସମୟ ସୁଦ୍ଧା ମ୍ୟାଚ୍ ୨-୨ରେ ରହିବା ପରେ ପେନାଲ୍ଟି ଶୁଟ୍‌ଆଉଟର ସାହାରା ନିଆଯାଇଥିଲା। ମାର୍ଟିନେଜ୍ ଦୁଇଟି ଚମତ୍କାର ସେଭ୍ କରିବା ଯୋଗୁ ଆର୍ଜେଣ୍ଟିନା ୪-୩ରେ ମ୍ୟାଚ୍ ଜିତି ନେଇଥିଲା। ଅନ୍ୟପକ୍ଷରେ ଭିର୍ଜିଲ୍ ଭାନ୍ ଡିକ୍ ଓ ଷ୍ଟିଭେନ୍ ବେର୍ଗୁହିସଙ୍କ ଶଟ୍‌କୁ ରୋକିବାରେ ସଫଳ ହୋଇଥିଲେ ମାର୍ଟିନେଜ। ପ୍ରଥମ ୯୦ ମିନିଟ୍ ମୁଁ ଗୋଲ ସେଭ୍ କରି ନ ପାରିବାରୁ ମ୍ୟାଚ୍ ଏହି ସ୍ଥିତିରେ ପହଞ୍ଚିଥିଲା। ତେଣୁ ଶୁଟ୍‌ଆଉଟରେ ଅତିରିକ୍ତ ପ୍ରୟାସର ଆବଶ୍ୟକତା ରହିଥିଲା ବୋଲି ଜିତିବା ପରେ କହିଥିଲେ ମାର୍ଟିନେଜ୍। ଏହା ପୂର୍ବରୁ କୋପା ଆମେରିକା ସେମିରେ ମଧ୍ୟ ସେ ସମାନ ଭାବରେ ଆର୍ଜେଣ୍ଟିନାକୁ ବିଜୟୀ କରାଇଥିଲେ। ଉକ୍ତ ଟୁର୍ନାମେଣ୍ଟ ସେମିରେ ଆଷ୍ଟନ ଭିଲ୍ଲା ଗୋଲକିପର ଏକ ଅଣ ପାରମ୍ପରିକ ତରିକା ଆପଣେଇଥିଲେ। ସେ ଡେଭିନସନ୍ ସାଞ୍ଚେଜ, ୟେରୀ ମିନା ଓ ଏଡ୍‌ୱିନ କାର୍ଡୋନାଙ୍କ ଗୋଲ ରୋକିଥିଲେ। ଶୁଟଆଉଟର ଠିକ୍ ପୂର୍ବରୁ କଲମ୍ବିଆ ଖେଳାଳିଙ୍କୁ ଉସୁକାଇଥିଲେ ୩୦ ବର୍ଷୀୟ ମାର୍ଟିନେଜ୍। 'ମୁଁ ଦୁଃଖିତ କି ମୁଁ ତୁମ ଶଟ୍‌କୁ ରୋକିଦେବି' ବୋଲି ସାଞ୍ଚେଜ ଶଟ ମାରିବା ପୂର୍ବରୁ ସେ କହିଥିଲେ। ମିନା ଶଟ୍ ନେବା ପୂର୍ବରୁ ସେ କହିଥିଲେ 'ତୁମେ ହସୁଛ କାହିଁକି ନା ତୁମେ ନର୍ଭସ ଅଛ, ମୁଁ ତୁମକୁ ଜାଣିଛି'। ଏପରି କହିବା ସହିତ ସେ ଦୁଇଟି ଯାକ ଶଟ୍ ସେଭ୍ କରିଥିଲେ। ଏପରିକି ବେର୍ଗୁହିସଙ୍କ ପେନାଲ୍ଟି ଶଟ୍ ପୂର୍ବରୁ ମଧ୍ୟ ଏମିତି କିଛି ଡ୍ରାମା କରି ସମସ୍ତଙ୍କ ଧ୍ୟାନ ଭାଙ୍ଗିବାର ପ୍ରୟାସ କରିଥିଲେ। ଏପରିକି ମ୍ୟାଚ ପରେ ନେଦରଲାଣ୍ଡ୍ସ କୋଚ୍ ଲୁଇସ୍ ଭାନ୍ ଗାଲ୍ ଓ ମ୍ୟାଚ ରେଫରିଙ୍କୁ ସେ ସମାଲୋଚନା କରିଥିଲେ।



Business

# 'ଖଣି-ନିର୍ମାଣ ଶିଳ୍ପରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ନୂଆଦିଲ୍ଲୀ, ୧୦।୧୨

ବର୍ତ୍ତମାନ ସମୟରେ ଇସ୍ପାତ ଉତ୍ପାଦନ ଏବଂ ଆଲୁମିନା ରୂପାନ୍ତରର ମୂଲ୍ୟ ଦୃଷ୍ଟିରୁ ଭାରତ ଏକ ଅନନ୍ୟ ସୁବିଧାଜନକ ସ୍ଥିତିରେ ରହିଛି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତରେ ୧୪୨୫ଟି ଖଣି କାର୍ଯ୍ୟରତ ଥିବା ଆକଳନ କରାଯାଇଥିଲା। ସେଥିରେ ୫୨୫ଟି ଧାତବ ଖଣିଜ ପଦାର୍ଥ ଥିବା ଖଣି ଏବଂ ୭୨୦ ଅଣ ଧାତବ ଖଣିଜ ଥିବା ଖଣି ଅନ୍ତର୍ଭୁକ୍ତ ରହିଛି। ବିଶେଷ କରି ଡିସେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ନିକଟସ୍ଥ ବରମୁଣ୍ଡା ପଡ଼ିଆରେ ବିଶ୍ୱସ୍ତରୀୟ ମାଇନିଂ ଓ ଆନୁଷଙ୍ଗିକ ଶିଳ୍ପ ଉପରେ ଏକ ସ୍ୱତନ୍ତ୍ର ଆନ୍ତର୍ଜାତିକ ବି୨ବି ଟ୍ରେଡ୍ ଶୋ' ଓଡ଼ିଶା ମାଇନିଂ ଏକ୍ସପୋ ଆୟୋଜିତ ହେବାକୁ ଯାଉଛି। ଓଡ଼ିଶା ମାଇନିଂରେ ଖଣି ସମ୍ପର୍କିତ ଉତ୍ପାଦ, ସେବା ଏବଂ ସମଗ୍ର ବିଶ୍ୱସ୍ତରରେ ହେଉଥିବା ଯୋଗାଣର ସର୍ବାଧୁନିକ ଏବଂ ପୂର୍ଣ୍ଣାଙ୍ଗ ସମ୍ଭାର ସ୍ଥାନ ପାଇବ। ଭାରତରେ ଖଣି ଶିଳ୍ପ ଚଳିତ ବର୍ଷଗୁଡିକରେ ବୃଦ୍ଧିପାଇଛି ଏବଂ ଓଡ଼ିଶା ମାଇନିଂ ସର୍ବବୃହତ୍ ମାଇନିଂ ପ୍ରଦର୍ଶନୀ ହୋଇଛି, ଯାହା ଏହି ବର୍ଗରେ ଥିବା ମୁଖ୍ୟ ଭାଗୀଦାରଙ୍କୁ ଏକତ୍ର କରାଇବାରେ ସହାୟତା କରିଛି। ଓଡ଼ିଶାରେ ପ୍ରାୟ ୨୫୦ ବିଭିନ୍ନ ପ୍ରକାର ଖଣି ରହିଛି। ଦେଶରେ ଏକ ଖଣିଜ ସମୃଦ୍ଧ ରାଜ୍ୟ ଭାବରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରୁଛି ଏବଂ ସେଥିପାଇଁ ଏହାର ପ୍ରଚୁର ପ୍ରାକୃତିକ ସମ୍ପଦର ମୁଖ୍ୟ ଭୂମିକା ରହିଛି। ରାଜ୍ୟରେ ଉଚ୍ଚମାନର ଲୁହାପଥର, ବକ୍ସାଇଟ, କ୍ରୋମାଇଟ ଏବଂ ମାଙ୍ଗାନିଜ ପଥର ସହ କୋଇଲା, ଚୂନପଥର, ଡୋଲୋମାଇଟ, ଟିଣ, ନିକେଲ, ଭାନାଡିୟମ, ସୀମା, ଗ୍ରାଫାଇଟ, ସୁନା, ଜେମ୍‌ଷ୍ଟୋନ, ହୀରା, ଡାଇମେନସନ ଓ ଡେକୋରେଟିଭ ପଥର ବିପୁଳ ପରିମାଣରେ ଗଚ୍ଛିତ ରହିଛି। ଫଳସ୍ୱରୂପ ଇସ୍ପାତ, ଫେରୋ ଆଲୟେଜ, ସିମେଣ୍ଟ, ଆଲୁମିନା-ଆଲୁମିନିୟମ, ରିଫ୍ରାକ୍ଟୋରିଜ, ତାପଜ ଶକ୍ତି ଆଦି ଉତ୍ପାଦନ ନିମନ୍ତେ ଖଣିଜଭିତ୍ତିକ ବ୍ୟବସାୟର ଅବସ୍ଥିତି ଏବଂ ତାହା ସହ ଅଧିକ ଅକ୍‌ଜିଲାରି ଏବଂ ଆନୁଷଙ୍ଗିକ ଡାଉନଷ୍ଟ୍ରିମ୍ କ୍ଷେତ୍ର ସ୍ଥାପନ ଉଲ୍ଲେଖନୀୟ ଭାବରେ ଅଧିକ ସମ୍ଭବ ହୋଇପାରିଛି।

ଏ ସମ୍ପର୍କରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ଡାଇରେକ୍ଟର ନମିତ ଗୁପ୍ତା କହିଛନ୍ତି, ଦେଶର ଜିଡିପି ଅଭିବୃଦ୍ଧି, ବିଦେଶୀ ମୁଦ୍ରା ଉପାର୍ଜନ କ୍ଷେତ୍ରରେ ପ୍ରମୁଖ ପ୍ରଭାବ ପକାଇବା ସାମର୍ଥ୍ୟ ଏହି କ୍ଷେତ୍ରର ରହିଛି ଏବଂ ନିର୍ମାଣ, ଭିତ୍ତିଭୂମି, ଯାନବାହନ ଓ ବିଦ୍ୟୁତ୍ ଆଦି ବାସ୍ତବ ବ୍ୟବହାର୍ଯ୍ୟ କ୍ଷେତ୍ରକୁ ଆବଶ୍ୟକ କଞ୍ଚାମାଲ ସୁଲଭ ମୂଲ୍ୟରେ ଯୋଗାଇଦେଇ ସେଗୁଡିକୁ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ଏହା ସମର୍ଥ। ବର୍ଦ୍ଧିତ ସଂଖ୍ୟାରେ ଯାନବାହନ ତିଆରି ଏବଂ ନୂତନ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଏହି କ୍ଷେତ୍ରର ସମ୍ପ୍ରସାରଣକୁ ଇନ୍ଧନ ମିଳୁଛି। ଶକ୍ତି ଓ ସିମେଣ୍ଟ ଶିଳ୍ପ ସହ ସଂଯୁକ୍ତ ଶିଳ୍ପଗୁଡିକର ସମ୍ପ୍ରସାରଣ ମଧ୍ୟ ଏହି କ୍ଷେତ୍ରର ସଫଳତା କ୍ଷେତ୍ରରେ ଅବଦାନ ରଖୁଛି। ମୋଟ ଉପରେ ଉଭୟ ଆବାସିକ ଏବଂ ବ୍ୟବସାୟିକ ସୌଧ ସମେତ ନିର୍ମାଣ ଶିଳ୍ପରେ ଆଶା ଉଚ୍ଚସ୍ତରରେ ରହିଛି ଏବଂ ଏହା ଲୌହ ଓ ଇସ୍ପାତର ପ୍ରଚଳିତ ଚାହିଦା ସ୍ତର ବଜାୟ ରଖିବା ଆଶା କରାଯାଉଛି।



## 'ଆକ୍ସିସ୍ ଲଙ୍ଗ୍ ଡ୍ୟୁରେଶନ ଫଣ୍ଡ'

ନୂଆଦିଲ୍ଲୀ, ୧୦।୧୨

ଆକ୍ସିସ ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ 'ଆକ୍ସିସ୍ ଲଙ୍ଗ୍ ଡ୍ୟୁରେଶନ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଡେବ୍‌ଟ ସ୍କିମ୍, ଯେଉଁଥିରେ ସୁଧ ହାରର ବିପଦ ସାମାନ୍ୟ ଅଧିକ ରହୁଥିବା ବେଳେ କ୍ରେଡିଟ୍ ବିପଦ କମ୍ ରହୁଛି। ଆକ୍ସିସ୍ ଲଙ୍ଗ୍ ଡ୍ୟୁରେଶନ ଫଣ୍ଡର ଏନ୍‌ଏଫ୍‌ଓ ୨୦୨୨ ଡିସେମ୍ବର ୭ରେ ଖୋଲି ୨୧ ଡିସେମ୍ବରରେ ବନ୍ଦ ହେବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ଆକ୍ସିସ୍ ଲଙ୍ଗ୍ ଡ୍ୟୁରେଶନ ଫଣ୍ଡ୍‌ର ଶୁଭାରମ୍ଭ ସହ ଆମେ ଆଶା କରୁଛୁ ଯେ ନିବେଶକମାନେ ଅବସରକାଳୀନ ନିବେଶର ପୁନର୍ବିଚାର କରିବେ। ପାରମ୍ପରିକ ଅବସରକାଳୀନ ଉତ୍ପାଦଗୁଡ଼ିକ ତୁଳନାରେ ଡେବ୍‌ଟ ମ୍ୟୁଚୁଆଲ ଫଣ୍ଡ ଉଲ୍ଲେଖନୀୟ ଟିକସ ଦକ୍ଷତା ଏବଂ ବଜାରଭିତ୍ତିକ ରିଟର୍ନ ପ୍ରଦାନ କରିବ। ଏକ ଅର୍ଥପୂର୍ଣ୍ଣ ଲମ୍ବା ଅବଧିରେ ଆୟ ସମ୍ଭାରରେ ଥିବା ଅନ୍ତର ପୂରଣ ହୋଇ ଶେଷରେ ଏକ ବଡ଼ ପାଣ୍ଠି ପ୍ରଦାନ କରିବ।

## 'ହ୍ରିତିକ ବିସ୍କ ଫାର୍ମର ନୂଆ ବ୍ରାଣ୍ଡ୍ ଆମ୍ବାସାଡର'

ନୂଆଦିଲ୍ଲୀ, ୧୦।୧୨

ଦେଶର ପ୍ରମୁଖ ବିସ୍କୁଟ ଓ ବେକରି ବ୍ରାଣ୍ଡ୍ ବିସ୍କ ଫାର୍ମ ପକ୍ଷରୁ ବଲିଉଡ୍ ସୁପରଷ୍ଟାର ହ୍ରିତିକ ରୋଶନଙ୍କୁ ଗୁଗ୍‌ଲି ବିସ୍କୁଟ୍ ପାଇଁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏପରିକି ହ୍ରିତିକଙ୍କ ଚର୍ଚ୍ଚିତ ନୃତ୍ୟଶୈଳୀକୁ ନେଇ ବିସ୍କ ଫାର୍ମ ଗୁଗ୍‌ଲି ବିସ୍କୁଟର ସ୍ଲୋଗାନ 'ଟେଷ୍ଟ ୱିଥ୍ ଏ ଟ୍ୱିଷ୍ଟ' ଅନୁସାରେ ପ୍ରଥମ ଟେଲିଭିଜନ ବିଜ୍ଞାପନ ପ୍ରସ୍ତୁତ କରାଯାଇଛି। ଗୁଗ୍‌ଲି ଟ୍ୱିଷ୍ଟର ନାମକ ଉକ୍ତ ଅଭିଯାନରେ ହ୍ରିତିକଙ୍କ ନୂଆ ଗୁଗ୍‌ଲି ନୃତ୍ୟଶୈଳୀ ମଧ୍ୟ ଦେଖିବାକୁ ମିଳିବ। ମିଠା ଓ ଲୁଣିଆ ସ୍ୱାଦର ଏକ ଚମତ୍କାର ମିଶ୍ରଣ ଜରିଆରେ ବିସ୍କ ଫାର୍ମର ଗୁଗ୍‌ଲି ବିସ୍କୁଟ ନୂଆ ବର୍ଗ ସୃଷ୍ଟି କରିଛି। ଏହା ଗ୍ରାହକମାନଙ୍କୁ ବେଶ୍ ପ୍ରଭାବିତ କରିଥିବା ବେଳେ ବିସ୍କୁଟପ୍ରେମୀଙ୍କ ପସନ୍ଦରେ ପରିଣତ ହୋଇଛି। ଅପରପକ୍ଷରେ ହ୍ରିତିକଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ଉକ୍ତ ଅଭିଯାନ ଜରିଆରେ ଏହି ବ୍ରାଣ୍ଡକୁ ଏସ୍‌ଏଜେ ଫୁଡ୍‌ସ ଜାତୀୟସ୍ତରକୁ ନେବାକୁ ଏବଂ ଏହାର ସ୍ୱତନ୍ତ୍ର ସ୍ୱାଦ ଚାଖିବା ଲାଗି ଗ୍ରାହକମାନଙ୍କୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଏସ୍‌ଏଜେ ଫୁଡ୍‌ସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅର୍ପଣ ପଲ୍ କହିଛନ୍ତି, ବିସ୍କ ଫାର୍ମରେ ନବସୃଜନ ଆମ ଡିଏନ୍‌ଏରେ ରହିଛି ଏବଂ ଆମେ ବିଶ୍ୱାସକରୁ ଯେ ଆର ଆଣ୍ଡ୍ ଡି ଓ ଉତ୍ପାଦ ବିକାଶ ଉପରେ ଆମର ଗୁରୁତ୍ୱ ହେଉଛି ଆମ ସଫଳତାର ଅନ୍ୟତମ ପ୍ରମୁଖ ଉପାଦାନ। ଗୁଗ୍‌ଲି ବିସ୍କୁଟର ବର୍ଗମାଳାକୁ ଶୁଭାରମ୍ଭ କରିବାରେ ଆମେ ଏହି ବର୍ଗରେ ବିପ୍ଳବ ଆଣିଥିଲୁ ଏବଂ ଏହାର ନାମ ଅନୁସାରେ ଗ୍ରାହକମାନେ ତାହାର ସ୍ୱାଦରେ ବିମୋହିତ ହୋଇଯାଇଥିଲେ। ସେହିଭଳି ଏସ୍‌ଏଜେ ଫୁଡ୍‌ସର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ସିଂହ କହିଛନ୍ତି, ଏସ୍‌ଏଜେ ଫୁଡସ ବର୍ତ୍ତମାନ ଭାରତର ୪ର୍ଥ ବୃହତମ ବିସ୍କୁଟ ଓ ବେକରି ନିର୍ମାଣକାରୀ କମ୍ପାନୀର ସ୍ଥିତି ହାସଲ କରିଥିବା ବେଳେ ଭାରତର ୨୩ଟି ରାଜ୍ୟରେ ଉପସ୍ଥିତି ଜାହିର କରିଛି।



## ଏସ୍‌ଏଚ୍‌ଜି ମହିଳାଙ୍କୁ ଦକ୍ଷତା ତାଲିମ ଦେବ ଆର୍‌ସିପିଏସ୍‌ଡିସି

ନୂଆଦିଲ୍ଲୀ, ୧୦।୧୨

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଜୋତା ଉତ୍ପାଦନ କ୍ଷେତ୍ରରେ ବଜାର କେନ୍ଦ୍ରିକ ଦକ୍ଷତା ଏବଂ ଉଦ୍ୟୋଗ ପ୍ରୋତ୍ସାହନ ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳା ସଦସ୍ୟମାନଙ୍କ ପାଇଁ ଜୀବିକା ସୁଯୋଗ ବୃଦ୍ଧି କରିବା ଲାଗି ରବର, କେମିକାଲ ଆଣ୍ଡ ପେଟ୍ରୋକେମିକାଲ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ କାଉନ୍‌ସିଲ (ଆର୍‌ସିପିଏସ୍‌ଡିସି) ସହ ସହଭାଗିତା କରିଛି। ଏପରିକି ଆସନ୍ତା ୨ ବର୍ଷ ମଧ୍ୟରେ ୨୦୦୦ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ଆର୍‌ସିପିଏସ୍‌ଡିସି ଦ୍ୱାରା ଜୋତା ଉତ୍ପାଦନ (ହାୱାଇ ସ୍ଲିପର) କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ଏବଂ ସେମାନଙ୍କୁ ନିଜର କ୍ଷୁଦ୍ର ଉତ୍ପାଦନ ଆସେମ୍ବ୍ଲି ୟୁନିଟ୍ ଆରମ୍ଭ କରିବା ପାଇଁ ସଶକ୍ତ କରାଯିବ। ଦକ୍ଷତା ତାଲିମ ବ୍ୟତୀତ ଏହି ପ୍ରକଳ୍ପ ୨୦୦୦ଦକ୍ଷ ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ନିୟୋଜିତକରି ସର୍ବନିମ୍ନ ୧୦୦ଟି ଜୋତା ଉତ୍ପାଦନ ଆସେମ୍ବ୍ଲି ୟୁନିଟ୍ ସ୍ଥାପନ କରିବା କ୍ଷେତ୍ରରେ ଆବଶ୍ୟକ ସହଯୋଗ କରିବ। ଏଥିପାଇଁ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ସିଇଓ ମାନ୍‌ସୀ ନିମ୍ଭାଲ ଏବଂ ଆର୍‌ସିପିଏସ୍‌ଡିସିର ସିଇଓ ସୈଫ୍ ମହମ୍ମଦଙ୍କ ମଧ୍ୟରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏ ସମ୍ପର୍କରେ ଆର୍‌ସିପିଏସ୍‌ଡିସି ସିଇଓ ସୈଫ୍ ମହମ୍ମଦ କହିଛନ୍ତି, ଏକ ବିସ୍ତୃତ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ମହିଳା ସଦସ୍ୟଙ୍କୁ କଞ୍ଚାମାଲ ହାସଲ କରିବାଠାରୁ ଆରମ୍ଭକରି ସଂରକ୍ଷଣ, ଉତ୍ପାଦନ, ଗୁଣବତ୍ତା ଯାଞ୍ଚ, ପ୍ୟାକେଜିଂ, ଓ୍ୟାରହାଉସିଂ, ବିକ୍ରି, ବୁକ୍‌କିପିଙ୍ଗ୍ ଓ ବ୍ୟାଙ୍କିଙ୍ଗ୍ ପର୍ଯ୍ୟନ୍ତ ଜୋତା ଉତ୍ପାଦନର ସମସ୍ତ ଦିଗରେ ପ୍ରଶିକ୍ଷିତ କରାଯିବ।

## ମିଶ୍ରଣ ପରେ ନୂଆ ସଂସ୍ଥା ସୃଷ୍ଟି

ନୂଆଦିଲ୍ଲୀ, ୧୦।୧୨

ବାଣିଜ୍ୟିକ ଯାନର ଅର୍ଥ ଲଗାଣକାରୀ ସଂସ୍ଥା ଶ୍ରୀରାମ ଟ୍ରାନ୍ସପୋର୍ଟ ଫାଇନାନ୍ସ କମ୍ପାନୀ ଏବଂ ସର୍ବବୃହତ୍ ଦୁଇଚକିଆ ଯାନ ଅର୍ଥ ଲଗାଣକାରୀ ତଥା ଏମ୍‌ଏସ୍‌ଏମ୍‌ଇ ବର୍ଗକୁ ଋଣ ଯୋଗାଣ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ଥିବା ଶ୍ରୀରାମ ସିଟି ୟୁନିୟନ ଫାଇନାନ୍ସ ମଧ୍ୟରେ ମିଶ୍ରଣ ଘଟି ଶ୍ରୀରାମ ଫାଇନାନ୍ସ ଲିମିଟେଡ୍ (ଶ୍ରୀରାମ ଫାଇନାନ୍ସ) ଗଠିତ ହୋଇଛି। ଶ୍ରୀରାମ ଫାଇନାନ୍ସ ନେଟ୍ ମୂଲ୍ୟ ୪୦,୯୦୦ କୋଟି ଟଙ୍କା ଏବଂ ଆସେଟ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ୧,୭୧,୦୦୦ କୋଟି ଟଙ୍କା ସହ ଏକ ବିବିଧକୃତ କମ୍ପାନୀ ହେବ ବୋଲି ଜଣାପଡ଼ିଛି।

# ସିଏଟ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ, ୧୦।୧୨

ଦେଶର ପ୍ରମୁଖ ଟାୟାର ଉତ୍ପାଦନକାରୀ କମ୍ପାନୀ ସିଏଟ୍ ଲିମିଟେଡ୍ ପକ୍ଷରୁ ନୂତନ ଉତ୍ପାଦର ଉନ୍ମୋଚନ କରାଯାଇଛି। ଭାରତରେ ଏସ୍‌ୟୁଭିଗୁଡିକ ନିମନ୍ତେ ଏହାର ଉଚ୍ଚ ପ୍ରଦର୍ଶନକାରୀ, ସମସ୍ତ ଭୂଭାଗ ଉପଯୋଗୀ ନୂଆ ଟାୟାର 'କ୍ରସ୍‌ଡ୍ରାଇଭ'ର ବଜାର ପ୍ରବେଶ ମଧ୍ୟ ହୋଇଯାଇଛି। କ୍ରସ୍‌ଡ୍ରାଇଭରେ ସିଏଟ୍‌ର ସର୍ବାଧୁନିକ ୩ଡି ସାଇପ ପ୍ରଯୁକ୍ତି ଏବଂ ମଜଭୁତ ସୋଲ୍‌ଡର ଡିଜାଇନ ସ୍ଥାନ ପାଇଛି। ଏହା ଟାୟାରକୁ ସମସ୍ତ ପ୍ରକାର ଭୂଭାଗରେ ବ୍ୟବହାର ନିମନ୍ତେ ଉପଯୋଗୀ ହେବାରେ ସହାୟତା କରୁଛି। ଟାୟାରର ନୂଆ କାର୍ବନ ବ୍ଲାକ୍ ଟ୍ରେଡ୍ କମ୍ପାଉଣ୍ଡ ଅଧିକ ଉନ୍ନତ ଗ୍ରିପ୍ ସହ ଉନ୍ନତ ଇନ୍ଧନ ସଞ୍ଚୟ ଫାଇଦା ପ୍ରଦାନ କରୁଛି ଏବଂ ଏହାକୁ ଇନ୍ଦୋରସ୍ଥିତ ସର୍ବାଧୁନିକ ଯାନବାହନ ପରୀକ୍ଷଣ ଟ୍ରାକ୍ 'ଏନ୍‌ଏଟିଆର୍‌ଏଏକ୍ସ'ରେ ତଥା ଇନ୍ଦୋର ନିକଟରେ ହାଲୁକା ଅଫ୍ ରୋଡ୍ ପରିସ୍ଥିତିରେ ବ୍ୟାପକ ଭାବେ ପରୀକ୍ଷଣ କରାଯାଇଛି।

ଏ ସମ୍ପର୍କରେ ସିଏଟ୍ ଟାୟାର୍ସ ଲିମିଟେଡ୍‌ର ଚିଫ୍ ଅପରେଟିଂ ଅଫିସର ଅର୍ଣ୍ଣବ ବାନାର୍ଜୀ କହିଛନ୍ତି, ଏସ୍‌ୟୁଭିଗୁଡିକ ସକାଶେ ସମସ୍ତ ପ୍ରକାର ଭୂଭାଗ ପାଇଁ କ୍ରସ୍‌ଡ୍ରାଇଭ ଆମର ଅନ୍ୟତମ ପ୍ରିମିୟମ ଉତ୍ପାଦ ହୋଇଛି। କ୍ରସ୍‌ଡ୍ରାଇଭ ଟାୟାରଗୁଡ଼ିକ ନିମନ୍ତେ ନୂତନ ପ୍ରଯୁକ୍ତି ଓ ଡିଜାଇନର ପ୍ରଚଳନ ଆମ ଗ୍ରାହକମାନଙ୍କୁ ଚାଲେଞ୍ଜପୂର୍ଣ୍ଣ ଏବଂ ବିଭିନ୍ନ ଭୂଭାଗରେ ନିରାପଦର ସହିତ ଆଗକୁ ବଢ଼ିବାରେ ସହାୟତା କରିବ ଏବଂ ତା' ସହିତ ଯାନର ଇନ୍ଧନ ସଞ୍ଚୟରେ ଉନ୍ନତି ଘଟାଇବ। ଅଫ୍ ରୋଡ୍ କ୍ଷମତା ଏବଂ ସହରାଞ୍ଚଳ ବ୍ୟବହାର ନିମନ୍ତେ ଆମେ କ୍ରସ୍‌ଡ୍ରାଇଭରର ବ୍ୟାପକ ଭାବେ ପରୀକ୍ଷଣ କରିଛୁ ।



## ତାପସୀଙ୍କୁ ପ୍ରଶଂସା

ମୁମ୍ବାଇ

ବଲିଉଡ୍‌ର ଜଣାଶୁଣା ଅଭିନେତ୍ରୀ ତାପସୀ ପନ୍ନୁଙ୍କୁ କ୍ରିଟିକ୍ସମାନେ ଭୁରି ଭୁରି ପ୍ରଶଂସା କରିବାରେ ଲାଗିଛନ୍ତି। ଶୁକ୍ରବାର ରିଲିଜ୍ ହୋଇଥିବା 'ବ୍ଲର'ରେ ଏହି ନାୟିକାଙ୍କ ଅଭିନୟକୁ ଦର୍ଶକଙ୍କ ଖୁବ୍ ଭଲପାଇବା ମିଳିଛି। ଫିଲ୍ମ ରିଲିଜ୍‌ର ଗୋଟିଏ ଦିନ ପରେ ହିଁ ଫଳ ସାମ୍ନାକୁ ଆସିଛି। ଅନ୍ୟପକ୍ଷେ ବ୍ଲରର ପ୍ରଯୋଜନା ଦାୟିତ୍ୱ ତାପସୀ ନିଜେ ସମ୍ଭାଳିଥିବାବେଳେ ଅଜୟ ବାହଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'ବ୍ଲର' ଶୁକ୍ରବାର ଓଟିଟି ପ୍ଲାଟଫର୍ମ ଜି୫ରେ ରିଲିଜ୍ ହୋଇଛି। ଏଥିରେ ତାପସୀ ଡବଲ ରୋଲ୍ କରିଛନ୍ତି। ଟୁଇନ୍ସ ସିଷ୍ଟରଙ୍କ ହତ୍ୟାର କାରଣ ଖୋଜି ବାହାର କରିବାକୁ ଚାହୁଁଛନ୍ତି ତାପସୀ। କିନ୍ତୁ ଏ ସବୁ ଭିତରେ ନିଜ ଦୃଷ୍ଟି ଶକ୍ତି ହରାଇ ବସୁଛନ୍ତି। ଥ୍ରିଲର, କ୍ରାଇମ୍, ଡ୍ରାମା ଫିଲ୍ମ ପାଇଁ ତପସୀଙ୍କୁ ପ୍ରଶଂସା କରିବାରେ ପଛାଇ ନାହାନ୍ତି ସୋସିଆଲ ମିଡିଆ ୟୁଜର୍ସ। ତାପସୀଙ୍କ ଅଭିନୀତ 'ଡଙ୍କି' ଆସନ୍ତା ବର୍ଷ ଡିସେମ୍ବର ୨୨ରେ ମୁକ୍ତିଲାଭ କରିବ । ତପସୀଙ୍କ ସହ ଫିଲ୍ମରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ନଜରକୁ ଆସିବେ।

## ମାନବ ସଭ୍ୟତାର ମୂକସାକ୍ଷୀ ପର୍ବତ



### ଅନ୍ତର୍ଜାତୀୟ ପର୍ବତ ଦିବସ

ମାନବ ସଭ୍ୟତାର ମୂକସାକ୍ଷୀ ଭାବେ ପର୍ବତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପର୍ବତ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୧୧ରେ ଅନ୍ତର୍ଜାତୀୟ ପର୍ବତ ଦିବସ ପାଳନ କରାଯାଇଥାଏ। ମାଉଣ୍ଟେନ ଡେ ୨୦୦୩ରେ ଜାତିସଂଘ ସାଧାରଣ ସଭା ଦ୍ୱାରା ପର୍ବତରେ ସ୍ଥାୟୀ ବିକାଶକୁ ଉତ୍ସାହିତ କରିବା ପାଇଁ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସାଧାରଣ ସଭା ନିରନ୍ତର ପର୍ବତ ବିକାଶର ମହତ୍ତ୍ୱକୁ ହୃଦୟଙ୍ଗମ କରି ଏହି ଦିବସ ପାଳନ ଅବସରରେ ସମସ୍ତ ସ୍ତରରେ ଇଭେଣ୍ଟ ଆୟୋଜନ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଉତ୍ସାହିତ କରିଥିଲା। ୧୮୩୮ ମସିହା ଅଗଷ୍ଟ ୧୧ରେ ପ୍ରଥମେ ପର୍ବତ ଦିବସ ପାଳନ ଆରମ୍ଭ ହୋଇଥିଲା। ମାଉଣ୍ଟ ହୋଲିଓକ କଲେଜର ଛାତ୍ରୀଛାତ୍ରମାନେ ହୋଲିଓକ ପର୍ବତ ଅଭିମୁଖେ ଯାତ୍ରା କରିଥିଲେ। ସ୍ମିଥ୍ କଲେଜ ୧୮୭୭ରେ ଏହାର ପର୍ବତ ଦିବସ ଘୋଷଣା କରିଥିଲା। ଜୁନିଟା କଲେଜ ୧୮୯୬ରେ ଏହାର ପର୍ବତ ଦିବସ ପ୍ରତିଷ୍ଠା କରିଥିଲା। ସେହିପରି ୱିଲିୟମ୍ସ କଲେଜ ଛାତ୍ରମାନେ ୧୮୦୦ ଦଶକରୁ ପର୍ବତ ପାଳନ କରିବା ପାଇଁ ମାସାଚ୍ୟୁସେଟ୍ସର ସର୍ବୋଚ୍ଚ ପର୍ବତ ଗ୍ରେଲକ ଉପରକୁ ଚଢ଼ିଥିଲେ। କଲବି-ସାୱେର୍ କଲେଜର ପର୍ବତ ଦିବସ ୧୮୫୦ ଦଶକରେ ଆରମ୍ଭ ହୋଇଥିଲା। ଏହି ଦିବସ ପାଳନ ଅବସରରେ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟିର ଉଦ୍ୟମ କରାଯାଇଥାଏ।

## ରିମେକ୍ ଯୋଗୁ ବର୍‌ବାଦ ହୋଇଛି ବଲିଉଡ୍



ମୁମ୍ବାଇ: ଦିନ ଥିଲା ବଲିଉଡ୍ ସିନେମା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ହେଲେ ବିଗତ କିଛି ଦିନରୁ ବଲିଉଡ୍ ଦର୍ଶକଙ୍କ ମନ ଜିଣିବାରେ ବିଫଳ ହୋଇଛି। ପରିଣାମସ୍ୱରୂପ ରିଲିଜ ହେଉଥିବା ଫିଲ୍ମଗୁଡ଼ିକୁ ଦର୍ଶକେ ପସନ୍ଦ କରୁନାହାନ୍ତି। ଏହାକୁ ନେଇ ନିର୍ମାତା କରନ ଜୋହର ବଡ ବୟାନ ଦେଇଛନ୍ତି। କରନ ନିଜକୁ ଏସବୁ ପାଇଁ ଦାୟୀ କହିବା ସହ ବଲିଉଡ୍ ବୁଡି ଯିବାର କାରଣ 'ରିମେକ୍' ବୋଲି କହିଛନ୍ତି। ହିନ୍ଦୀ ସିନେମାର ବଡ ସମସ୍ୟା ହେଉଛି ଯେ ଆମେ କାହାଣୀକୁ ନେଇ ଦୃଢ଼ ବିଶ୍ୱାସ ଏବଂ ଆସ୍ଥା ନାହିଁ। ଆମ ପାଖରେ ସଲିମ ଜାଭେଦଙ୍କ ଭଳି ବ୍ୟକ୍ତିତ୍ୱ ଥିଲେ, ଯିଏ ସିନେମାକୁ ଜୀବନ୍ତ ରୂପ ଦେଉଥିଲେ। ୭୦ ଦଶକ ପର୍ଯ୍ୟନ୍ତ ସେ ଅସଲ କାହାଣୀ ଏବଂ ଚରିତ୍ରକୁ ସମ୍ଭାଳି ଆସୁଥିଲେ। ହେଲେ ୮୦ ଦଶକରୁ ଦକ୍ଷିଣ ଭାରତୀୟ ସିନେମାର ରିମେକ କରିବା ଆମେ ଆରମ୍ଭ କରିଦେଲୁ।

## ହ୍ୟାଙ୍ଗରରେ ଡ୍ରେସ୍ ଟାଙ୍ଗି ରେକର୍ଡ

ଖୁବ କମ ସମୟ ମଧ୍ୟରେ ହ୍ୟାଙ୍ଗରରେ ଟି-ଶର୍ଟ ଟାଙ୍ଗି ଆମେରିକାର ଡେଭିଡ୍ ଗିନିଜ ରେକର୍ଡ କରିଛନ୍ତି। ସେ ମାତ୍ର ୧୬ ସେକେଣ୍ଡରେ ହ୍ୟାଙ୍ଗରରେ ୫ଟି ଟି-ଶର୍ଟ ଟାଙ୍ଗି ରେକର୍ଡ କରିଛନ୍ତି। ଗିନିଜ ୱାର୍ଲଡ ରେକର୍ଡର ନିୟମ ଅନୁଯାୟୀ, ଡେଭିଡ ତାଙ୍କ ଟି-ଶର୍ଟ ବ୍ୟବହାର କରିଥିଲେ। ଆମେରିକୀୟ ଡେଭିଡ ରେକର୍ଡ ବ୍ରେକର୍ ୧୬ ସେକେଣ୍ଡରେ ପୁନର୍ବାର ଇତିହାସ ସୃଷ୍ଟି କରିଛନ୍ତି। ଆଇଡାହୋ ବାସିନ୍ଦା ଡେଭିଡ ରୁଶ ଏ ପର୍ଯ୍ୟନ୍ତ ତାଙ୍କ ନାମରେ ୨୫୦ରୁ ଅଧିକ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଏଥର ସେ ଏକ ଅନନ୍ୟ ବିଶ୍ୱ ରେକର୍ଡ ଭାଙ୍ଗି ଏହାକୁ ତାଙ୍କ ନାମରେ କରିଛନ୍ତି। ଯଦିଓ ନିୟମ ହେତୁ ତାଙ୍କୁ କିଛି ଅସୁବିଧା ହୋଇଥିଲା, ଏହା ସତ୍ତ୍ୱେ ସେ ୧୬ ସେକେଣ୍ଡରେ ପାଞ୍ଚଟି ଟି-ଶର୍ଟ ଟାଙ୍ଗି ୨୦୧୫ର ରେକର୍ଡ ଭାଙ୍ଗି ଏହାକୁ ତାଙ୍କ ନାମରେ ପରିଣତ କରିଥିଲେ।








See Career Appointment on every Wednesday & Saturday



























ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ୧୧ ଡିସେମ୍ବର, ୨୦୨୨ Dhenkanal, Sunday, December 11/2022

# ଅନ୍ତିମ ମ୍ୟାଚରେ ଭାରତର ବୃହତ୍ ବିଜୟ

ଚଟ୍ଟୋଗ୍ରାମ,୧୦।୧୨(ପି.ଟି.)

ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜର ଅନ୍ତିମ ମୁକାବିଲାରେ ବୃହତ୍ ବିଜୟ ହାସଲ କରିଛି ଭାରତ। ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ପୂର୍ବରୁ ହାରି ସାରିଥିବା ବେଳେ ଶନିବାର ଅନ୍ତିମ ଦିନିକିଆକୁ ୨୨୭ ରନରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇଶାନ କିଶନଙ୍କ ୨୧୦ ଓ ବିରାଟ କୋହଲିଙ୍କ ୧୧୩ ରନ ସହିତ ନିର୍ଦ୍ଧାରିତ ଓଭରରେ ୮ ଉଇକେଟରେ ୪୦୯ ରନର ବିଶାଳ ସ୍କୋର କରିଥିଲା। ଜବାବରେ

## ଇଶାନ କିଶନଙ୍କ ବିସ୍ଫୋରକ ଦ୍ୱିଶତକ

ବାଂଲାଦେଶ ୩୪ ଓଭରରେ ୧୮୨ ରନରେ ସମସ୍ତ ଉଇକେଟ ହରାଇଥିଲା। ପ୍ରଥମ ଦୁଇ ମ୍ୟାଚ ଭାରତ ହାରି ସାରିଥିବା ବେଳେ ଏହି ମ୍ୟାଚଟି କେବଳ ଔପଚାରିକତା ରହିଥିଲା। ରୋହିତ ଶର୍ମାଙ୍କ ସ୍ଥାନରେ ଇଶାନ କିଶନ ଓ ଦୀପକ ଚହରଙ୍କ ସ୍ଥାନରେ ଉମ୍ରାନ ମଲିକ୍ ଏବଂ ଶାହବାଜ ଅହମଦଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ଖେଳାଇଥିଲା ଭାରତ।

ଅଧିନାୟକ ଲୋକେଶ ରାହୁଲ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳୀୟ ସ୍କୋର ୧୫ ରନରେ ଶିଖର ଧାୱନ(୩) ପ୍ୟାଭିଲିୟନ ଫେରିଥିଲେ ହେଁ ଇଶାନ କିଶନ ୨୧୦ ଓ ବିରାଟ କୋହଲି ୧୧୩ ଦ୍ୱିତୀୟ ଉଇକେଟରେ ୨୯୦ ରନ୍ ଯୋଡିଥିଲେ। ଦିନିକିଆ କ୍ୟାରିୟରର ପ୍ରଥମ ଶତକକୁ କିଶାନ ଦ୍ୱିଶତକରେ ପରିଣତ କରିଥିଲେ। ୧୩୧ ବଲରୁ ୨୧୦ ରନ କରିଥିବା କିଶାନ ୨୪ ଚୌକା ଓ ୧୦ ଛକା ମାରିଥିଲେ। ସେହିପରି ଦିନିକିଆ କ୍ୟାରିୟରରେ ୪୪ତମ ଶତକ ହାସଲ କରିଥିବା କୋହଲି ମଧ୍ୟ ୯୧ ବଲରୁ ୧୧୩ ରନ୍ କରିଥିଲେ। କୋହଲିଙ୍କ ଇନିଂସରେ ୧୧ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର ୩୭ ଓ ଅକ୍ଷର ପଟେଲ ୨୦ ରନର ଇନିଂସ ଖେଳିଥିଲେ। ବାଂଲାଦେଶ ପକ୍ଷରୁ ଶାକିବ୍ ଅଲ ହସନ, ଏବାଦତ ହୋସେନ୍ ଓ ଟାସ୍କିନ୍ ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୪୧୦ ରନ୍ ଜବାବରେ ବାଂଲାଦେଶ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହିତ ୧୮୨ ରନରେ ଅଲଆଉଟ ହୋଇଥିଲେ। ଶାକିବ ଅଲ ହସନ ସର୍ବାଧିକ ୪୩ ରନ୍ କରିଥିବା ବେଳେ ଲିଟନ୍ ଦାସ ୨୯ ରନ୍ କରିଥିଲେ। ଭାରତ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ଓ ଉମ୍ରାନ ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ।


ଇଶାନ କିଶନ

### କୋହଲି ଓ କିଶନଙ୍କ କୀର୍ତ୍ତିମାନ

ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜର ଅନ୍ତିମ ଦିନିକିଆରେ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି ବିରାଟ କୋହଲି ଓ ଇଶାନ କିଶନ। କିଶନ ନିଜର ୧୦ମ ଦିନିକିଆରେ ଦ୍ୱିଶତକ ହାସଲ କରିଥିବା ବେଳେ କୋହଲି ଶତକ ହାସଲକାରୀଙ୍କ ମଧ୍ୟରେ ରିକି ପଣ୍ଟିଙ୍ଗ୍‌କୁ ପଛରେ ପକାଇଛନ୍ତି। ୨୧୦ ରନର ଇନିଂସ ଖେଳିଥିବା କିଶନ ଦ୍ରୁତତମ ୧୫୦ ଓ ୨୦୦ ରନ୍ କରିଛନ୍ତି। ୧୦୩ ବଲରୁ ୧୫୦ ରନ୍ କରି ବୀରେନ୍ଦ୍ର ସେହ୍ୱାଗଙ୍କୁ ପଛରେ ପକାଇଥିବା ବେଳେ ୧୨୬ ବଲରୁ ଦ୍ୱିଶତକ ହାସଲ କରି କ୍ରିସ୍ ଗେଲଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହା ସହିତ ପ୍ରଥମ ଖେଳାଳି ଭାବରେ ନିଜର ପଦାର୍ପଣ ଶତକକୁ ଦ୍ୱିଶତକରେ ପରିଣତ କରିବାର ସୌଭାଗ୍ୟ ହାସଲ କରିଛନ୍ତି। ଭାରତ ପକ୍ଷରୁ ଚତୁର୍ଥ ବ୍ୟାଟର ଭାବରେ ସେ ଦ୍ୱିଶତକ ହାସଲ କରିଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ରୋହିତ ଶର୍ମା ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ସେହିପରି ଦିନିକିଆରେ ନିଜର ୪୪ତମ ଶତକ ହାସଲ କରିଥିବା ବିରାଟ କୋହଲି ଅନ୍ତର୍ଜାତୀୟ ଶତକ ତାଲିକାରେ ରିକି ପଣ୍ଟିଙ୍ଗ୍‌କୁ ପଛରେ ପକାଇଛନ୍ତି। କୋହଲି ଏସିଆ କପ୍ ଟି୨୦ରେ ଆଫଗାନିସ୍ତାନ ବିପକ୍ଷରେ ଶତକ ସହିତ ପଣ୍ଟିଙ୍ଗଙ୍କ ୭୧ ତମ ଶତକର ସମକକ୍ଷ ହୋଇଥିଲେ। ଶନିବାର ୭୨ ତମ ଶତକ ସହିତ ସେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକଙ୍କୁ ପଛରେ ପକାଇଛନ୍ତି। ସଚିନ ତେନ୍ଦୁଲକର ୧୦୦ ଶତକ ସହିତ ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ:** ୫୦ ଓଭରରେ ୪୦୯/୮(ଇଶାନ କିଶନ- ୨୧୦, ବିରାଟ କୋହଲି-୧୧୩, ୱାଶିଂଟନ୍ ସୁନ୍ଦର-୩୭, ଶାକିବ୍ ଅଲ ହସନ-୨/୬୮, ଏବାଦତ ହୋସେନ୍-୨/୮୦, ଟାସ୍କିନ୍ ଅହମ୍ମଦ-୨/୮୯)।

**ବାଂଲାଦେଶ:** ୩୪ ଓଭରରେ ୧୮୨/୧୦ ( ଶାକିବ ଅଲ ହସନ- ୪୩, ଲିଟନ୍ ଦାସ-୨୯, ୟାସିର ଅଲୀ-୨୫, ଶାର୍ଦ୍ଦୁଳ ଠାକୁର-୩/୩୦, ଅକ୍ଷର ପଟେଲ-୨/୨୨, ଉମ୍ରାନ ମଲିକ-୨/୪୩)।

## ଶାମିଙ୍କ ସ୍ଥାନରେ ଉନାଡ୍‌କଟ


ଜୟଦେବ ଉନାଡ୍‌କଟ

ନୂଆଦିଲ୍ଲୀ, ୧୦।୧୨ (ପି.ଟି.)

ବାଂଲାଦେଶ ବିପକ୍ଷ ଆଗାମୀ କ୍ରିକେଟ ଟେଷ୍ଟ ସିରିଜ ପାଇଁ ଆଘାତପ୍ରାପ୍ତ ମହମ୍ମଦ ଶାମିଙ୍କ ସ୍ଥାନରେ ଭେଟେରାନ ବାମହାତୀ ପେସ୍ ବୋଲର ଜୟଦେବ ଉନାଡ୍‌କଟଙ୍କୁ ଭାରତୀୟ କ୍ରିକେଟ ଦଳରେ ସ୍ଥାନ ମିଳିଛି। ନିକଟରେ ସୌରାଷ୍ଟ୍ରର ବିଜୟ ହଜାରେ ଟ୍ରଫି ବିଜୟରେ ଉନାଡ୍‌କଟ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସେ ରାଜକୋଟ୍‌ଠାରେ ଅଛନ୍ତି। ଭିଜା କାଗଜପତ୍ର ପ୍ରସ୍ତୁତ ସରିବା ପରେ ସେ ଚଟ୍ଟୋଗ୍ରାମ୍‌ରେ ଟେଷ୍ଟ ଦଳରେ ଯୋଗ ଦେଇଥିଲେ। ହାତରେ ଏକ ଇଞ୍ଜୁରି ଯୋଗୁ ଶାମି ସିରିଜରୁ ବାଦ୍ ପଡ଼ିଛନ୍ତି। ବାଂଲାଦେଶରେ ଭାରତ ଦୁଇ ଟେଷ୍ଟ ମ୍ୟାଚ ଖେଳିବ। ୩୧ ବର୍ଷୀୟ ଉନାଡକଟ ୨୦୧୦ରେ ଏକମାତ୍ର ଟେଷ୍ଟ ମ୍ୟାଚ ସେଞ୍ଚୁରିଆନଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ପରେ ସେ ୭ ଅନ୍ତର୍ଜାତୀୟ ଦିନିକିଆ ଓ ୧୦ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସୌରାଷ୍ଟ୍ର ଅଧିନାୟକ ଗତ ବିଜୟ ହଜାରେ ଟ୍ରଫିରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ସେ ୧୦ଟି ଗେମ୍‌ରେ ୧୯ ଉଇକେଟ ଅକ୍ତିଆର କରିଥିଲେ। ମୋଟ ଉପରେ ସେ ୯୬ ପ୍ରଥମଶ୍ରେଣୀ ମ୍ୟାଚରେ ୩୫୩ ଉଇକେଟ ହାସଲ କରିଛନ୍ତି। ବାଂଲାଦେଶ ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳ ଇଞ୍ଜୁରି ସମସ୍ୟାରେ ସଂଘର୍ଷ କରୁଛି। ଅଧିନାୟକ ରୋହିତ ଶର୍ମା ଏବଂ କୁଲଦୀପ ସେନ୍ ଓ ଦୀପକ ଶର୍ମାଙ୍କ ଭଳି ଯୁବ ଖେଳାଳି ଆଘାତପ୍ରାପ୍ତ ହୋଇ ପୂର୍ବରୁ ସିରିଜରୁ ବାଦ୍ ପଡ଼ିସାରିଛନ୍ତି।




# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

ଆଡିଲେଡ୍,୧୦।୧୨(ଏପି)

ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏବେ ସମ୍ପୂର୍ଣ୍ଣ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ଘରୋଇ ଦଳ ଏହାର ପ୍ରଥମ ଇନିଂସ ୫୧୧/୭ରେ ଘୋଷଣା କରିବା ପରେ ଶନିବାର ପୂର୍ବଦିବସ ଅସମାପ୍ତ ସ୍କୋର ୧୦୨/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା ୱେଷ୍ଟଇଣ୍ଡିଜ। ଦଳ ମାତ୍ର ୨ ଘଣ୍ଟା ଖେଳରେ ଏହାର ଅବଶିଷ୍ଟ ୬ ଉଇକେଟ ବିନିମୟରେ ୨୧୪ ରନରେ ଅଲଆଉଟ ହୋଇ ଫଲୋଅନର ସମ୍ମୁଖୀନ ହୋଇଥିଲା। କିନ୍ତୁ ଅଷ୍ଟ୍ରେଲିଆ ଫଲୋଅନ ନ ଦେଇ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୬ ଉଇକେଟ ବିନିମୟରେ ୧୯୯ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଇନିଂସରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୪ଉଇକେଟ ହରାଇ ମାତ୍ର ୩୮ ରନ କରିଛି। ମ୍ୟାଚ ଜିତିବା ପାଇଁ ଦଳ ଆହୁରି ୪୫୯ରନ ଆବଶ୍ୟକ କରୁଛି।


ଉଇକେଟ ନେବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ବୋଲର ସ୍କଟ ବୋଲାଣ୍ଡ

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୫୧୧/୭, ଘୋଷଣା

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୨୧୪ (ଟାଗେନାରିନ୍ ଚନ୍ଦରପଲ-୪୭, ଆଣ୍ଡରସନ ଫିଲିପ୍-୪୩, ରୋଷ୍ଟନ ଚେଜ୍-୩୪ ; ନାଥାନ ଲିୟନ-୩/୫୭, ମାଇକେଲ ନେସେର-୨/୩୪, ମିଚେଲ ଷ୍ଟାର୍କ-୨/୪୮)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୧୯୯/୬, ଘୋଷଣା (ଉସମାନ ଖ୍ୱାଜା-୪୫, ଟ୍ରାଭିସ୍ ହେଡ୍-୩୮*, ଅଲ୍‌ଜାରି ଯୋଶେଫ-୩/୩୩, ମିଚେଲ ଷ୍ଟାର୍କ-୧/୧୧)।

ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୩୮/୪ (ଟଗେନାରିନ ଚନ୍ଦରପଲ-୧୭, ସ୍କଟ ବୋଲାଣ୍ଡ-୩/୯)।

## ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୧୨(ସ୍ପୋର୍ଟ୍ସ ବ୍ୟୁରୋ)

କେଟି ଗ୍ଲୋବାଲ ସ୍କୁଲ ପଡ଼ିଆଠାରେ କାଭି ଓଡ଼ିଶା ଓ କେଟି ଗ୍ଲୋବାଲ ସ୍କୁଲର ମିଳିତ ଆନୁକୂଲ୍ୟରେ ଏବଂ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଦୁଇଦିନିଆ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ନକ୍‌ଆଉଟ ଫର୍ମାଟରେ ଖେଳାଯାଉଥିବା ଟୁର୍ନାମେଣ୍ଟରେ ଓଡ଼ିଶାର ବିଭିନ୍ନ ଜିଲାରୁ ୭ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିବସରେ ରମାଦେବୀ ମହିଳା ବିଶ୍ୱ,ବାଲେଶ୍ୱର, ଲୁଇସ ବ୍ରେଲ ଦୃଷ୍ଟିହୀନ ବିଦ୍ୟାଳୟ ଏବଂ ଭଦ୍ରକ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହେଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ଆଇଆଇଜି ସ୍ପୋର୍ଟସ ଏକାଡେମୀର ସମ୍ପାଦକ ପ୍ରଶାନ୍ତ ପୁହାଣ, କେଟି ଗ୍ଲୋବାଲ ସ୍କୁଲର ଉପଦେଷ୍ଟା ଅରୁଣ କୁମାର ଦାସ,ମିଶନ ଅଲିମ୍ପିକ ସ୍ପୋର୍ଟସ ଫାଉଣ୍ଡେଶନର ଟ୍ରଷ୍ଟି ସନ୍ତୋଷ କୁମାର ମଲ୍ଲିକ ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ, ଆନ୍ତର୍ଜାତିକ କ୍ରିକେଟର ଲିଙ୍ଗରାଜ ରାଉତରାୟ ଏବଂ କାଳିଆ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ।


ଖେଳାଳିମାନେ ପରସ୍ପର ସହ କରମର୍ଦ୍ଦନ କରୁଛନ୍ତି।

## ପରାଜୟ ସତ୍ତ୍ୱେ ଚତୁର୍ଥରେ ଓଏଫ୍‌ସି

ଭୁବନେଶ୍ୱର,୧୦।୧୨(ସ୍ପୋର୍ଟ୍ସ ବ୍ୟୁରୋ)

**ଇଣ୍ଡିଆନ ସୁପର୍ ଲିଗ୍**

ଇଣ୍ଡିଆନ ସୁପର ଲିଗ୍‌ରେ ଶନିବାର ଗୋଆର ଫତୋର୍ଦ୍ଦା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଏଫ୍‌ସି ଗୋଆଠାରୁ ୩-୦ରେ ପରାଜିତ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ନବମ ମ୍ୟାଚରେ ଏହା ଦଳର ତୃତୀୟ ପରାଜୟ ହୋଇଥିଲେ ମଧ୍ୟ ଦଳ ୧୮ ପଏଣ୍ଟ ସହିତ ପଏଣ୍ଟ ଟେବଲରେ ୪ର୍ଥ ସ୍ଥାନ ବଜାୟ ରଖିଛି । ଶନିବାର ମ୍ୟାଚର ୬୫ ତମ ମିନିଟରେ ନନ୍ଦକୁମାର ସେକରଙ୍କୁ ରେଡ୍‌କାର୍ଡ ମିଳିବା ଫଳରେ ଓଏଫ୍‌ସି ଅବଶିଷ୍ଟ ସମୟ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଏହାର ଫାଇଦା ଉଠାଇବା ସହିତ ଗୋଆ ଦଳ ୩ଟି ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲା। ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳ ଗୋଲ ସ୍କୋର କରିପାରି ନ ଥିଲେ। ୩୧ ତମ ମିନିଟରେ ନନ୍ଦକୁମାର ପ୍ରଥମ ୟେଲୋ କାର୍ଡ ପାଇଥିଲେ। ୬୫ ତମ ମିନିଟରେ ତାଙ୍କୁ ଦ୍ୱିତୀୟ ୟେଲୋ କାର୍ଡ ମିଳିବା ସହିତ ସେ ପଡ଼ିଆ ଛାଡିଥିଲେ। ଗୋଆ ପକ୍ଷରୁ ବ୍ରିସନ୍ ଫର୍ନାଣ୍ଡେସ୍(୭୪), ନୋଆ ସଦାଓଇ(୭୮) ଓ ଆଲଭାରୋ ଭାସକ୍ୱେଜ୍(୯୦) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୧୫ ତାରିଖରେ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଏଟିକେ ମୋହନ ବାଗାନକୁ ଭେଟିବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ